بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ: 11

ସାପ୍ତାହିକ

# ବଦର୍

Weekly BADAR Qadian

କାଦିଆନ

Odia

ସଂଖ୍ୟା: 22

ବାର୍ଷିକ ଦେୟ: 600/-

**ସମ୍ପାଦକ:** କମ୍ବୁଲ୍ ହକ୍ ଖାନ୍

**ସହ ସମ୍ପାଦକ:** ସୟଦ୍ ଅତାଉଲ୍ ୱାହାବ୍

10 ଜୁଲ୍ ହଜ୍ଜା, 1447 ହି.କ, 28 ହିଜରତ୍ 1405 ହି.ଶ, 28 May 2026 ମସିହା

www.akhbarbadr.in

## ଅଲ୍ଲାଃତାଲାଙ୍କ ବାଣୀ

**(କୁର୍ବାନୀର ଅଭିପ୍ରାୟ ଧର୍ମପରାୟଣତା, ସତ୍‌ମାର୍ଗ ଓ ଈଶ୍ୱରଙ୍କ ପ୍ରସନ୍ନତା ଅଟେ)**

لَنۡ یَّنَالَ اللّٰہَ لُحُوۡمُہَا وَلَا دِمَآؤُہَا وَلٰکِنۡ یَّنَالُہُ التَّقۡوٰی مِنۡکُمۡ کَذٰلِکَ سَخَّرَہَا لَکُمۡ لِتُکَبِّرُوا اللّٰہَ عَلٰی مَا ہَدٰىکُمۡ وَبَشِّرِ الۡمُحۡسِنِیۡنَ ○

**(ଅଲ୍ ହଜ୍: 38)**

**ଅନୁବାଦ:** ମନେରଖ ! ସେମାନଙ୍କର ମାଂସ ଓ ରକ୍ତ କଦାପି ଅଲ୍ଲାଃଙ୍କ ନିକଟରେ ପହଞ୍ଚେ ନାହିଁ କିନ୍ତୁ ତୁମମାନଙ୍କ ଆନ୍ତରୀକ ଧର୍ମଭୀରୁତା ତାହାଙ୍କ ନିକଟରେ ପହଞ୍ଚେ । ବସ୍ତୁତଃ ଏହିପରି ଭାବେ ଅଲ୍ଲାଃ ସେମାନଙ୍କୁ ତୁମମାନଙ୍କ ସେବାରେ ନିୟୋଜିତ କରିଛନ୍ତି ଯାହା ଫଳରେ କି ତୁମେମାନେ ଅଲ୍ଲାଃଙ୍କର ମହିମା ଗାନ କରିବ । କାରଣ ସେ ତୁମମାନଙ୍କୁ ସତ୍‌ପଥ ପ୍ରଦର୍ଶନ କରାଇଛନ୍ତି ଏବଂ ଇସ୍‌ଲାମ୍ ଧର୍ମ ବିଧିବିଧାନଗୁଡ଼ିକୁ ସଂପୂର୍ଣ୍ଣ ରୂପେ ପାଳନ କରୁଥିବା ପୁଣ୍ୟବାନ୍‌ମାନଙ୍କୁ ତୁମ୍ଭେ ସୁସମାଚାର ପ୍ରଦାନ କର ।

## ଅହମଦିୟା ଖବର

**ଅଲହମଦୁଲିଲ୍ଲାଃ**

ଅଲ୍ଲାଃତାଲାଙ୍କ କୃପାରୁ ହୁଜୁର ଅନ୍‌ୱର୍ ଅ.ବ ସକୁଶଳେ ଅଛନ୍ତି।

ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ବିନମ୍ରତାପୂର୍ବକ ଅନୁରୋଧ କି ସେମାନେ ହୁଜୁର ଅନ୍‌ୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ନିରୋଗ, ଦୀର୍ଘାୟୁ ହେବା ନିମନ୍ତେ ଦୁଆ କରନ୍ତୁ । ସକଳ ଏବଂ ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଓ ହୁଜୁର ଅନ୍‌ୱର୍ ଅ.ବଙ୍କ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ। ଅଲ୍ଲାଃତାଲା ପ୍ରତ୍ୟେକ ମୁହୂର୍ତ୍ତ ହୁଜୁର ଅନ୍‌ୱର୍ ଅ.ବଙ୍କର ରକ୍ଷକ ଓ ସହାୟକ ହୁଅନ୍ତୁ । ଆମିନ୍ ।

## ଆଁହଜରତ୍ ସ.ଅଙ୍କ ବାଣୀ

## ପବିତ୍ର ଇଦୁଲ୍ ଅଜ୍‌ହାର ମାହାତ୍ମ୍ୟ ଏବଂ ବଳିଦାନର ମହତ୍ତ୍ୱ

ହ. ଅନସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଆଁହଜରତ୍ ସ.ଅ ଯେତେବେଳେ ମଦିନା ଆସିଲେ ସେତେବେଳେ ମଦିନାବାସୀ ବର୍ଷରେ ଦୁଇ ଦିନ ଆନନ୍ଦ ଉଲ୍ଲାସ ପର୍ବ ପାଳନ କରୁଥିଲେ । ଆପଣ ସ.ଅ କହିଲେ, ହେ ମଦିନାବାସୀ ! ତୁମେମାନଙ୍କ ନିମନ୍ତେ ଏହି ଦୁଇ ଦିନ ବଦଳରେ ଏହା ଠାରୁ ଉତ୍ତମ ଦିନ ଅଲ୍ଲାଃତାଲା ଧାର୍ଯ୍ୟ କରିଛନ୍ତି । ସେହି ଦୁଇ ଦିନ ହେଲା: 1- ଇଦୁଲ୍ ଫିତର୍ ଏବଂ 2- ଇଦୁଲ୍ ଅଜହା । **(ସୁନନ୍ ଅବି ଦାଉଦ୍, କିତାବୁସ୍ ସଲାତ୍, ବାବୁସ୍ ସଲାତୁଲ୍ ଇଦୈନ୍, ହଦିସ୍ ନଂ-1134)**

ହ. ଆଏଶା ର.ଅ ବର୍ଣ୍ଣନା କରନ୍ତି ଯେ, ଆଁହଜରତ୍ ସ.ଅ କହିଲେ, "ୟୌମୁନ୍ ନହର୍ (ଇଦୁଲ୍ ଅଜ୍‌ହା ଦିନ) ଇବ୍‌ନେ ଆଦମ୍ (ଆଦମ୍ ଅ.ସଙ୍କ ପୁତ୍ର)ଙ୍କ କୌଣସି କୃତ୍ୟ ଅଲ୍ଲାଃତାଲାଙ୍କ ନିକଟରେ ରକ୍ତପାତ (କୁର୍ବାନୀ କରିବା) ଠାରୁ ଅଧିକ ପ୍ରିୟ ନୁହେଁ ।" **(ସୁନନୁତ୍ ତିର୍ମିଜି, କିତାବୁଲ୍ ଅଜ୍‌ହା, ହଦିସ୍ ନଂ-1493, ସୁନନ୍ ଇବ୍‌ନେ ମାଜା, ହଦିସ୍ ନଂ-3126 )**

ହ. ଜୈଦେ୍ ବିନ୍ ଅର୍କମ୍ ର.ଅ ବର୍ଣ୍ଣନା କରନ୍ତି ଯେ, ସାହାବାମାନେ ଆଁହଜରତ୍ ସ.ଅଙ୍କୁ ପଚାରିଲେ ଯେ, ହେ ଅଲ୍ଲାଙ୍କ ବାର୍ତ୍ତାବହ ! ଏ କୁର୍ବାନୀ କ'ଣ ? ଆପଣ ସ.ଅ କହିଲେ, ଏହି କୁର୍ବାନୀ ହେଉଛି ତୁମର ପିତା ଇବ୍ରାହିମ୍ ଅ.ସଙ୍କ ସୁନ୍ନତ୍ (ପ୍ରଥା ବା ରୀତି)। ସାହାବାମାନେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ତହିଁରେ ଆମମାନଙ୍କ ନିମନ୍ତେ କେଉଁ ପୁଣ୍ୟ ରହିଛି ? ପ୍ରତ୍ୟୁତ୍ତରରେ ଆପଣ ସ.ଅ କହିଲେ, ହେ ସାହାବାମାନେ ! ପ୍ରତ୍ୟେକ କେଶ ବଦଳରେ ଗୋଟିଏ ପୁଣ୍ୟ ।" **(ସୁନନ୍ ଇବ୍‌ନେ ମାଜା, କିତାବୁଲ୍ ଅଜ୍‌ହା, ହଦିସ୍ ନଂ-3127)** ☆☆☆

## ହଜରତ୍ ମସିହ୍ ମଉଦ୍ ଅ.ସଙ୍କ ନିତୀବାଣୀ (ତବରରୁକାତେ ହ. ମସିହ୍ ମଉଦ୍ ଅ.ସ)

## କୁର୍ବାନୀର ପ୍ରକୃତ ଭାବାର୍ଥ ଓ ଧର୍ମପରାୟଣତାର ଆତ୍ମା

ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଈଶ୍ୱର ଇସ୍‌ଲାମ୍ ଧର୍ମରେ ଅନେକ ଆବଶ୍ୟକୀୟ ଆଦେଶାବଳୀ ନିମନ୍ତେ ଉଦାହରଣ ସ୍ଥାପନ କରିଛନ୍ତି । ସୁତରାଂ ମନୁଷ୍ୟକୁ ଏହି ଆଦେଶ ଦିଆଯାଇଛି ଯେ, ସେ ନିଜର ସକଳ ଶକ୍ତି ତଥା ସାମର୍ଥ୍ୟକୁ ବିନିଯୋଗ କରି ଏବଂ ନିଜର ସମସ୍ତ ଅସ୍ତିତ୍ୱର ସହିତ ଈଶ୍ୱରଙ୍କ ମାର୍ଗରେ ଉତ୍ସର୍ଗ ହୋଇଯାଉ ।

ସୁତରାଂ ପ୍ରକାଶ୍ୟଗତ ବଳିଦାନ ବା କୁର୍ବାନୀ ସେହି ସ୍ଥିତିରେ ଆଦର୍ଶ ରୂପେ ବିବେଚିତ ହୋଇଥାଏ। କିନ୍ତୁ ପ୍ରକୃତ ଅଭିପ୍ରାୟ ବଳିଦାନ ଅଟେ । ଯେପରିକି ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ କୁହନ୍ତି ଯେ, لَنۡ یَّنَالَ اللّٰہَ لُحُوۡمُہَا وَلَا دِمَآؤُہَا وَلٰکِنۡ یَّنَالُہُ التَّقۡوٰی مِنۡکُمۡ **(ଅଲ୍ ହଜ୍: 38)** ଅର୍ଥାତ୍ ମନେରଖ ! ସେମାନଙ୍କର ମାଂସ ଓ ରକ୍ତ କଦାପି ଅଲ୍ଲାଃଙ୍କ ନିକଟରେ ପହଞ୍ଚେ ନାହିଁ କିନ୍ତୁ ତୁମମାନଙ୍କ ଆନ୍ତରୀକ ଧର୍ମଭୀରୁତା ତାହାଙ୍କ ନିକଟରେ ପହଞ୍ଚେ ।

ବସ୍ତୁତଃ ଏହିପରି ଭାବେ ଅଲ୍ଲାଃ ସେମାନଙ୍କୁ ତୁମମାନଙ୍କ ସେବାରେ ନିୟୋଜିତ କରିଛନ୍ତି ଯାହା ଫଳରେ କି ତୁମେମାନେ ଅଲ୍ଲାଃଙ୍କର ମହିମା ଗାନ କରିବ। କାରଣ ସେ ତୁମମାନଙ୍କୁ ସତ୍‌ପଥ ପ୍ରଦର୍ଶନ କରାଇଛନ୍ତି ଏବଂ ଇସ୍‌ଲାମ୍ ଧର୍ମ ବିଧିବିଧାନଗୁଡ଼ିକୁ ସଂପୂର୍ଣ୍ଣ ରୂପେ ପାଳନ କରୁଥିବା ପୁଣ୍ୟବାନ୍‌ମାନଙ୍କୁ ତୁମ୍ଭେ ସୁସମାଚାର ପ୍ରଦାନ କର । ଅର୍ଥାତ୍ ଅଲ୍ଲାଃତାଲାଙ୍କୁ ଏତେ ଡର ଯେପରିକି ତୁମେ ତାହାଙ୍କ ମାର୍ଗରେ ମୃତ୍ୟୁବରଣ କରିବ । ଯେପରି ତୁମେମାନେ କୁର୍ବାନୀର ଜୀବମାନଙ୍କୁ ଜେବହ୍ କରିଥାଅ ଠିକ୍ ସେହିପରି ତୁମେମାନେ ନିଜକୁ ଈଶ୍ୱରଙ୍କ ମାର୍ଗରେ ଜେବହ୍ (ଉତ୍ସର୍ଗ) କରିଦିଅ ।

ଅତଏବ୍ ଯେତେବେଳେ କୌଣସି ବ୍ୟକ୍ତିର ଧର୍ମାପରାୟଣତା ଏହି ଉତ୍ସର୍ଗ ସ୍ତର ଠାରୁ କମ୍ ଥାଏ ତେବେ ତାହା (ବ୍ୟକ୍ତିର ଧର୍ମପରାୟଣମୂଳକ ଉତ୍ସର୍ଗ ବା ବଳିଦାନ) ବର୍ତ୍ତମାନ ଅପୂର୍ଣ୍ଣ ଓ ଖୁଣଯୁକ୍ତ (ନିକୃଷ୍ଟ) ଅଟେ ।" **(ଚଶ୍‌ମାଏ ମାଆରିଫତ୍, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-23, ପୃ-99)** ☆--☆--☆

## ତଫସିର୍ କବିରରୁ ଉଦ୍ଧୃତ ଆଲେଖ୍ୟ

## କୁର୍ବାନୀର ପ୍ରକୃତ ରହସ୍ୟାତ୍ମକ ତାତ୍ତ୍ୱିକତା ଏବଂ ଧର୍ମପରାଣତାର ସନ୍ଦେଶ

ସୟେଦିନା ହ. ମୁସ୍‌ଲେହ୍ ମଉଦ୍ ର.ଅ ସୁରତୁଲ୍ ହଜର ଆୟତ୍ ସଂଖ୍ୟା 38 لَنۡ یَّنَالَ اللّٰہَ لُحُوۡمُہَا وَلَا دِمَآؤُہَا وَلٰکِنۡ یَّنَالُہُ التَّقۡوٰی مِنۡکُمۡ کَذٰلِکَ سَخَّرَہَا لَکُمۡ لِتُکَبِّرُوا اللّٰہَ عَلٰی مَا ہَدٰىکُمۡ وَبَشِّرِ الۡمُحۡسِنِیۡنَ ର ବ୍ୟାଖ୍ୟା କରି କୁହନ୍ତି: "ମନେରଖ ! କୁର୍ବାନୀରେ ଏହି ରହସ୍ୟ ନୁହେଁ ଯେ, କୁର୍ବାନୀ ଦିଆଯାଇଥିବା ଜୀବର ରକ୍ତ, ମାଂସ ଅଲ୍ଲାଃତାଲାଙ୍କ ପର୍ଯ୍ୟନ୍ତ ପହଞ୍ଚିଥାଏ । ବରଂ ତହିଁରେ ଏହି ରହସ୍ୟ ରହିଛି ଯେ, ସେହି ଜୀବମାନଙ୍କ ଯୋଗୁଁ ତୁମ ମନରେ ଧର୍ମପରାୟଣ ଭାବ ସୃଷ୍ଟି ହୋଇଥାଏ ଓ ଧର୍ମପରାୟଣତାକୁ ହିଁ ଈଶ୍ୱର ପସନ୍ଦ କରନ୍ତି । କେତେକ ଲୋକମାନେ ଆପତ୍ତି କରନ୍ତି ଯେ, ନାଉଜୁବିଲ୍ଲାଃ ! ଈଶ୍ୱର ହିନ୍ଦୁ ଦେବା ଦେବୀଙ୍କ ପରି ରକ୍ତ ପିପାସୁ ଅଟନ୍ତି ଓ ମାଂସ ପାଇଁ କ୍ଷୁଧାର୍ତ୍ତ (ଭୋକିଲା) ଅଟନ୍ତି ? ଅର୍ଥାତ୍ ସେ ଜୀବମାନଙ୍କର କୁର୍ବାନୀ କରିବାର ଆଦେଶ ଦିଅନ୍ତି, ସେ ଜୀବମାନଙ୍କର ଜୀବନର କୁର୍ବାନୀକୁ ଆଗ୍ରହର ସହିତ ସ୍ୱୀକାର କରିଥାଆନ୍ତି ଏବଂ କୁର୍ବାନୀ ଦେଉଥିବା ବ୍ୟକ୍ତିମାନଙ୍କୁ ସ୍ୱର୍ଗର ଶୁଭ ସୂଚନା ପ୍ରଦାନ କରିଥାଆନ୍ତି। ଏହାର ଉତ୍ତର ଅଲ୍ଲାଃତାଲା ଏହି ଆୟତ୍‌ରେ ପ୍ରଦାନ କରିଛନ୍ତି ଯେ, କୁର୍ବାନୀରେ ଏହି ରହସ୍ୟ ତଥା ତତ୍ତ୍ୱ ନିହିତ ନୁହେଁ ଯେ, ସେମାନଙ୍କର ମାଂସ କିମ୍ବା ସେମାନଙ୍କର ରକ୍ତ ଈଶ୍ୱରଙ୍କ ପର୍ଯ୍ୟନ୍ତ ପହଞ୍ଚିଥାଏ । ଅତଏବ୍ ଯେଉଁ ଲୋକମାନେ ଛେଳୀ, ମେଣ୍ଢା, ଖାସି ଗାଈ କିମ୍ବା ଓଟମାନଙ୍କର କୁର୍ବାନୀ କରି ଏହା ମନେକରି ନିଅନ୍ତି ଯେ, ସେମାନେ ଅଲ୍ଲାଃତାଲାଙ୍କୁ ପ୍ରାପ୍ତ କରି ନେଇଛନ୍ତି, ତେବେ ସେମାନେ ଭୁଲ୍ କରୁଛନ୍ତି । ଅଲ୍ଲାଃତାଲା ସ୍ପଷ୍ଟ ଭାବରେ କହିଛନ୍ତି ଯେ, ଏହା କୌଣସି ପ୍ରସଙ୍ଗ ନୁହେଁ ଯେ, ନିଜେ ଜୀବ ଜେବହ୍ କଲା ଏବଂ ସ୍ୱୟଂ ହିଁ ଜୀବର ମାଂସ ଭକ୍ଷଣ (ଖାଇନେଲା) କରିନେଲା। ତହିଁରୁ ଅଲ୍ଲାଃତାଲାଙ୍କର କିଛି ଯାଏ ଆସେ ନାହିଁ । ପ୍ରକାଶ୍ୟ ଭାଷାରେ ଏକ ବାସ୍ତବତାର ପରିପ୍ରକାଶ ଅଟେ । ଅର୍ଥାତ୍ କୁର୍ବାନୀରେ ଗଭୀର ରହସ୍ୟ ନିହିତ ରହିଛି । ଯେପରି ଚିତ୍ର ଆଙ୍କୁଥିବା ବ୍ୟକ୍ତିମାନେ ସର୍ବଦା ଚିତ୍ର ଆଙ୍କିଥାଆନ୍ତି । କିନ୍ତୁ ସେମାନଙ୍କର ଅଭିପ୍ରାୟ କେବଳ ଚିତ୍ର ଅଙ୍କନ କରିବା ନୁହେଁ ବରଂ ସେହି ଚିତ୍ର ମାଧ୍ୟମରେ ଜାତି ସମ୍ମୁଖରେ କେତେକ ପ୍ରମୁଖ ପ୍ରସଙ୍ଗକୁ ଉପସ୍ଥାପିତ କରିବା ମୂଳାଭିପ୍ରାୟ **(ଅବଶିଷ୍ଟାଂଶ.....ପୃ-11ରେ)**

**ସମ୍ପାଦକୀୟ**

## ହଜ୍ଜେ ବୈତୁଲ୍ଲାଃ ଏବଂ ପବିତ୍ର ଇଦୁଲ୍ ଅଜ୍‌ହା

ଇସ୍‌ଲାମ୍ ଧର୍ମର ସ୍ତମ୍ଭ ମଧ୍ୟରୁ ପଞ୍ଚମ ସ୍ତମ୍ଭ ହେଲା ହଜ୍ । ହଜ୍‌ର ଅନିର୍ବାର୍ଯ୍ୟତା ଏବଂ ଉପାସନାର ସବିଶେଷ ବିବରଣୀ ପବିତ୍ର କୁରଆନ୍ କରୀମ୍‌ରେ ବର୍ଣ୍ଣିତ ହୋଇଛି ଏବଂ ଆଁହୁଜୁର୍ ସ.ଅ ସ୍ୱୟଂ ହଜ୍ କରି ସେହି ଉପାସନା ତଥା କୁର୍ବାନୀ ଉପରେ କାର୍ଯ୍ୟାନୁସରଣ କରିବାର ପ୍ରଥା ମଧ୍ୟ ଧର୍ମାବଲମ୍ବୀମାନଙ୍କ ନିମନ୍ତେ ପ୍ରଣୟନ କରିଥିଲେ। ଅତଏବ୍ ସୁରାଃ ଆଲେ ଇମ୍ରାନ୍‌ର ଆୟତ୍ ସଂଖ୍ୟା ୨୮ରେ ଅଲ୍ଲାଃତାଲା କୁହନ୍ତି ଯେ, ଯେଉଁମାନଙ୍କର ଏଠାକୁ ଆସିବା ସକାଶେ ସମାର୍ଥ୍ୟତା ରହିଛି ଅଲ୍ଲାଃ ସେମାନଙ୍କ ପାଇଁ ଏହି ଗୃହକୁ ହଜ୍ ଯାତ୍ରାରେ ଆସିବା ନିମନ୍ତେ ବେଧେୟ ଓ ଅନିର୍ବାର୍ଯ୍ୟ କରିଛନ୍ତି ।

ପୁନଶ୍ଚ ସୁରତୁଲ୍ ହଜ୍‌ର ଆୟତ୍ ସଂଖ୍ୟା 28ରେ କହିଲେ, "ଏବଂ ଲୋକମାନଙ୍କ ମଧ୍ୟରେ ଘୋଷଣା କର ଯେ, ସେମାନେ ହଜ୍ ଉଦ୍ଦେଶ୍ୟରେ ତୁମ୍ଭ ନିକଟକୁ ଚାଲି ଚାଲି ଓ ଏପରି ବାହାନାରେ ଆସନ୍ତୁ ଯାହା ଦୀର୍ଘ ଯାତ୍ରା ଯୋଗୁଁ ଶୀର୍ଣ୍ଣ ହୋଇଯାଇଥିବ ଓ ଦୂର ଦୂରାନ୍ତରୁ ଗଭୀର ପଥ ଅତିକ୍ରମ କରି ଆସିଥିବେ ।"

ହଜ୍ ସଂପର୍କିତ ଉପାସନା ତଥା କର୍ମକାଣ୍ଡର ଚର୍ଚ୍ଚା କରି ଅଲ୍ଲାଃତାଲା ସୁରତୁଲ୍ ବକ୍ରାହ୍‌ର ଆୟତ୍ ସଂଖ୍ୟା 159ରେ କୁହନ୍ତି: "ନିଃଶ୍ଚିତ ରୂପେ ସଫା ଏବଂ ମରୁୱା ଅଲ୍ଲାଃତାଲାଙ୍କ ନିଦର୍ଶନମାନଙ୍କ ମଧ୍ୟରୁ ଅନ୍ୟତମ ନିଦର୍ଶନ ଅଟନ୍ତି । ସୁତରାଂ ଯେଉଁ ବ୍ୟକ୍ତି ଏହି ଗୃହ (ଅର୍ଥାତ୍ କା'ବା)ର ହଜ୍ ବା ଉମ୍‌ରା କରେ ସେ ଏହି ଅର୍ଥାତ୍ ଦୁଇ ପାହାଡ଼ ମଧ୍ୟରେ ଦ୍ରୁତ ଗତିରେ ଚାଲିବାରେ କୌଣସି ପାପ ନାହିଁ ଏବଂ ଯେଉଁ ବ୍ୟକ୍ତି ସ୍ୱ ଇଚ୍ଛାରେ କୌଣସି କାର୍ଯ୍ୟ କରେ ତେବେ ସେ ଜାଣିରଖୁ ଯେ, ଅଲ୍ଲାଃତାଲା ତାହାର ପୁଣ୍ୟ କାର୍ଯ୍ୟରେ ଗୁଣଗ୍ରାହୀ ଓ ସେ ହିଁ ସର୍ବଜ୍ଞ ।"

ପୁନଶ୍ଚ ସୁରତୁଲ୍ ବକ୍ରାହ୍‌ର ଆୟତ୍ ସଂଖ୍ୟା 196-201ରେ ହଜର ବିସ୍ତୃ ବିବରଣୀର ଉଲ୍ଲେଖ ରହିଛି । ହଜର ରହସ୍ୟ ଏବଂ ଦର୍ଶନ ସଂପର୍କରେ ବର୍ଣ୍ଣନା କରି ସୟେଦିନା ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ସାଲିକ୍ (ସୁଫିବାଦର ପରିଭାଷାରେ ଈଶ୍ୱରଙ୍କ ସାନ୍ନିଧ ଅର୍ଜନକାରୀ ବ୍ୟକ୍ତି)ର ଶେଷ ପର୍ଯ୍ୟାୟ ଏହିକି ଯେ, ସେ ନିଃସ୍ୱାର୍ଥ ଆତ୍ମା ହୋଇ ଅଲ୍ଲାଃତାଲାଙ୍କୁ ପ୍ରେମ କରୁ ଏବଂ ଈଶ୍ୱରଙ୍କ ପ୍ରେମରେ ନିଜକୁ ହଜାଇ ଦେଉ । ଯିଏ ପ୍ରକୃତ ପ୍ରେମୀ ଓ ପ୍ରେମିକ ହୋଇଥାଏ ସେ ନିଜର ପ୍ରାଣ ଏବଂ ନିଜର ହୃଦୟକୁ ଉତ୍ସର୍ଗ କରି ଦେଇଥାଏ ଓ ବୈତୁଲ୍ଲାଃର ପରିକ୍ରମା ସେହି ବଳିଦାନ ସକାଶେ ଏକ ପ୍ରକାଶ୍ୟଗତ ନିଦର୍ଶନ ଅଟେ । ଯେପରିକି ଭୂମି ଉପରେ ଗୋଟିଏ ବୈତୁଲ୍ଲାଃ ଅବସ୍ଥିତ ଠିକ୍ ସେହିପରି ଗୋଟିଏ ବୈତୁଲ୍ଲାଃ ଆକାଶ ଉପରେ ମଧ୍ୟ ଅବସ୍ଥିତ ଅଟେ । ଯେପର୍ଯ୍ୟନ୍ତ ମନୁଷ୍ୟ ସେହି (ଭୂମି ଉପରେ ଥିବା) ବୈତୁଲ୍ଲାଃର ପରିକ୍ରମା କରିନେଇ ନାହିଁ ସେପର୍ଯ୍ୟନ୍ତ ଏହି (ଆକାଶ ଲୋକରେ ଥିବା) ବୈତୁଲ୍ଲାଃର ମଧ୍ୟ ପରିକ୍ରମା ଗ୍ରହଣୀୟ ହୋଇପାରିବ ନାହିଁ । ଏହି ଭୂମି ଉପରେ ଥିବା ବୈତୁଲ୍ଲାଃ ପରିକ୍ରମା କରୁଥିବା ବ୍ୟକ୍ତି ଗୋଟିଏ ବସ୍ତ୍ର ପରିଧାନ କରି ନେଇଥାଏ, ଏହି ବୈତୁଲ୍ଲାଃର ପରିକ୍ରମା କରୁଥିବା ବ୍ୟକ୍ତି ରଙ୍ଗୀନ ବସ୍ତ୍ର ଓହ୍ଲାଇ ଈଶ୍ୱରଙ୍କ ସକାଶେ ନିର୍ବସ୍ତ୍ର ହୋଇ ଯାଇଥାଏ । ଅଲ୍ଲାଃତାଲାଙ୍କ ସହିତ୍ ପ୍ରେମ କରିବା ପ୍ରେମିକର ଏକ ନିଦର୍ଶନ ଅଟେ । ପ୍ରେମିକମାନେ ତାହାଙ୍କ ଅର୍ଥାତ୍ ପ୍ରଭୁଙ୍କ ଘରର ପରିକ୍ରମା କରିଥାଆନ୍ତି । ଅର୍ଥାତ୍ ନିଜର ଇଚ୍ଛା ଆଉ ରଖି ନଥାଆନ୍ତି । ସେମାନେ ତାହାଙ୍କ ଘରର ଆଖପାଖରେ ଉତ୍ସର୍ଗ ହୋଇଥାଆନ୍ତି ।

**(ଅଲ୍ ବଦର୍, 1907 ମସିହା ଜାନୁୟାରୀ ମାସ 15 ତାରିଖ)**

ହଜ୍ ସକାଶେ ଆର୍ଥିକ ସାମର୍ଥ୍ୟତା, ସ୍ୱାସ୍ଥ୍ୟ, ମାର୍ଗର ଶାନ୍ତି ହେବା ନିହାତି ଜରୁରୀ ଅଟେ । ଅର୍ଥାତ୍ ସର୍ତ୍ତ ଓ ଅନିର୍ବାର୍ଯ୍ୟତା ଉଦ୍ଦିଷ୍ଟ ଅଟେ । ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଯେଉଁ ବ୍ୟକ୍ତି ଆର୍ଥିକ ସଂକଟ, ଅର୍ଥାଭାବ କିମ୍ବା ମାର୍ଗ ଭଲ ନଥିବା, ଅସୁସ୍ଥତା ଓ ଦୁର୍ବଳତା ଯୋଗୁଁ ହଜ୍ ତୀର୍ଥ କରିପାରେ ନାହିଁ ଓ ଉଦ୍ଦେଶ୍ୟ ରଖିଥାଏ ଯେ, ବାଧା ବିଘ୍ନ ଦୂର ହେବା ପରେ ସେ ହଜ୍ ତୀର୍ଥ କରିବ ତେବେ ସେହି ବ୍ୟକ୍ତି ସେହିପରି ଅଟେ ଯେପରି ହଜ୍ ତୀର୍ଥଯାତ୍ରୀ ଅଟେ ।"

**(ଅଲ୍ ଫଜଲ୍, 1922 ମସିହା, ମେ ମାସ 04 ତାରିଖ)**

ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି: "ଚତୁର୍ଥ ଆଦେଶ ହଜ୍ ଅଟେ । ଯଦି ଯାତ୍ରା କରିବା ନିମନ୍ତେ ଅର୍ଥ ପାଖରେ ଥାଏ, ମାର୍ଗ ସୁଗମ ଥାଏ, କୌଣସି ବିପଦ ନଥାଏ, ସନ୍ତାନମାନଙ୍କର ଦେଖାଶୁଣା ଓ ସୁରକ୍ଷା ପାଇଁ ଆବଶ୍ୟକତ ଜିନିଷ ପତ୍ର ଉପଲବ୍ଧ ଥାଏ ତେବେ ଜୀବନରେ ଥରେ ହଜ୍ କରିବାର ଆଦେଶ ରହିଛି । "

**(ଅଲ୍ ଇଜ୍‌ହାର୍ ଲୁଜୁୱାତିଲ୍ ଖୁମାରି, ପୃ-24)**

ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି: "ଯଦି ଅଲ୍ଲାଃତାଲା କୌଣସି ବ୍ୟକ୍ତିକୁ ସାମର୍ଥ୍ୟ ପ୍ରଦାନ କରନ୍ତି ତେବେ ସେହି ବ୍ୟକ୍ତି ଅବଶ୍ୟ ହଜ୍ କରିବା ଉଚିତ୍ । କିନ୍ତୁ ହଜ୍ ନିମନ୍ତେ ଏହି ସର୍ତ୍ତ ରହିଛି ଯେ, ବ୍ୟକ୍ତି ପାଖରେ ଧନ ରହିଥିବା ଉଚିତ୍, ପଥ ସୁଗମ ଓ ଶାନ୍ତିପୂର୍ଣ୍ଣ ହେବା ଉଚିତ୍ । ସେହିପରି ଯଦି ହଜ୍ ତୀର୍ଥକାରୀଣୀ ମହିଳା ଥାଏ ତେବେ ସେପରିପ୍ରେକ୍ଷୀରେ ତା'ସହିତ ତା'ର ସ୍ୱାମୀ, ପୁତ୍ର, ପୁତୁରା କିମ୍ବା ଏପରି କୌଣସି ମୁରବୀ ସଂପର୍କୀୟ ସେହି ମହିଳା ସହିତ ଯିବେ ।" **(ଅଲ୍ ଇଜ୍‌ହାର୍ ଲୁଜୁୱାତିଲ୍ ଖୁମାରି, ପୃ-47)**

ସନ୍ 6 ହିଜ୍ରୀରେ ଆଁହଜରତ୍ ସ.ଅ ସୁଲାହ୍ ହୁଦୈବିୟାହ୍ ଅବସରରେ ହଜ୍ ଉଦ୍ଦେଶ୍ୟ ନେଇ ଘରୁ ବାହାରିଲେ । କିନ୍ତୁ ଆପଣ ସ.ଅଙ୍କୁ ହଜ୍ ଓ ଉମ୍‌ରାହ୍ କରିବାରୁ ଅଟକାଇ ଦିଆଗଲା । ଆପଣ ସ.ଅ ସେହି ବର୍ଷ ହଜ୍ ଓ ଉମ୍ରାହ୍ କଲେ ନାହିଁ । ଆପଣ ସ.ଅ ଅବିଶ୍ୱାସକାରୀମାନଙ୍କ ସହିତ ସେହି ବର୍ଷ ସନ୍ଧି ସ୍ଥାପନ କଲେ । ଆପଣ ସ.ଅ ଯେଉଁ କୁର୍ବାନୀର ଜୀବମାନଙ୍କୁ ସାଙ୍ଗରେ ବହନ୍ କରି ନେଇଥିଲେ (ନେଇକି ଯାଇଥିଲେ) ତାହାକୁ ଆପଣ ସ.ଅ ଜେବହ୍ କରିଦେଲେ ଓ ଆପଣ ସ.ଅଙ୍କୁ ଦେଖି ସୁନ୍ନତ୍ (ପ୍ରଥା ବା ରୀତି) କ୍ରମେ ସାହାବାମାନେ ମଧ୍ୟ ନିଜର ଜୀବମାନଙ୍କୁ ଜେବହ୍ କରିଦେଲେ । ଯେତେବେଳେ ଆପଣ ସ.ଅଙ୍କୁ ହଜ୍ କରିବାରୁ ଅଟକାଇ ଦିଆଗଲା ସେତେବେଳେ ଆପଣ ସ.ଅ ଆଉ ହଜ୍ କଲେ ନାହିଁ, ବରଂ ଶାନ୍ତି ମାର୍ଗକୁ ଅବଲମ୍ବନ କଲେ । ଆପଣ ସ.ଅଙ୍କ ସେହି କୃତ୍ୟ ବା ଆଚରଣ ଭବିଷ୍ୟତ ପାଇଁ ମହାନ ବିଜୟର ଦ୍ୱାରା ଉନ୍ମୁକ୍ତ କଲା ।

**ପବିତ୍ର ଇଦୁଲ୍ ଅଜ୍‌ବା ବା କୁର୍ବାନୀର ଇଦ୍:**

10 ଜୁଲ୍ ହଜ୍ଜା ମାସାର ପବିତ୍ର ଇଦୁଲ୍ ଅଜହା ପର୍ବ ପାଳନ କରାଯାଇଥାଏ । ଏହି ପର୍ବ ବା ଇଦ୍‌କୁ କୁର୍ବାନୀର ଇଦ୍ ମଧ୍ୟ କୁହାଯାଏ ଓ ଉପମହାଦେଶ ଯଥା ଭାରତ ଓ ପାକିସ୍ତାନରେ ଏହି ଇଦ୍‌କୁ ବଡ଼ି ଇଦ୍ (ବଡ଼ ଇଦ୍) ମଧ୍ୟ କୁହାଯାଇଥାଏ। ଏହି ଇଦ୍ ବଳିଦାନର ଉତ୍ସାହକୁ ଜାଗ୍ରତକାରୀ ରୂପେ ଓ ହ. ଇବ୍ରାହିମ୍ ଅ.ସ, ଏବଂ ହ. ଇସ୍‌ମାଇଲ୍ ଅ.ସଙ୍କ ମହାନ ବଳିଦାନର ସ୍ମୃତିରେ ପାଳନ କରାଯାଇଥାଏ । ହ. ଇବ୍ରାହିମ୍ ଅ.ସ ନିଜର ସ୍ୱପ୍ନରେ ନିଜର ପୁତ୍ର ହ. ଇସ୍‌ମାଇଲ୍ ଅ.ସଙ୍କୁ ଜେବହ୍ କରୁଥିବା ଦେଖିଲେ । ପୁନଶ୍ଚ ଏହି ସ୍ୱପ୍ନକୁ ପ୍ରକାଶ୍ୟ ରୂପେ ପୂରଣ ତଥା ସାକାରା କରିବା ନିମନ୍ତେ ଆପଣ ଅ.ସ ନିଜର ଆଜ୍ଞାକାରୀ ପୁତ୍ରକୁ ମଧ୍ୟ ଏଥି ନିମନ୍ତେ ପ୍ରସ୍ତୁତ କରାଇଲେ । ସେତେବେଳେ ଅଲ୍ଲାଃତାଲା କହିଲେ, ହେ ଇବ୍ରାହିମ୍ ! ତୁମ୍ଭେ ନିଜର ସ୍ୱପ୍ନକୁ ବହୁ ପୂର୍ବେ ସାକାର କରି ସାରିଛ ।

ଇଦୁଲ୍ ଅଜ୍‌ହା ଦିନ ଆଁହଜରତ୍ ସ.ଅଙ୍କ ଏହି ଅଭ୍ୟାସ ରହିଥିଲା ଯେ, ଆପଣ ସ.ଅ ଇଦ୍ ନମାଜ ପୂର୍ବରୁ  କିଛି ଆହାର ଖାଉ ନଥିଲେ । ଅପରପକ୍ଷେ ଇଦୁଲ୍ ଫିତର୍ ଅବସରରେ ଆପଣ ସ.ଅ କିଛି ଖାଇ ଇଦ୍ ନମାଜ୍ ପାଠ କରିବାକୁ ଯାଉଥିଲେ । ଇଦୁଲ୍ ଅଜ୍‌ହା ଅବସରରେ କୁର୍ବାନୀର ଜୀବ ଜେବହ୍ ହେବା ପରେ ସେହି ଜୀବନର ମାଂସ ସେବନ କରୁଥିଲେ । ଆପଣ ସ.ଅଙ୍କର ଏହି ପନ୍ଥା ମଧ୍ୟ ରହିଥିଲା ଯେ, ଆପଣ ସ.ଅ ଇଦ୍‌ଗାହ୍ ଠାରେ ଜୀବ ଜେବହ୍ କରୁଥିଲେ । ଆପଣ ସ.ଅ ଦୁଇଟି ଜୀବ ଜେବହ୍ କରୁଥିଲେ । ଗୋଟିଏ ଜୀବ ନିଜ ତରଫରୁ ଜେବହ୍ କରୁଥିଲେ ଏବଂ ଅନ୍ୟ ଏକ  ଜୀବ ନିଜ ଧର୍ମାବଲମ୍ବୀମାନଙ୍କ ପକ୍ଷରୁ ଉପସ୍ଥାପିତ କରୁଥିଲେ ।

ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ହୃଦୟର ପବିତ୍ରତା ହିଁ ପ୍ରକୃତ ବଳିଦାନ ଅଟେ । ରକ୍ତ ଓ ମାଂସ ପ୍ରକୃତ ବଳିଦାନ ନୁହେଁ । ଯେଉଁ ସ୍ଥାନରେ ସାଧାରଣ ଲୋକମାନେ ଜୀବମାନଙ୍କର ବଳିଦାନ ଦେଇଥାଆନ୍ତି ସେଠାରେ ବିଶେଷ ଲୋକମାନେ ହୃଦୟକୁ ଜେବହ୍ କରିଥାଆନ୍ତି । କିନ୍ତୁ ଈଶ୍ୱର ଏହି ବଳିଦାନର ପରମ୍ପରାକୁ ବନ୍ଦ କଲେ ନାହିଁ । କାରଣ ଏହା ଜ୍ଞାତ ହେଉ ଯେ, ସେହି ସବୁ ବଳିଦାନର ସଂପର୍କ ମଧ୍ୟ ମନୁଷ୍ୟ ସହିତ ରହିଛି ।"

**(ବରାହିନେ ଅହମଦିୟା, ଭାଗ-5, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-21, ପୃ-424)**

ହ. ମୁସ୍‌ଲେହ୍ ମଉଦ୍ ର.ଅ ଇଦୁଲ୍ ଅଜ୍‌ହା ଦିନ ନଫ୍‌ଲୀ ରୋଜା ସଂପର୍କରେ ବର୍ଣ୍ଣନା କରନ୍ତି: "ରସୁଲୁଲ୍ଲାଃ ସ.ଅଙ୍କ ଉକ୍ତ ପନ୍ଥା ପ୍ରମାଣିତ ଯେ, ଆପଣ ସ.ଅ ସ୍ୱାସ୍ଥ୍ୟାବସ୍ଥାରେ ଥିବା ବେଳେ କୁର୍ବାନୀ ଜେବହ୍ କରି ଖାଦ୍ୟ କାଉଥିଲେ । କିନ୍ତୁ ନଫ୍‌ଲୀ ରୋଜା ଏପରି ନୁହଁ ଯେ, ଯଦି କୌଣସି ବ୍ୟକ୍ତି ନଫ୍‌ଲୀ ରୋଜା ନରଖେ ତେବେ ସେ ଦୋଷୀ ଓ ପାପୀ ହୋଇଯିବ । ନା । ନଫ୍‌ଲୀ ରୋଜା ବାଧ୍ୟତାମୂଳକ ରୋଜା ନୁହେଁ । ଯଦି କେହି ନଫ୍‌ଲୀ ରୋଜା ରଖେ ତେବେ ଏହା ତା' ପାଇଁ ଉତ୍ତମ ଅଟେ । ଯେଉଁ ବ୍ୟକ୍ତି ନଫ୍‌ଲୀ ରୋଜା ରଖି ପାରୁଛି ସେ ରଖୁ । କିନ୍ତୁ ଯେଉଁ ବ୍ୟକ୍ତି ଅସୁସ୍ଥ, ବୃଦ୍ଧ ବ୍ୟକ୍ତି ଅନ୍ୟ ରୋଜା ବି ନରଖି ପାରିଲା ତେବେ ସେ ବାଧ୍ୟ ନୁହେଁ ଏବଂ ରୋଜା ନରଖିବା ଯୋଗୁଁ ସେ ଦୋଷୀ ଓ ପାପୀ ହୋଇଯିବ ନାହିଁ.........ମୁଁ ହ. ମସିହ୍ ମଉଦ୍ ଅ.ସଙ୍କୁ ସ୍ୱାସ୍ଥ୍ୟାବସ୍ଥାରେ ଏହାକୁ କାର୍ଯ୍ୟାକାରୀ କରୁଥିବାର ଦେଖିଅଛି । ଅର୍ଥାତ୍ ଆପଣ ସ.ଅ ସ୍ୱାସ୍ଥ୍ୟାବସ୍ଥାରେ ମଧ୍ୟ ନଫ୍‌ଲୀ ରୋଜା ରଖୁଥିଲେ ।" **(ଖୁତ୍‌ବାତେ ମହ୍‌ମୁଦ୍, ଗ୍ରନ୍ଥଖଣ୍ଡ-2, ପୃ-263)**

କୁର୍ବାନୀର ଜୀବ ପାଇଁ ଏହି ସର୍ତ୍ତ ରହିଛି ଯେ, ଜୀବଟି ଖୁଣଯୁକ୍ତ (ସୁସ୍ଥ ସବଳ), ବିକଳାଙ୍ଗ, ରୋଗୀଣା, କାନ କଟା ଓ ସିଂଘ ଭଙ୍ଗା ହୋଇ ନଥିବା ଉଚିତ୍ । ଏତଦ୍‌ଭିନ୍ନ ଜୀବଟି ସୁସ୍ଥ ସବଳ ଥିବା ଉଚିତ୍ । କୁର୍ବାନୀର ସମୟ ଇଦୁଲ୍ ଅଜ୍‌ହା ନମାଜ୍ ପାଠ ପରେ ଆରମ୍ଭ ହୋଇଥାଏ ଏବଂ ତିନି ଦିନ ପର୍ଯ୍ୟନ୍ତ ଜାରି ରହିଥାଏ । କୁର୍ବାନୀର ମାଂସ ସ୍ୱୟଂ ମଧ୍ୟ ବ୍ୟବାହାର କରିପାରିବେ ଏବଂ କୁର୍ବାନୀର ମାଂସ ପ୍ରିୟଜନ (ଆତ୍ମୀୟ ସ୍ୱଜନମାନଙ୍କୁ) ଓ ଅଭାବି ଦୀନ ଦରିଦ୍ରମାନଙ୍କୁ ମଧ୍ୟ ଦେବା ଉଚିତ୍ ।

ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି: " କୁର୍ବାନୀର ମାଂସ ସଂପର୍କରେ ଏହି ଆଦେଶ ରହିଛି ଯେ, କୁର୍ବାନୀର ମାଂସକୁ ସଦ୍‌କା (ଦାନ) କରାଯାଇ ପାରିବ ନାହିଁ । ତେଣୁ ଏହା ଉଚିତ୍ ହେବ ଯେ, କୁର୍ବାନୀ ଦେଉଥିବା ବ୍ୟକ୍ତି ନିଜେ ମାଂସ ଖାଆନ୍ତୁ ଓ ଅନ୍ୟମାନଙ୍କୁ ମଧ୍ୟ ଦିଅନ୍ତୁ । କୁର୍ବାନୀର ମାଂସକୁ ଶୁଖାଇ ମଧ୍ୟ ପାରିବେ । କୁର୍ବାନୀର ମାଂସ ଧନୀ ଦରିଦ୍ର ସମସ୍ତଙ୍କୁ ଦିଅନ୍ତୁ । ଏହା ଦ୍ୱାରା ପ୍ରେମ ଓ ଆନ୍ତରୀକତା ଭାବ ସୃଷ୍ଟି ହୋଇଥାଏ। କିନ୍ତୁ ଇସ୍‌ଲାମ୍ ଧର୍ମରେ କେବଳ ଧନୀ ଲୋକମାନଙ୍କୁ କୁର୍ବାନୀର ମାଂସ ଦେବା ସଂପୂର୍ଣ୍ଣ ରୂପେ ବାରଣ କରାଯାଇଛି ଓ କେବଳ ଗରିବ ଲୋକମାନଙ୍କୁ କୁର୍ବାନୀର ମାଂସ ଦେବା ଏବଂ ଧନୀ ଲକୋମାନଙ୍କୁ ମାଂସ ନଦେବା ମଧ୍ୟ ଠିକ୍ **(ଅବଶିଷ୍ଟାଂଶ...ପୃ-11ରେ)**

(ଖୁତ୍‌ବା ଜୁମା)

**ସିୟାଲକୋଟ୍ ଜିଲ୍ଲାର ପୂର୍ବତନ ଅମୀର୍ ତଥା ବର୍ତ୍ତମାନିକ ଅମୀର୍ ଶ୍ରୀଯୁକ୍ତ ସ୍ୱର୍ଗତ ଜଫର୍ ଅହମଦ୍ ଖାନ୍ ସାହେବ ଏବଂ ବୁର୍କିନାଫାସୋର ସ୍ୱର୍ଗତ ଶହୀଦ୍ ଉଦ୍ରା ଗୁହାଲିଦୋ ସାହେବଙ୍କର ଉତ୍ତମ ଚର୍ଚ୍ଚା ଓ ନମାଜ୍ ଯନାଜାଃ ଗାଏବ୍ ।**

**ଖୁତ୍‌ବା ଜୁମା 03 April 2026 ମସିହା ଅନୁଯାୟୀ ୦୩ ଶାହାଦତ୍ ୧୪୦୫ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ୍ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

ଖୁତ୍‌ବାର ଉକ୍ତ ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତାର ସହିତ ପ୍ରକାଶିତ କରାଯାଉଛି ରାଯାଉଛି।

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ۔ أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ۔ اَلْحَمْدُ لِلّٰهِ رَبِّ الْعٰلَمِيْنَ۔ اَلرَّحْمٰنِ الرَّحِيْمِ۔ مٰلِكِ يَوْمِ الدِّيْنِ۔ إِيَّاكَ نَعْبُدُ وَإِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ۔ صِرَاطَ الَّذِيْنَ أَنْعَمْتَ عَلَيْهِمْ۔ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ۔

ତଶହ୍ହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ କହିଲେ, ଆଁହଜରତ୍ ସ.ଅଙ୍କ ମନରେ ସଂସାରରେ ଏକେଶ୍ୱରବାଦ ସ୍ଥାପନ କରିବା ନିମନ୍ତେ ଯେଉଁ ବେଦନା ରହିଥିଲା, ଯେଉଁ ଉଦ୍ୟମ ରହିଥିଲା, ଯେଉଁ ସାହସିକତା ରହିଥିଲା ଏବଂ ଶିର୍କର ପ୍ରତ୍ୟେକ ପକ୍ଷ ତୁଳନାରେ ଆପଣ ସ.ଅଙ୍କର ଏକ ଶକ୍ତ ଚଟ୍ଟାଣ ପରି ଛିଡ଼ା ହୋଇଯିବା, ପ୍ରତ୍ୟେକ ଜାତିର ଶିର୍କର ଚିନ୍ତାଧାରା ଏବଂ ଶିକ୍ଷା, ସତ୍ୟ ବିରୁଦ୍ଧୀୟ କଥନ ସଂପର୍କରେ ଆମେମାନେ ପୂର୍ବରୁ ପଢି ଆସିଛୁ । ଅତଏବ୍ ଏଥି ସଂକ୍ରାନ୍ତରେ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଏହା ଚିନ୍ତା କରିବା ଉଚିତ୍ ଯେ, ଆଁହଜରତ୍ ସ.ଅ କିପରି ଅବିଚଳତାର ସହିତ ନିଜର ଅବତାରତ୍ୱ ସଂପର୍କିତ ଦାବି ଯେତେବେଳେ ଉପସ୍ଥାପିତ କଲେ ସେତେବେଳେ ଆପଣ ସ.ଅଙ୍କ ବିରୁଦ୍ଧରେ ସହସ୍ର ସହସ୍ର ବିପଦ ମାଡ଼ି ଆସିଲା ଏବଂ ଲକ୍ଷାଧିକ ବିଘ୍ନକର୍ତ୍ତା, ହସ୍ତକ୍ଷେପକାରୀମାନଙ୍କ ହସ୍ତକ୍ଷେପ ସତ୍ତ୍ୱେ ଆପଣ ସ.ଅ ପ୍ରାରମ୍ଭରୁ ଶେଷ ପର୍ଯ୍ୟନ୍ତ ଅବିଚଳ ରହିଲେ । ଆପଣ ସ.ଅ ବର୍ଷ ବର୍ଷ ଧରି ସେହି ଦାରୁଣ ଦୁଃଖକୁ ଦେଖିଲେ ଏବଂ ସେହି କଷ୍ଟ ସହ୍ୟ କରିବାକୁ ପଡ଼ିଲା ଯାହାକି ସଫଳତା ଠାରୁ ସଂପୂର୍ଣ୍ଣ ରୂପେ ନିରାଶ କରୁଥିଲା ଏବଂ ଦିନକୁ ଦିନ ଦୁଃଖ କଷ୍ଟ ଓ ନିର୍ଯାତାନା ବୃଦ୍ଧି ପାଉଥିଲା । ଯେଉଁ ଦୁଃଖକୁ ସହ୍ୟ କିରବା ଦ୍ୱାରା ସଂସାରର କୌଣସି ଅଭିପ୍ରାୟ ପ୍ରାପ୍ତ ହୋଇଯିବ ତାହା କଳ୍ପନା ସୁଦ୍ଧା ନଥିଲା । ବରଂ ଅବତାରତ୍ୱର ଦାବି କରିବା ଦ୍ୱାରା ଆପଣ ସ.ଅ ସିଧା ସଳଖ ନିଜର ପ୍ରଥମ ଏକତାକୁ ହରାଇ ବସିଲେ । ଅର୍ଥାତ୍ ସ୍ୱହସ୍ତରେ ପ୍ରଥମ ଏକତା ଯାହାକି ଆପଣ ସ.ଅଙ୍କ ସଂପର୍କୀୟମାନେ ଥିଲା ତାହା (ସେମାନଙ୍କୁ) ମଧ୍ୟ ଆପଣ ସ.ଅ ହରାଇ ବସିଲେ । ଆପଣ ସ.ଅ ଗୋଟିଏ କଥା କହି ଲକ୍ଷ ଲକ୍ଷ ବିଭେଦତା କ୍ରୟ କରିନେଲେ ଏବଂ ସହସ୍ର ସହସ୍ର ବିପତ୍ତିକୁ ଡାକି ଆଣିଲେ । ଆପଣ ସ.ଅ ନିଜ ଦେଶରୁ ବିତାଡ଼ିତ ହେଲେ, ଆପଣ ସ.ଅଙ୍କୁ ହତ୍ୟା କରିବା ନିମନ୍ତେ ଶତ୍ରୁମାନେ ଆପଣ ସ.ଅଙ୍କର ପିଛା କଲେ । ଘର ଏବଂ ଘରର ଜିନିଷପତ୍ର ସବୁକୁ ଧ୍ୱଂସ କରିଦିଆଗଲା, ଆପଣ ସ.ଅଙ୍କୁ ବିଷ ଦିଆଗଲା । ଯେଉଁମାନେ ହିତୈଷୀ ଥିଲେ ସେମାନେ ଅହିତୈଷୀ ପାଲଟିଗଲେ, ଯେଉଁମାନେ ବନ୍ଧୁ ଥିଲେ ସେମାନେ ଶତ୍ରୁତା ପ୍ରଦର୍ଶନ କରିବାକୁ ଲାଗିଲେ ଏବଂ ଦୀର୍ଘ କାଳ ପର୍ଯ୍ୟନ୍ତ ସେହି କ୍ଳିଷ୍ଟତା ଏବଂ ନିର୍ଯାତନା ଆପଣ ସ.ଅଙ୍କୁ ସହ୍ୟ କରିବାକୁ ପଡ଼ିଥିଲା । କାରଣ ଅବିଚଳ ରହିବା କୌଣସି ଛଳନାକାରୀ ଏବଂ ଧୂର୍ତ୍ତ ବ୍ୟକ୍ତିର କାର୍ଯ୍ୟ ନୁହେଁ । ପୁନଶ୍ଚ ସ୍ୱଷ୍ଟ କଥନ ଏପରି ଯେ, ଏକେଶ୍ୱବାଦର ଉପଦେଶ ଦେଇ ସମସ୍ତ ଜାତି ଏବଂ ସମସ୍ତ ସଂପ୍ରଦାୟ ଏବଂ ସମସ୍ତ ଜଗତର ଶିର୍କରେ ଲିପ୍ତ ତଥା ଲୋକମାନଙ୍କୁ ଆପଣ ସ.ଅ ଶତ୍ରୁ କରିନେଲେ । ଯେଉଁମାନେ ଆତ୍ମୀୟ ସ୍ୱଜନ ଥିଲେ ସେମାନଙ୍କୁ ଆପଣ ସ.ଅ ପିତୁଳା ପୂଜା ଏବଂ କୁକୃତ୍ୟରୁ ଅଟକାଇଲେ ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆଁହଜରତ୍ ସ.ଅ ଇହୁଦୀମାନଙ୍କୁ ହ. ମସିହ୍ ଅ.ସଙ୍କ ପ୍ରତ୍ୟାଖ୍ୟାନ ଏବଂ ତିରସ୍କାର ନକରିବାକୁ କହିଲେ । ଯଦ୍ଦ୍ୱାରାକି ସେମାନଙ୍କର ହୃଦୟ ଜଳିଗଲା ଏବଂ ସେମାନେ ଶତ୍ରୁତା ଆଚରଣ ପ୍ରଦର୍ଶନ କରିବାକୁ ଆତୁର, ବ୍ୟଗ୍ର ଏବଂ ପ୍ରସ୍ତୁତ ହୋଇଗଲେ । ଆବିଶ୍ୱାସକାରୀମାନେ ଏବଂ ଇହୁଦୀମାନେ ପ୍ରତ୍ୟେକ ମୁହୂର୍ତ୍ତ ଆପଣ ସ.ଅଙ୍କୁ ହତ୍ୟା କରିବାଦେବା ଭଳି ଯୋଜନା କରି ଛକି ରହିଥିଲେ। ଏହିପରି ଭାବରେ ଆପଣ ସ.ଅ ଖ୍ରୀଷ୍ଟମାନଙ୍କୁ ମଧ୍ୟ ରୁଷ୍ଟ କରିଦେଲେ । କାରଣ ସେମାନଙ୍କର ଯେପରି ବିଶ୍ୱାସ ରହିଥିଲା ଯେ, ହ. ଇସା ଅ.ସ ଈଶ୍ୱରଙ୍କ ପୁତ୍ର ଅଟନ୍ତି । ତେଣୁ ସେ ଈଶ୍ୱର ଅଟନ୍ତି । ଏହି ବିଶ୍ୱାସକୁ ଆପଣ ସ.ଅ ଖଣ୍ଡନ ଓ ରଦ୍ଦ କରିଦେଲେ । ସେହିପରି ଆପଣ ସ.ଅ କହିଲେ, ନା ହ. ଇସା ଅ.ସଙ୍କୁ ଫାଶୀ ମିଳିଥିଲା ଓ ନା ହିଁ ସେ ଅନ୍ୟମାନଙ୍କୁ ଫାଶୀରୁ ରକ୍ଷା କରି ପାରିଥିଲେ । ଉକ୍ତ କଥାକୁ ଆପଣ ସ.ଅ ସ୍ୱୀକାର କରି ନଥିଲେ। ଅଗ୍ନି ପୂଜକ ଏବଂ ଗ୍ରହ ନକ୍ଷତ୍ରମାନଙ୍କୁ ପୂଜା କରୁଥିବା ଲୋକମାନେ ମଧ୍ୟ ଆପଣ ସ.ଅଙ୍କ ଉପରେ ରୁଷ୍ଟ (ରାଗି) ଗଲେ । କାରଣ ଏମାନଙ୍କୁ ମଧ୍ୟ ଏମାନଙ୍କର ଦେବା ଦେବୀଙ୍କର ଉପାସନା କରିବାରୁ ଆଁହଜରତ୍ ସ.ଅ ଅଟକାଇଥିଲେ । ଆପଣ ସ.ଅ ମୋକ୍ଷା ପ୍ରାପ୍ତ କରିବା ନିମନ୍ତେ କେବଳ ଏକେଶ୍ୱରବାଦକୁ ନିର୍ଭରଯୋଗ୍ୟ ବିଶ୍ୱାସ ବୋଲି ମତ ପ୍ରଦାନ କରୁଥିଲେ ।"

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, "ବର୍ତ୍ତମାନ ନ୍ୟାୟ ଏହିକି ଯେ, କ'ଣ ସାଂସାର ପ୍ରାପ୍ତି ପାଇଁ ଏହା ହିଁ ଏକମାତ୍ର ପନ୍ଥ ଥିଲା । ଆଁହଜରତ୍ ସ.ଅଙ୍କ ଉପରେ ଏହି ଆରୋପ ପ୍ରୟୋଗ କରାଯାଇଥାଏ ଯେ, ଆପଣ ସ.ଅ ସଂସାର ପ୍ରାପ୍ତ କରିଛନ୍ତି । ନାଉଜୁବିଲ୍ଲାଃହି ମିନ୍ ଜାଲିକ୍ ! ଆଁହଜରତ୍ ସ.ଅ ସମସ୍ତ ସଂପ୍ରଦାୟ ତଥା ଗୋଷ୍ଠୀମାନଙ୍କୁ ଏପରି କଥା ଶୁଣାଇଲେ ଯେ ସମସ୍ତେ ଶତ୍ରୁତା ପ୍ରଦର୍ଶନ କରିବା ପାଇଁ ଅଣ୍ଟା ଭିଡ଼ିଲେ ଏବଂ ସମସ୍ତଙ୍କର ହୃଦୟ ଭାଙ୍ଗିଗଲା ଏବଂ ଆପଣ ସ.ଅ ଲୋକମାନଙ୍କୁ ଏକତ୍ରିତ କରିଥାଆନ୍ତେ କିମ୍ବା କୌଣସି ଆକ୍ରମଣକୁ ଅଟକାଇବା ନିମନ୍ତେ କୌଣସି ସାହାଯ୍ୟ ଆପଣ ସ.ଅଙ୍କୁ ପ୍ରାପ୍ତ ହୋଇଥାଆନ୍ତା ସମସ୍ତ ଶତ୍ରୁକୂଳ ସ୍ୱଭାବକୁ ଆପଣ ସ.ଅ ଏପରି ଝାସରେ ଉତକ୍ଷିପ୍ତ ଓ ଉତ୍ତେଜିତ କରିଦେଲେ ଯେ, ଏହା ଦ୍ୱାରା ସେମାନେ ରକ୍ତ ପିପାସୁ ହୋଇ ଉଠିଲେ । ଆଜି ମଧ୍ୟ ଯେଉଁ ଅବିଶ୍ୱାସକାରୀମାନେ ଅଛନ୍ତି, ଇସ୍‌ଲାମ୍ ଧର୍ମର ବିରୋଧୀମାନେ ଅଟନ୍ତି, ସେମାନେ ଆଁହଜରତ୍ ସ.ଅଙ୍କ ଉପରେ ଏପରି ଆରୋପ ପ୍ରୟୋଗ କରିଥାଆନ୍ତି । କିନ୍ତୁ ଆରୋପ ପ୍ରୟୋଗ ବେଳେ ସେମାନେ ଟିକିଏ ହେଲେ ଏହା ଭାବୁ ନାହାନ୍ତି ଯେ, କ'ଣ କୌଣସି ବ୍ୟକ୍ତି ସାଂସାରିକ ଲାଭ ଉଠାଇବା ପାଇଁ ଏପରି ଅବସ୍ଥାରେ ନିଜକୁ ପକାଇ ପାରିବ । ଧୂର୍ତ୍ତତାର ଏହି ଯୋଜନା ରହିଥିଲା ଯେ, ଯେପରି କେତେକ ଲୋକମାନଙ୍କୁ ମିଥ୍ୟାବାଦୀ ବୋଲି କୁହାଯାଉଥିଲା, ଠିକ୍ ସେହିପରି କେତେକଙ୍କୁ ସତ୍ୟବାଦୀ ମଧ୍ୟ କୁହାଯାଉଥିଲା । ଯଦି ଯୁଗ ଏତେ ପଛକୁ ଚାଲିବାର ଥିଲା ତେବେ ଯେପରି କେତେକ ଅବତାରମାନଙ୍କୁ ମିଥ୍ୟାବାଦୀ ବୋଲି କୁହାଗଲା ଓ ଅପରପକ୍ଷେ ଅନ୍ୟମାନଙ୍କୁ ସତ୍ୟବାଦୀ ମଧ୍ୟ କହି ଦେଉଥିଲେ । ଅତଏବ୍ କେତେକ ଲୋକମାନେ ବିରୋଧୀ ହେଉଥିଲେ ତ' ଆଉ କେତେକ ଲୋକ ସମର୍ଥକ ମଧ୍ୟ ହେଉଥିଲେ । କେବଳ ସେତେକି ନୁହେଁ ବରଂ ଯଦି ଆରବ୍ୟମାନଙ୍କୁ କୁହାଯାଉଥିଲା ଯେ, ତୁମମାନଙ୍କର ହିଁ ଲାତ୍ ଓ ଉଜ୍ଜା ଦେବତାମାନେ ସତ୍ୟବାଦୀ ଅଟନ୍ତି ତେବେ ସେମାନେ ସେହି ବ୍ୟକ୍ତିର ପାଦ ତଳେ ପଡ଼ି ଯାଉଥିଲେ । ସେହି ପ୍ରଶଂସା କରିଥିବା ବ୍ୟକ୍ତି ଯାହା ଚାହୁଁଥିଲା ଆରବ୍ୟମାନଙ୍କ ଠାରୁ କାର୍ଯ୍ୟ କରାଉଥିଲା । କାରଣ ଆରବ୍ୟମାନେ ସମସ୍ତେ ଭାଇ ବନ୍ଧୁ ଏବଂ ଜାତୀୟ ମୈତ୍ରୀ ଦୃଷ୍ଟିରୁ ଅନନ୍ୟ ଥିଲେ । ଆରବ୍ୟମାନଙ୍କ ମଧ୍ୟରେ ବନ୍ଧୁତ୍ୱତା, ଆତ୍ମୀୟତା, ସଂପ୍ରଦାୟୀତ୍ୱତା ଭାବ ରହିଥିଲା। ସେମାନେ ପ୍ରତ୍ୟେକ ପ୍ରକାରର ବଳିଦାନ ନିମନ୍ତେ ତତ୍ପର ଓ ପ୍ରସ୍ତୁତ ରହୁଥିଲେ । ସେମାନେ ସମସ୍ତେ କଥା ମାନୁଥିଲେ । କିନ୍ତୁ ସେମାନେ ଅର୍ଥାତ୍ ଆରବ୍ୟମାନେ କେବଳ ପିତୁଳା ପୂଜା କରି ପ୍ରସନ୍ନ ହୋଇ ଯାଉଥିଲା ତାହା ନୁହେଁ ବରଂ ଆଁହଜରତ୍ ସ.ଅ ଯଦି ଆରବ୍ୟ ଅବିଶ୍ୱାସକାରୀମାନଙ୍କୁ ଏହା କହି ଦେଇଥାଆନ୍ତେ ଯେ, ହେ ଆରବ୍ୟ କୁରୈଶମାନେ ! ତୁମମାନଙ୍କର ପିତୁଳାମାନେ ଭଲ ଅଟନ୍ତି, ତାହେଲେ ଆରବ୍ୟମାନେ (ଅବିଶ୍ୱସାକାରୀମାନେ) ପ୍ରସନ୍ନ ହୋଇ ଯାଇଥାଆନ୍ତେ । ସେମାନେ ମନ ଓ ପ୍ରାଣର ସହିତ ଆପଣ ସ.ଅଙ୍କ ଆଜ୍ଞାବହତ୍ୱକୁ ସ୍ୱୀକାର କରି ନେଇଥାଆନ୍ତେ। ଏହି ଦାବି ସେମାନେ ଆପଣ ସ.ଙ୍କ ସମ୍ମୁଖରେ ଉପସ୍ଥାପିତ ମଧ୍ୟ କଲେ । କିନ୍ତୁ ଏହା ଭାବିବା ଉଚିତ୍ ଯେ, ଆଁହଜରତ୍ ସ.ଅଙ୍କ ସହସା ପ୍ରତ୍ୟେକ ଭାଇ ବନ୍ଧୁ, ଆତ୍ମୀୟ ସ୍ୱଜନ ତଥା ସଂପର୍କୀୟ ଓ ଅପରିଚିତଙ୍କ ସହିତ ସଂପର୍କକୁ ବିଗାଡ଼ି ନେବା ଓ କେବଳ ଏକେଶ୍ୱରବାଦ ଯାହାକି ସେହି ଦିନମାନଙ୍କରେ ଘୃଣାର ବସ୍ତୁ ନଥିଲା । ଏହି ଏକେଶ୍ୱରବାଦ ଯୋଗୁଁ କେବଳ ଶତାଧିକ ସମସ୍ୟା ଉତ୍ପନ୍ନ ହୋଇଯାଉଥିଲା ତାହା ନୁହଁ ବରଂ ଜୀବନରୁ ମାରିଦେବା ମଧ୍ୟ ଦୃଶ୍ୟମାନ ହେଉଥିଲା । କିନ୍ତୁ ଆପଣ ସ.ଅ ଏକେଶ୍ୱରବାଦକୁ ଜାବୁଡ଼ି ଧରି ରଖିବା କୌଣସି ସାଂସାରିକ ତାତ୍ତ୍ୱିକ ରହସ୍ୟ ନଥିଲା। ବରଂ ପୂର୍ବରୁ ହିଁ ଏହି ଏକେଶ୍ୱରବାଦ ଯୋଗୁଁ ଲୋକମାନେ ନିଜର ସମସ୍ତ ସଂସାର ଏବଂ ଏକତାକୁ ହରାଇ ବସିଥିଲେ, ଧ୍ୱଂସ କରି ସାରିଥିଲେ । ପୁନଶ୍ଚ ଏହି ହଠ କରିବା ଦ୍ୱାରା, ଏହାକୁ ପରିପ୍ରକାଶ କରି ନବଦୀକ୍ଷିତ ମୁସଲମାନମାନଙ୍କୁ ଅବିଶ୍ୱାସାକାରୀମାନେ କଏଦ୍ କଲେ ଏବଂ ଝିଞ୍ଜିରରେ ଭୟଙ୍କର ମାଡ଼ ମାରିଲେ । ତହିଁରୁ କ'ଣ ବା ଯଥାର୍ଥ ଥିଲା । ଆପଣ ସ.ଅ କେବଳ ନିଜେ ଏକେଶ୍ୱରବାଦର ପରିପ୍ରକାଶ କରିବା ଦ୍ୱାରା ନିର୍ଯାତନାର ଶିକାର ହୋଇ ନଥିଲେ ନାହିଁ ବରଂ ଆପଣ ସ.ଅଙ୍କ ଅନୁଗାମୀମାନଙ୍କୁ ଏକେଶ୍ୱରବାଦର ସ୍ୱୀକାରୋକ୍ତି ଯୋଗୁଁ ନାନା ପ୍ରକାରର ଅକଥୀନୀୟ ନିର୍ଯାତନା ଓ ଦୁଃଖ କଷ୍ଟ ସହ୍ୟ କରିବାକୁ ପଡ଼ିଥିଲା ।"

ଅତଏବ୍ ! ସଂସାର ଉପାର୍ଜନ ନିମନ୍ତେ ଏହା ହିଁ ଏକମାତ୍ର ପନ୍ଥା ରହିଥିଲା ଯେ, ପ୍ରତ୍ୟେକ ମୁସଲମାନ ବ୍ୟକ୍ତିକୁ ତିକ୍ତ କଥା ଯାହାକି ତା'ର ସ୍ୱଭାବ, ଅଭ୍ୟାସ, ଇଚ୍ଛା ଓ ବିଶ୍ୱାସର ବିପରୀତ ଥିଲା, ତାହାକୁ ଶୁଣାଇ ସମସ୍ତଙ୍କୁ ମୁହୂର୍ତ୍ତକ ମଧ୍ୟରେ ପ୍ରାଣର ପରମ ଶତ୍ରୁ କରିଦେଲା ଏବଂ କୌଣସି ଗୋଟେ ଅଧେ ଜାତି ସହିତ ମଧ୍ୟ ଆପଣ ସ.ଅଙ୍କ ସଂପର୍କ ରଖିଲେ ନାହିଁ । ଯେଉଁ ଲୋକମାନେ ଲୋଭୀ ଏବଂ ଧୂର୍ତ୍ତ ହୁଅନ୍ତି, ଯେଉଁମାନେ କୌଣସି ବସ୍ତୁର ଅଭିଳାଷୀ ତଥା କାମନା କରିଥାଆନ୍ତି, କ'ଣ ସେମାନେ ଏପରି ଯୋଜନା କରିଥାଆନ୍ତି ଯଦ୍ଦ୍ୱାରାକି ଶତ୍ରୁମାନେ ମଧ୍ୟ ମିତ୍ର ହୋଇଯିବେ । ଯେଉଁ ଲୋକମାନେ କୌଣସି ଧୂର୍ତ୍ତତା, ଛଳନା ତଥା ଉପାୟ ଦ୍ୱାରା ସଂସାର ଉପାର୍ଜନ କରିବାକୁ ଚାହାନ୍ତି, କ'ଣ ସେମାନଙ୍କର ଏହି ନୀତି ରହିଥାଏ ଯେ, ଏକା ଥରେକେ ସମଗ୍ର ଜଗତକୁ ଶତ୍ରୁତା ପ୍ରଦର୍ଶନ କରିବା ପାଇଁ ଉତ୍ସାହିତ କରିନେବେ ଓ ନିଜର ପ୍ରାଣକୁ

ସର୍ବଦା ଚିନ୍ତାଗ୍ରସ୍ତ କରିଦେବେ ? ସେମାନେ ତ' ନିଜର ସ୍ୱାର୍ଥ ପୂର୍ଣ କରିବା ନିମନ୍ତେ ସମସ୍ତଙ୍କ ସହିତ ସନ୍ଧି ସ୍ଥାପନ କରିଥାଆନ୍ତି ଏବଂ ପ୍ରତ୍ୟେକ ସଂପ୍ରଦାୟକୁ ସତ୍ୟତାର ପ୍ରମାଣପତ୍ର ପ୍ରଦାନ କରିଥାଆନ୍ତି । ଈଶ୍ୱରଙ୍କ ନିମନ୍ତେ ଗୋଟିଏ ରଙ୍ଗରେ ରଙ୍ଗୀନ ହୋଇଯିବା ସେମାନଙ୍କର ଶତ୍ରୁତା କେଉଁଠି ହୋଇଥାଏ ? ଈଶ୍ୱରଙ୍କ ଏକେଶ୍ୱରବାଦ ଏବଂ ମହତ୍ତ୍ୱତାର ସେମାନେ କେତେବେଳେ ମନେ ରଖିଥାଆନ୍ତି ? ସେମାନଙ୍କୁ ତହିଁରୁ କ'ଣ ବା ଅଭିପ୍ରାୟ ଯେ, ଅକାରଣରେ ସେମାନେ ଈଶ୍ୱରଙ୍କ ସକାଶେ ଦୁଃଖ ସହ୍ୟ କରିବେ ? ସେମାନେ ତ' ଶିକାରୀ ପରି ଅଟନ୍ତି ଯେଉଁମାନେ ଶିକାରୀ ପରି ସେହିଠାରେ ଜାଲ ବିଛାଇ ଥାଆନ୍ତି । କାରଣ ଏହା ଶିକାର କରିବାର ଅତି ସହଜ ପନ୍ଥା ଅଟେ । ଯଦି ଶିକାରକୁ ଧରିବାର ଅଛି ତେବେ ଛଳ ଏବଂ ଧୋକା ଦେଇ କାବୁ କରିବା ଉଚିତ୍ ଅଟେ । ତେଣୁ ସେମାନେ ଶିକାରୀ ପରି ଜାଲ ବିଛାଇ ଥାଆନ୍ତି ଏବଂ ସେମାନେ ସେହି ପନ୍ଥା ଅବଲମ୍ବନ କିରନ୍ତି ଯେଉଁ ପନ୍ଥାରେ କମ୍ ପରିଶ୍ରମ ଥିବ ଏବଂ ସାଂସାରିକ ଲାଭ ଅଧିକ ଥିବ । ବୈରାଗ୍ୟ, ଶତ୍ରୁତା ସେମାନଙ୍କର ବୃତ୍ତି ଅଟେ ଏବଂ ତୋଷାମଦ କରିବା ସେମାନଙ୍କର ପ୍ରବୃତ୍ତି ଅଟେ । ସେମାନେ ସମସ୍ତଙ୍କ ସହିତ ମିଠା ମିଠା କଥା କହିବା ଏବଂ ପ୍ରତ୍ୟେକ ଚୋର ତଥା ସାଧୁ ବ୍ୟକ୍ତି ସହିତ ନିରନ୍ତର ରୂପେ ସଂପର୍କ ରଖିବା ସେମାନଙ୍କର ବିଶେଷତ୍ୱଜନିତ ନୈତିକତା ଅଟେ । ଅର୍ଥାତ୍ ସେମାନେ ମୁସଲମାନମାନଙ୍କ ସହିତ ଅଲ୍ଲାଃ ଅଲ୍ଲାଃ ଓ ହିନ୍ଦୁମାନଙ୍କ ସହିତ ରାମ ରାମ କହିବାକୁ ସର୍ବଦା ତତ୍ପର ଥାଆନ୍ତି, ସେମାନେ ପ୍ରତ୍ୟେକ ସଭା ସମିତିରେ ହଁ ସ୍ୱର ସହିତ ହଁ ଏବଂ ନା ସ୍ୱର ସହିତ ନା'ରେ ସ୍ୱର ମିଶାଇ ଥାଆନ୍ତି....."ଅର୍ଥାତ୍ ଯେପରି ସଭା ଥିବ ସେହିପରି ସେମାନେ ନିଜକୁ ପରିସ୍ଥିତି ମୁତାବକ ଅନୁକୂଳ କରି ନେଇଥାଆନ୍ତି । ଈଶ୍ୱରଙ୍କ ସହିତ ସେମାନଙ୍କର କି ସଂପର୍କ ଏବଂ ତାହାଙ୍କ ସହିତ ବିଶ୍ୱସ୍ତତା ପ୍ରଦର୍ଶନ କରିବାରେ ସେମାନଙ୍କର କୌଣସି ସଂପର୍କ ନଥାଏ ଏବଂ ନିଜର ସୁଖମୟ ଜୀବନକୁ ମାଗଣାରେ ନାନା ଦୁଃଖ ପକାଇନେବାର ସେମାନଙ୍କୁର କ'ଣ ବା ଆବଶ୍ୟକତା ରହିଛି? ଶିକ୍ଷକ ସେମାନଙ୍କୁ ଗୋଟିଏ ଶିକ୍ଷା ହିଁ ଦେଇଛନ୍ତି ଯେ, ତୁମେମାନେ ପ୍ରତ୍ୟେକଙ୍କୁ ଏହି କଥା କହିବ ଯେ, ହେ ବ୍ୟକ୍ତି ! ଯେଉଁଟି ତୋର ବାଟ ରହିଛି ସେହି ବାଟ ହିଁ ସଳଖ ଅଟେ ଏବଂ ତୋର ଯେଉଁ ମତାମତ ରହିଛି ତାହା ହିଁ ସଠିକ୍ ଅଟେ, ତୁ ଯାହା ବୁଝିଛୁ ତାହା ହିଁ ଠିକ୍ ଅଟେ । ଅତଏବ୍ ସେମାନେ ସତ୍, ଅସତ୍, ସତ୍ୟ ଓ ମିଥ୍ୟା, ପାପ ଓ ପୁଣ୍ୟ ମଧ୍ୟରେ କୌଣସି ଦୃଷ୍ଟି ଦେଇ ନଥାଆନ୍ତି । ବରଂ ଯେଉଁ ହସ୍ତ ଦ୍ୱାରା (ଯାହା ହସ୍ତରେ)ସେମାଙ୍କର ତୁଣ୍ଡ ମିଷ୍ଟ ହୋଇଯାଏ ତାହା ହିଁ ସେମାନଙ୍କ ହିସାବରେ ଭକ୍ତ ଏବଂ ସିଦ୍ଧ ଓ ସାଧୁ ହୋଇଥାଏ, ଯାହାର ପ୍ରଶଂସା କରିବା ଦ୍ୱାରା ଉଦରର (ପେଟର) କିଛି ନର୍କ ପୂରଣ ହେଉଥିବାର ଦୃଶ୍ୟମାନ ହେବ ତାହାକୁ ହିଁ ମୁକ୍ତି ପ୍ରାପ୍ତକାରୀ ଏବଂ ସ୍ୱର୍ଗର ଅଧିକାରୀ ଏବଂ ସାର୍ବକାଳୀନ ଜୀବନର ଅଧିକାରୀ କରି ଦେଇଥାଏ । ତାହା ହିଁ ସେମାନଙ୍କ ପାଇଁ ସବୁକିଛି ହୋଇ ଯାଇଥାଏ । କିନ୍ତୁ ଅବତାରମାନଙ୍କର ମୋହର ହ. ମୁହମ୍ମଦ ସ.ଅଙ୍କ ଘଟଣାବଳୀ ଉପରେ ଦୃଷ୍ଟିପାତ କରିବା ଦ୍ୱାରା ଉକ୍ତ କଥା ଅତ୍ୟନ୍ତ ସ୍ପଷ୍ଟ ଓ ଅନନ୍ୟ ରୂପେ ଜଣାପଡ଼େ ଯେ, ଆଁହଜରତ୍ ସ.ଅ ସର୍ବୋଚ୍ଚ ସ୍ତରୀୟ ଏକ ପ୍ରକାରର ଏବଂ ନିର୍ମଳ ଆଭ୍ୟନ୍ତର ଏବଂ ଈଶ୍ୱରଙ୍କ ନିମନ୍ତେ ବୀର ଓ ସୃଷ୍ଟି ପାଇଁ ଆଶାର କିରଣ ଠାରୁ ସଂପୂର୍ଣ୍ଣ ରୂପେ ଅନାସକ୍ତ ଭାବ ପ୍ରକାଶକାରୀ ଓ କେବଳ ଅଲ୍ଲାଃତାଲାଙ୍କ ଉପରେ ବିଶ୍ୱାସ କରୁଥିବା ଅବତାର ଥିଲେ । ଆପଣ ସ.ଅ ଈଶ୍ୱରଙ୍କ ପ୍ରସନ୍ନତା ଓ ଅନୁଗ୍ରହତାର ଉପରେ ମଗ୍ନ ହୋଇ ଉକ୍ତ କଥା ପ୍ରତି ଭୃକ୍ଷେପ କଲେ ନାହିଁ ଯେ, ଏକେଶ୍ୱରବାଦର ଘୋଷଣା କରିବା ଦ୍ୱାରା କେଉଁ କେଉଁ ବିପତ୍ତି ମୋ ଉପରେ ଆସିବ ଏବଂ ଅବିଶ୍ୱାସକାରୀମାନଙ୍କ ହସ୍ତ ଦ୍ୱାରା କେଉଁ ସବୁ ଦୁଃଖ କଷ୍ଟ ମୋତେ ସହ୍ୟ କରିବାକୁ ପଡ଼ିବ ? କେବଳ ସେତିକି ନୁହେଁ ବରଂ ସମସ୍ତ ପ୍ରକାରର କ୍ଳାନ୍ତତା, କ୍ରୁରତା ଓ ଅସୁବିଧାକୁ ନିଜ ପାଇଁ ସହ୍ୟ କରି ନିଜ ପାଳନକର୍ତ୍ତାଙ୍କ ଆଦେଶକୁ ସମ୍ପାଦନ (ପାଳନ) କଲେ । ସଂଘର୍ଷ ପାଇଁ ଯେଉଁ ଯେଉଁ ସର୍ତ୍ତ ଓ ଉପଦେଶ ପାଇଁ ଯେଉଁସବୁ ସର୍ତ୍ତାବଳୀ ରହିଥିଲା ତାହା ଆପଣ ସ.ଅ ପୂରଣ କଲେ ଏବଂ କୌଣସି ଡରାଉଥିବା ବ୍ୟକ୍ତିକୁ ଆପଣ ବାସ୍ତବ ବୋଲି ମନେକଲେ ନାହିଁ (ଭୃକ୍ଷେପ କଲେ ନାହିଁ) । ମୁଁ ସତ ସତ କହୁଛି ଯେ, ସମସ୍ତ ଅବତାରମାନଙ୍କର ଘଟଣାବଳୀ ମଧ୍ୟରୁ ଏପରି ବିପଦପୂର୍ଣ୍ଣ ଘଟଣାବଳୀ ଏବଂ ଏପରି ବିଶ୍ୱାସ ଈଶ୍ୱରଙ୍କ ଉପରେ କରି ଖୋଲମ ଖୋଲା ଶିର୍କ ଏବଂ ମାନବ ପୂଜାରୁ ଅଟକାଉଥିବା ବ୍ୟକ୍ତି ଏବଂ ଶିର୍କର ଶତ୍ରୁ, ଏପରି ଅବିଚଳତା ପ୍ରଦର୍ଶନକାରୀ ଗୋଟିଏ ଅବତାର ପ୍ରମାଣିତ (ସିଦ୍ଧ) ନୁହନ୍ତି ।

ହୁଜୁର ଅନୱର୍ ଅ.ବ କହିଲେ, ଅବତାରମାନଙ୍କ ଇତିହାସକୁ ହିଁ ଦେଖିନିଅ ଯେ, ଆଁହଜରତ୍ ସ.ଅଙ୍କ ପରି ଅବିଚଳତା ଅନ୍ୟ କୌଣସି ଅବତାର ପ୍ରଦର୍ଶନ କରି ନାହାନ୍ତି। ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଅତଏବ୍ ଟିକିଏ ବିଶ୍ୱସ୍ତତାର ସହିତ ଏହା ଚିନ୍ତା କରିବା ଉଚିତ୍ ଯେ, ଏସବୁ ପରିସ୍ଥିତି କିପରି ଆଁହଜରତ୍ ସ.ଅଙ୍କ ଆଭ୍ୟନ୍ତରୀଣ ସତ୍ୟତା ଉପରେ ପ୍ରତିପାଦିତ କରୁଛି ? ଏତଦ୍‌ଭିନ୍ନ ଯେତେବେଳେ ଜଣେ ବୁଦ୍ଧିମାନ ବ୍ୟକ୍ତି ଏସବୁ ପରିସ୍ଥିତି ଉପରେ ଆହୁରି ବିଚାର କରେ ଯେ, ସେହି କାଳ ଯହିଁରେ ଆଁହଜରତ୍ ସ.ଅ ଅବତୀର୍ଣ୍ଣ (ଆବିର୍ଭୂତ) ହୋଇଥିଲେ, ବାସ୍ତବରେ ତାହା ଏପରି ଯୁଗ ଥିଲା ଯେ, ସେହି ଯୁଗର ଏବର (ବର୍ତ୍ତମାନର) ପରିସ୍ଥିତି ଜଣେ ମହାପୁରୁଷ ଏବଂ ମହାନ ଐଶୀ ସୁଧାରକ ତଥା ଈଶ୍ୱରଙ୍କ ମାର୍ଗଦର୍ଶନକାରୀ ବ୍ୟକ୍ତିଙ୍କୁ ଅତ୍ୟାବଶ୍ୟକ କରୁଥିଲା । ଯେଉଁ ଶିକ୍ଷା ପ୍ରଦାନ କରାଗଲା ତାହା ମଧ୍ୟ ବାସ୍ତବରେ ସତ୍ୟ ଏବଂ ଏପରି ଥିଲା ଯାହାକି ନିହାତି ଜରୁରୀ ଥିଲା । ଯୁଗ ଏପରି ବିଗିଡ଼ି ଯାଇଥିଲା ଯେ, ସେତେବେଳେ କୌଣସି ଜଣେ ମାର୍ଗଦର୍ଶକଙ୍କର ଆବଶ୍ୟକତା ଥିଲା, ସୁଧାରକ ଆବଶ୍ୟକତା ଥିଲା, ମାର୍ଗ ପ୍ରଦର୍ଶକାରୀର ଆବଶ୍ୟକତା ଥିଲା । ତେବେ ଆପଣ ସ.ଅ ସେହି ଯୁଗରେ ଆସିଲେ । ସେହି ପ୍ରସଙ୍ଗର ସାର ଏହା ଥିଲା ଯେ, ତହିଁରେ ଅର୍ଥାତ୍ ସମସ୍ତ ପ୍ରକାରର ଯୁଗର ଆବଶ୍ୟକତା ପୂରଣ ହେଉଥିଲା । ପୁନଶ୍ଚ ସେହି ଶିକ୍ଷା ଏପରି ପ୍ରଭାବ ପକାଇଲା ଯେ, ତାହା ଲକ୍ଷ ଲକ୍ଷ ଲୋକମାନଙ୍କର ମନକୁ ଆକର୍ଷିତ କରି ଆଣିଲା ଏବଂ ଲକ୍ଷ ଲକ୍ଷ ହୃଦୟ ଉପରେ **ଲା ଇଲାହା ଇଲ୍ଲାଲ୍ଲାଃହୁ**ର ପଦାଙ୍କ ସ୍ଥାପିତ କରିଦେଲା ଏବଂ ଅବତାରତ୍ୱର ଯେଉଁ ଅଭିପ୍ରାୟ ରହିଥିଲା ଅର୍ଥାତ୍ ମୋକ୍ଷ ପ୍ରାପ୍ତିର ନୀତିଗତ ଶିକ୍ଷାକୁ ଏପରି ପୂର୍ଣ୍ଣତାର ସହିତ ଚରମ ସୀମା ପର୍ଯ୍ୟନ୍ତ ଆପଣ ସ.ଅ ପହଞ୍ଚାଇଲେ, ଯାହା ଅନ୍ୟ କୌଣସି ଅବତାରମାନଙ୍କ ହସ୍ତ ଦ୍ୱାରା ଏପରି ଚମତ୍କାର ସେହି ଯୁଗରେ ଶିକ୍ଷା ସହିତ ପହଞ୍ଚାଇ ନଥିଲେ । ସୁତରାଂ ସେହିସବୁ ଘଟଣାବଳୀ ଉପରେ ଦୃଷ୍ଟିପାତ କରିବା ଦ୍ୱାରା ନିଃଶଙ୍କୋଚ ଏବଂ ସହସା ଏହି ସାକ୍ଷ୍ୟ ହୃଦୟ ମଧ୍ୟରୁ ଅବେଗର ସହିତ ବାହାରିବ ଯେ, ଆଁହଜରତ୍ ସ.ଅ ନିଶ୍ଚିତ ରୂପେ ଈଶ୍ୱରଙ୍କ ତରଫରୁ ପ୍ରକୃତ ମାର୍ଗଦର୍ଶନକାରୀ ବ୍ୟକ୍ତି ଅଟନ୍ତି । ଯେଉଁ ବ୍ୟକ୍ତି ଈର୍ଷା, ବିଦ୍ୱେଷ ଓ ଭିନ୍ନତାର ଅସ୍ୱୀକାରୀ ତେବେ ସେହି ବ୍ୟକ୍ତିର ରୋଗର ଉପଚାର ଏବଂ ଚକିତ୍ସା କରାଯାଇପାରିବ ନାହିଁ । ତେଣୁ ସେହି ବ୍ୟକ୍ତି ଈଶ୍ୱରଙ୍କର ଅସ୍ୱୀକାରୀ ହୋଇଯାଉ ନା କାହିଁକି ସେହି ବ୍ୟକ୍ତିର ରୋଗର ଚିକିତ୍ସା କରାଯାଇ ପାରିବ ନାହିଁ । ଅନ୍ୟଥା ଏହି ସମସ୍ତ ସତ୍ୟତାମୂଳକ ନିଦର୍ଶନ ଯାହା ଆପଣ ସ.ଅଙ୍କ ମଧ୍ୟରେ ପୂର୍ଣ୍ଣ ରୂପେ ଏକତ୍ରିତ ହୋଇଛି ତାହା ଅନ୍ୟ ଅବତାରମାନଙ୍କ ମଧ୍ୟରେ ଏକତ୍ରିତ ଥିବା କୌଣସି ବ୍ୟକ୍ତି ପ୍ରମାଣିତ କରି ଦେଖାଇ ଦିଏ ତେବେ ମୁଁ ମାନିଯିବି ।"

ହୁଜୁର ଅନୱର୍ ଅ.ବ କହିଲେ, ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ହିନ୍ଦୁ ଧର୍ମାବଲମ୍ବୀମାନେ ଅନ୍ୟ ଧର୍ମର ଧର୍ମାବତାର ଏବଂ ଧର୍ମଗ୍ରନ୍ଥର ପ୍ରତ୍ୟାଖ୍ୟାନ କରି କେବଳ ବେଦର ଭଜନ ଗାଇଥାଆନ୍ତି । ଅର୍ଥାତ୍ ସେମାନେ କୁହନ୍ତି ଯେ, ଯଦି କୌଣସି ଧର୍ମ ଗ୍ରନ୍ଥ ରହିଛି ତେବେ ବେଦ ହିଁ ପ୍ରକୃତ ଧର୍ମଗ୍ରନ୍ଥ ଅଟେ । ଖ୍ରୀଷ୍ଟିଆନ୍‌ମାନେ ସମସ୍ତ ଐଶୀ ଶିକ୍ଷା ଇଞ୍ଜିଲ୍ ଠାରେ ହିଁ ସମାପ୍ତ କରିଦେଲେ । ସେମାନେ ଏହା ବୁଝୁ ନାହାନ୍ତି ଯେ, ପ୍ରତ୍ୟେକ ଧର୍ମଗ୍ରନ୍ଥର ମର୍ଯ୍ୟାଦା ଏବଂ ସ୍ତର ଏକେଶ୍ୱରବାଦର ଲାଭ ପହଞ୍ଚାଉଥିବା ଶିକ୍ଷା ଦ୍ୱାରା ହିଁ ଓଜନ କରାଯାଇଥାଏ (ତୁଳନା କରାଯାଇଥାଏ) । ଯେଉଁ ଧର୍ମଗ୍ରନ୍ଥ ଏକେଶ୍ୱରବାଦର ଲାଭ ପହଞ୍ଚାଇବାରେ ଯେତେ ଅଧିକ ସେହି ଧର୍ମଗ୍ରନ୍ଥ ସେତେ ମର୍ଯ୍ୟାଦାର ଅଧିକାରୀ ଅଟେ । ଐଶୀ ଧର୍ମଗ୍ରନ୍ଥର ପ୍ରକୃତ ବିଷୟବସ୍ତୁ ଏହିକି ଯେ, ତହିଁରେ ଏକେଶ୍ୱରବାଦର ଶିକ୍ଷା ଅଧିକ ହେବା ଉଚିତ୍ । ସେହି କାରଣରୁ ଏକେଶ୍ୱରବାଦର ପ୍ରତ୍ୟାଖ୍ୟାନକାରୀ ବ୍ୟକ୍ତି ଯେତେ ସ୍ୱୟଂ ସଂପୂର୍ଣ୍ଣ ଚରିତ୍ରର ଅଧିକାରୀ ହେଉ ନା କାହିଁକି, କିନ୍ତୁ ସେ କଦାପି ମୋକ୍ଷ ପ୍ରାପ୍ତ କରିପାରିବ ନାହିଁ । ବ୍ୟକ୍ତି ମଧ୍ୟରେ ସମସ୍ତ ଚରିତ୍ର ବିଦ୍ୟମାନ ଥାଉ ନା କାହିଁକି କିନ୍ତୁ ବ୍ୟକ୍ତି ଯଦି ଏକେଶ୍ୱରବାଦର ପ୍ରତ୍ୟାଖ୍ୟାନକାରୀ ତେବେ ଅଲ୍ଲାଃତାଲାଙ୍କ ନିକଟରେ ସେହି ବ୍ୟକ୍ତି ମୋକ୍ଷ ପ୍ରାପ୍ତକାରୀ ବ୍ୟକ୍ତି ନୁହେଁ ।"

ହୁଜୁର ଅନୱର୍ ଅ.ବ କହିଲେ, ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ବର୍ତ୍ତମାନ ସେହି ଲୋକମାନଙ୍କୁ ଟିକେ ଚିନ୍ତା କରିବା ଉଚିତ୍ ଯେ, ମୋକ୍ଷ ପ୍ରାପ୍ତି ଯଦି ଏକେଶ୍ୱରବାଦ ଉପରେ ନିର୍ଭରଶୀଳ ତେବେ କେଉଁ ଧର୍ମଗ୍ରନ୍ଥ ମାଧ୍ୟମରେ ସଂସାରରେ ମୋକ୍ଷ ପ୍ରାପ୍ତି ସର୍ବାଧିକ ପ୍ରକାଶିତ ହୋଇଛି ? କୌଣସି ବ୍ୟକ୍ତି ଏହା କହୁ ଯେ, କେଉଁ ଦେଶରେ ବେଦ ମାଧ୍ୟମରେ ଏକେଶ୍ୱରବାଦ ପରିବ୍ୟାପ୍ତ ହୋଇଛି........ କୌଣସି ଦେଶ ଦୃଶ୍ୟମାନ ହେଉ ନାହିଁ ଯେଉଁଠି ଇଞ୍ଜିଲ୍‌ର ପ୍ରକାଶନ ତଥା ପ୍ରଚାର ପ୍ରସାର ଏକେଶ୍ୱରବାଦ ମାଧ୍ୟମରେ ହୋଇଥିବ ? ନା ବରଂ । ଇଞ୍ଜିଲ୍ ପାଠ କରୁଥିବା ବ୍ୟକ୍ତି ଏକେଶ୍ୱରବାଦୀମାନଙ୍କୁ ମୋକ୍ଷ ପ୍ରାପ୍ତକାରୀ ବ୍ୟକ୍ତି ବୋଲି ମନେକରନ୍ତି ନାହିଁ । ପାଦ୍ରୀମାନେ ଏକେଶ୍ୱରବାଦୀମାନଙ୍କୁ ଅନ୍ଧକାରମୟ ଅଗ୍ନି ମଧ୍ୟକୁ ପ୍ରେରଣ କରୁଛନ୍ତି (ଠେଲୁଛନ୍ତି) । ସେମାନେ ତ' ଏହା କୁହନ୍ତି ଯେ, ଯେଉଁମାନେ ଏକେଶ୍ୱରବାଦକୁ ସ୍ୱୀକାର କରନ୍ତି, ଏକ ଈଶ୍ୱରଙ୍କୁ ଗ୍ରହଣ

### ଅଲ୍ଲାଃତାଲାଙ୍କ ବାଣୀ

"ଓମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"

(ଅଲ୍ ହଜ୍:31)

ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢ଼ି ପ୍ରେରଣ କରିଛୁ ।

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)

### ଅଲ୍ଲାଃତାଲାଙ୍କ ବାଣୀ

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍ବୁନ୍ ।"

(ଆଲେ ଇମ୍ରାନ୍ :93)

ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Bhadrak (Odisha)

କରନ୍ତି ସେମାନେ ୩ଟି ଈଶ୍ୱରଙ୍କୁ ସ୍ୱୀକାର କରନ୍ତି ନାହିଁ, ତେବେ ସେମାନେ ନର୍କଗାମୀ ହେବେ। ସେଠାରେ ସେମାନେ କାନ୍ଦ ବୋବାଳୀ ଓ ଦାନ୍ତ ପେଷିବା ଛଡ଼ା ଆଉ କିଛି ନଥିବ । ସେମାନଙ୍କ କଥନ ଅନୁଯାୟୀ ସେହି କଳା ନିଆଁରୁ ସେହି ବ୍ୟକ୍ତି ବର୍ତ୍ତି ପାରିବ ଯିଏ ଈଶ୍ୱରଙ୍କ ସକାଶେ ମୃତ୍ୟୁ, ବିପତ୍ତି, ଭୋକ, ଶୋଷ, ବ୍ୟଥା, ଦୁଃଖ, ଆତ୍ମାକୁ ଗୋଟିଏ ଶରୀରୁ ଅନ୍ୟ ଏକ ଶରୀର ମଧ୍ୟରେ ପ୍ରବିଷ୍ଟ ହେବାକୁ ଉଚିତ୍ ଏବଂ ବୈଧ ବୋଲି ମନେକରୁଥିବ । ଅନ୍ୟଥା ନିସ୍ତାର ମିଳିବାର ଅନ୍ୟ କୌଣସି ଉପାୟ ନାହିଁ । (ହୁଜୁର ଅନ୍ୱର୍ ଅ.ବ କହିଲେ) ତହିଁରେ ହ. ଇସା ଅ.ସଙ୍କ ସଂପର୍କରେ କୁହାଯାଇଛି।"

ହୁଜୁର ଅନ୍ୱର୍ ଅ.ବ କହିଲେ, ଅର୍ଥାତ୍ କାଳ୍ପନିକ ସ୍ୱର୍ଗ ଇଉରୋପର ଦୁଇଟି ବଡ଼ ବଡ଼ ଜାତି, ଇଂରେଜ ଏବେ ଋଷୀୟମାନଙ୍କୁ ଅଧା ଅଧା ବାଣ୍ଟି ଦିଆଯିବ ବର୍ତ୍ତମାନ ତହିଁରେ ଆହୁରି ବଡ଼ ବଡ଼ ରାଷ୍ଟ୍ରମାନେ ବିଭକ୍ତ ହୋଇଯାଇଛନ୍ତି । ଆମେରିକାବାସୀମାନେ ମଧ୍ୟ କହୁଛନ୍ତି ଏବଂ ବର୍ତ୍ତମାନ ଆମେରିକାର କେତେକ ସହାନୁଭୂତି ପ୍ରଦର୍ଶନକାରୀମାନଙ୍କ ପକ୍ଷରୁ ଏହା କୁହାଯିବାକୁ ଲାଗିଲାଣି ମସିହ୍‌ଙ୍କର ଯେଉଁ ଦ୍ୱିତୀୟ ଆଗମନ ରହିଛି ତାହା ବୋଧେ ଟ୍ରମ୍ପ ଆକାରରେ ହେବ । **ଇନ୍ନା ଲିଲ୍ଲାଃ** । ହୁଜୁର୍ ଅନ୍ୱର୍ ଅ.ବ କହିଲେ, ଦୁଇଟି ବଡ଼ ବଡ଼ ରାଷ୍ଟ୍ରକୁ ସ୍ୱର୍ଗ ବାଣ୍ଟିକି ଦିଆଯିବ ଏବଂ ଅନ୍ୟ ଏକେଶ୍ୱରବାଦୀ ବ୍ୟକ୍ତିମାନେ ଉକ୍ତ ଦୋଷ ଯୋଗୁଁ ଈଶ୍ୱରଙ୍କୁ (ଯିଏ ନିଜର ସର୍ବଶକ୍ତିମାନ ବିପରୀତ ଅଟନ୍ତି) ପ୍ରତ୍ୟେକ ପ୍ରକାରର କ୍ଷତି ଠାରୁ ପବିତ୍ର ବୋଲି ମନେ କରୁଥିଲେ ସେମାନେ ନର୍କରେ ନିକ୍ଷେପ ହେବେ । ଉକ୍ତ ଲେଖନୀରୁ ମୋର ଏହି ଅଭିପ୍ରାୟ ରହିଛି ଯେ, ଆଜି ସଂସାରରେ ସେହି ପ୍ରସଙ୍ଗ ଯାହାର ନାମ ଏକେଶ୍ୱରବାଦ ତାହା ଆଁହଜରତ୍ ସ.ଅଙ୍କ ଧର୍ମାବଲମ୍ବୀମାନଙ୍କ ବ୍ୟତୀତ ଅନ୍ୟ କୌଣସି ଗୋଷ୍ଠୀ କିମ୍ବା ସଂପ୍ରଦାୟରେ ଦେଖିବାକୁ ମିଳେ ନାହିଁ ଓ ପବିତ୍ର କୁରଆନ୍ କରୀମ୍ ବ୍ୟତୀତ ଅନ୍ୟ କୌଣସି ଧର୍ମଗ୍ରନ୍ଥର ନିଦର୍ଶନ ମିଳୁ ନାହିଁ ଯାହା କୋଟି କୋଟି ଜନମାନସକୁ ଏକେଶ୍ୱରବାଦ ଉପରେ ଅବସ୍ଥାପିତ କରୁଥିବ ଏବଂ ସମ୍ମାନର ସହିତ ସେହି ସତ୍ୟ ଈଶ୍ୱରଙ୍କ ଆଡ଼କୁ ମାର୍ଗଦର୍ଶନ କରୁଥିବ । ପ୍ରତ୍ୟେକ ଜାତି ନିଜ ନିଜର କୃତ୍ରିମ ଈଶ୍ୱର ଗଢି ନେଇଛନ୍ତି ଏବଂ ମୁସଲମାନମାନଙ୍କର ସେହି ଈଶ୍ୱର ଅଟନ୍ତି ଯିଏ ଆବହମାନ କାଳରୁ ଅକ୍ଷୟିଷ୍ଣୁ, ଅପରିବର୍ତ୍ତନୀୟ, ପ୍ରାରମ୍ଭିକ ବିଶେଷ ଗୁଣାବଳୀରେ ଏପରି ଅଟନ୍ତି ଯେପରି ସେ ପୂର୍ବେ ଥିଲେ । ତେଣୁ ଏହି ସମସ୍ତ ଘଟଣାବଳୀ ଏପରି ଅଟନ୍ତି, ଯଦ୍ଦ୍ୱାରା ଇସ୍‌ଲାମ୍ ଧର୍ମର ମାର୍ଗଦର୍ଶକଙ୍କର ସତ୍ୟନିଷ୍ଠ ଅବତାରତ୍ୱ ସୂର୍ଯ୍ୟ ପରି ପ୍ରକାଶିତ ଅଟେ । ଅର୍ଥାତ୍ ସ୍ପଷ୍ଟ ଜାଜ୍ୱଲ୍ୟମାନ ସୂର୍ଯ୍ୟାଲୋକ ପରି ଅଟେ । କାରଣ ଅବତାରତ୍ୱର ଅର୍ଥ, ଅବତାରତ୍ୱ ତଥା ବାର୍ତ୍ତାବହର ଅଭିପ୍ରାୟ ଏହିକି ଯେ, ତାହାଙ୍କ କଲ୍ୟାଣମୟ ଅସ୍ତିତ୍ୱରେ ପ୍ରମାଣ ସିଦ୍ଧ ହୋଇଥାଏ । ଯେପରି ନିର୍ମାଣ ହୋଇଥିବା ବସ୍ତୁରୁ ନିର୍ମାଣକର୍ତ୍ତାର ପରିଚୟ ମିଳିଥାଏ ଠିକ୍ ସେହିପରି ବୁଦ୍ଧିମାନ ବ୍ୟକ୍ତି ସାଂପ୍ରତିକ ସୁଧାରରୁ ସେହି ଐଶୀ ସୁଧାରକଙ୍କୁ ଚିହ୍ନୁଛନ୍ତି । ଅର୍ଥାତ୍ ଯେଉଁ ବସ୍ତୁଟି ନିର୍ମାଣ କରାଯାଇଛି କିମ୍ବା କୌଣସି ଯନ୍ତ୍ରାଂଶ ଖଣ୍ଡ ନିର୍ମାଣ କରାଯାଇଛି ତାହା ଅର୍ଥାତ୍ ନିର୍ମାଣକର୍ତ୍ତା ନିଜ ଦ୍ୱାରା ନିର୍ମିତ ବସ୍ତୁ ମାଧ୍ୟମରେ ଚିହ୍ନି ହୁଅନ୍ତି । ଅର୍ଥାତ୍ ନିର୍ମାଣକର୍ତ୍ତା କେଡ଼େ ଭଲ ବସ୍ତୁ ନିର୍ମାଣ କରିଛନ୍ତି କିମ୍ବା କେଉଁ ପ୍ରକାରର ନିର୍ମାଣ କରିଛନ୍ତି । ଠିକ୍ ସେହିପରି ଐଶୀ ସୁଧାରକଙ୍କୁ ଏହିପରି ଚିହ୍ନା ଯାଇଥାଏ ଯେ, ଐଶୀ ସୁଧାରକ ଏକେଶ୍ୱରବାଦର ପ୍ରଚାରକ ହୋଇଥାଏ ।

ହୁଜୁର ଅନ୍ୱର୍ ଅ.ବ କହିଲେ, ହ. ମସିହ୍ ମଉଦ୍ ଅ.ସ କହିଲେ, "ସେହିପରି ସହସ୍ର ସହସ୍ର ଏପରି ଅନେକ ଘଟଣାବଳୀ ରହିଛି ଯହିଁରୁ ଆଁହଜରତ୍ ସ.ଅଙ୍କ ସମର୍ଥନ ଈଶ୍ୱରଙ୍କ ଦ୍ୱାରା ପ୍ରମାଣିତ ଅଟେ । ଉଦାହରଣ ସ୍ୱରୂପ ଏହା କ'ଣ ଆଶ୍ଚର୍ଯ୍ୟଜନକ ଘଟଣା ନୁହେଁ ଯେ, ଜଣେ ଅଭାବି ବ୍ୟକ୍ତି, ଅସହାୟ, ଅନାଥ, ଏକୁଟିଆ, ଦୀନ ଦରିଦ୍ର ବ୍ୟକ୍ତି ଏପରି ଏକ ସମୟରେ ଯହିଁରେ ପ୍ରତ୍ୟେକ ଜାତି ସକଳ ଶକ୍ତି, ଅର୍ଥ, ସୈନ୍ୟବାହିନୀ ଏବଂ ଶିକ୍ଷାର ଅଧିକାରୀ ଥିଲା ଏପରି ଜାଜ୍ୱଲ୍ୟମାନେ ଶିକ୍ଷା ଆଣିଲା ଯେ, ନିଜର ବଳିଷ୍ଠ ପ୍ରମାଣ ଏବଂ ସ୍ପଷ୍ଟ ପ୍ରାମାଣ୍ୟମାନ ମଧ୍ୟରୁ ସମସ୍ତଙ୍କର ତୁଣ୍ଡକୁ ବନ୍ଦ୍ କରିଦେଲା ଏବଂ ବଡ଼ ବଡ଼ ଲୋକମାନେ ଯେଉଁମାନେ ଚିକିତ୍ସକ ସାଜିଥିଲେ ଓ ଦାର୍ଶନିକ ବୋଲାଉଥିଲେ, ବଡ଼ ବଡ଼୍ ବିଦ୍ୱାନ୍‌ମାନେ ରହିଥିଲେ ଯେଉଁମାନେ ସ୍ପଷ୍ଟ ଭାବରେ ତ୍ରୁଟି ବାହାର କଲେ ଏବଂ ଅସହାୟତା ସତ୍ତ୍ୱେ, ଦାରିଦ୍ର୍ୟତା ସତ୍ତ୍ୱେ ଏପରି ବଳ ପ୍ରଦର୍ଶନ କଲେ ଯେ, ସମ୍ରାଟମାନଙ୍କୁ ସେମାନଙ୍କର ବଳ ସିଂହାସନଚ୍ୟୁତ କରାଇଦେଲା, ସେହି ସିଂହାସନରେ ଏମାନଙ୍କୁ (ଅବତାରମାନଙ୍କୁ) ବସାଇଲେ । ଯଦି ଏହା ଈଶ୍ୱରଙ୍କ ସମର୍ଥନ ନଥିଲା ତେବେ ଆଉ କ'ଣ ଥିଲା ? କ'ଣ ସଂସାର ଉପରେ ବୁଦ୍ଧି, ଜ୍ଞାନ, ଶକ୍ତି ଓ ବଳ ମାଧ୍ୟମରେ ବିଜୟ ପ୍ରାପ୍ତ କରିନେବା ଈଶ୍ୱରଙ୍କ ସମର୍ଥନ ବ୍ୟତୀତ ହୋଇପାରିବ କି ?" **(ବରାହିନେ ଅହମଦିୟା, ଭାଗ-2, ରୁହାନୀ ଖଜାଏନ୍ ଗ୍ରନ୍ଥଖଣ୍ଡ-1, ପୃ-108-119)**

ହୁଜୁର ଅନ୍ୱର୍ ଅ.ବ କହିଲେ, ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଇତିହାସ ସ୍ପଷ୍ଟ ରୂପେ ସୂଚାଏ ଏବଂ ପବିତ୍ର କୁରଆନ୍ କରୀମ୍‌ର ଅନେକ ସ୍ଥାନରେ........ସ୍ପଷ୍ଟ ରୂପେ ବର୍ଣ୍ଣିତ ହୋଇଛି ଯେ, ଆଁହଜରତ୍ ସ.ଅ ଏପରି କାଳରେ ଅବତୀର୍ଣ୍ଣ ହୋଇଥିଲ (ଅବିର୍ଭୂତ ବା ପ୍ରେରିତ) ଯେତେବେଳେ ସମସ୍ତ ସଂସାରରେ ଶିର୍କ ଏବଂ ମାର୍ଗଭ୍ରଷ୍ଟତା ଓ ମାନବ ପୂଜା ପରିବ୍ୟାପ୍ତ ହୋଇଯାଇଥିଲା । ସମସ୍ତ ଲୋକମାନେ ନୈତିକ ସତ୍ୟତାକୁ ପରିତ୍ୟାଗ କରିଦେଇଥିଲେ । ସମସ୍ତେ ସତ୍‌ମାର୍ଗକୁ ପାସୋରି ଦେଇ ପ୍ରତ୍ୟେକ ସଂପ୍ରଦାୟ ପୃଥକ୍ ପୃଥକ୍ ବିଦ୍‌ଅତ୍ (ନୂତନ ଆହୃତ ରୀତି)ର ମାର୍ଗ ଅବଲମ୍ବନ କରି ନେଇଥିଲେ । ଆରବରେ ପିତୁଳା ପୂଜାର ପ୍ରାବଲ୍ୟତା ତଥା ଆଧିକ୍ୟତା ରହିଥିଲା। ପାରସ୍ୟ (ଇରାନରେ)ରେ ଅଗ୍ନି ପୂଜାର ବଜାର ଗରମ ଥିଲା । ସେହି କାଳରେ ଇରାନୀୟ ଲୋକମାନେ ଅଗ୍ନି ପୂଜକ ଥିଲେ । ସେମାନେ ଅଗ୍ନିକୁ ପୂଜା କରୁଥିଲେ। ଭାରତରେ ପିତୁଳା ପୂଜା ବ୍ୟତୀତ ଶତାଧିକ ପ୍ରକାରର ପ୍ରାଣୀମାନଙ୍କର ପୂଜା ପରିବ୍ୟାପ୍ତ ହୋଇ ଯାଇଥିଲା । ସେହି ଦିନମାନଙ୍କର ଅନେକ ପୋଥି ପୁରାଣ ଏବଂ ପୁସ୍ତକ ଦୃଷ୍ଟିରୁ ବିଂଶାଧିକ ଈଶ୍ୱରଙ୍କ ଭକ୍ତମାନଙ୍କୁ ଈଶ୍ୱର କରି ନିଆଯାଇଥିଲା ଏବଂ ଅବତାର ପୂଜାର ମୂଳଦୁଆ ପଡ଼ିଲା ।"

ହୁଜୁର୍ ଅ.ବ କହିଲେ, ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଜନ୍ ଡ୍ୟୁନ୍ ପୋର୍ଟ୍ ସାହେବ ନାମକ ଜଣେ ପାଦ୍ରୀ ଉଲ୍ଲେଖ କରନ୍ତି ଯେ, ଅନେକ ବିଦ୍ୱାନ୍ ଇଂରେଜମାନେ ଏବଂ ସେହି ଦିନମାନଙ୍କରେ ଖ୍ରୀଷ୍ଟ ଧର୍ମ ଠାରୁ ଖରାପ ଧର୍ମ ଅନ୍ୟ କୌଣସି ଧର୍ମ ନାହିଁ ବୋଲି ମତ ପ୍ରକାଶ କରିଥିଲା ।" ଆପଣ ଅ.ସଙ୍କ କାଳରେ ଜନ୍ ଡ୍ୟୁନର ଯେଉଁ କଥା ଆପଣଙ୍କୁ ଜ୍ଞାତ ହେଲା, ଲୋକମାନେ ମଧ୍ୟ, ଖ୍ରୀଷ୍ଟ ଇତିହାସବିତ୍‌ମାନେ, ଇଂରେଜ ବିଦ୍ୱାନ୍‌ମାନେ ମଧ୍ୟ ଏହା ଲେଖିଛନ୍ତି ଯେ, ଖ୍ରୀଷ୍ଟ ଧର୍ମ ଠାରୁ ଖରାପ୍ ଧର୍ମ ଅନ୍ୟ କୌଣସି ଧର୍ମ ନଥିଲା । ପାଦ୍ରୀ ଲୋକମାନଙ୍କର କୁକର୍ମ ଏବଂ ଅନ୍ଧବିଶ୍ୱାସ ଠାରୁ ଖ୍ରୀଷ୍ଟ ଧର୍ମ ଉପରେ ଏକ ଭୟଙ୍କର ଦାଗ ଲାଗି ଯାଇଥିଲା ଏବଂ ଖ୍ରୀଷ୍ଟ ଧର୍ମର ବିଶ୍ୱାସରେ କେବଳ ଗୋଟିଏ ଦୁଇଟି ନୁହଁ ବରଂ ଅନେକ ପ୍ରସଙ୍ଗ ଈଶ୍ୱରଙ୍କ ସ୍ଥାନ ଓ ମର୍ଯ୍ୟାଦା ଅଧିକାର କରି ନେଇଥିଲା । ଅତଏବ୍ ଆଁହଜରତ୍ ସ.ଅଙ୍କ ଏପରି ସାଧାରଣ ମାର୍ଗଭ୍ରଷ୍ଟ ସମୟରେ ଅବତୀର୍ଣ୍ଣ ହେବା ଯେତେବେଳେକି ସ୍ୱୟଂ ବର୍ତ୍ତମାନର ପରିସ୍ଥିତି ମୁତାବକ ଜଣେ ଚିକିତ୍ସକ ଓ ସୁଧାରକଙ୍କୁ ଆବଶ୍ୟକତ କରୁଥିଲା । ସେହି ପରିସ୍ଥିତିରେ ଜଣେ ଐଶୀ ଚମତ୍କାରର ଆବଶ୍ୟକତା ଥିଲା । ଈଶ୍ୱର ସେହି ଚମତ୍କାର ପ୍ରଦର୍ଶନ କରି ଏକ ଜଗତକୁ ଏକେଶ୍ୱରବାଦ ଏବଂ ସତ୍‌କର୍ମ ଦ୍ୱାରା ଆଲୋକିତ କରିବା ଏବଂ ଶିର୍କ ପ୍ରାଣୀପୂଜା ଯାହାକି ସମସ୍ତ ପାପର ଜନନୀ ଥିଲା ତାହାର ମୂଳୋତ୍ପାଟନ କରିବା ଉକ୍ତ କଥାର ଜ୍ୱଳନ୍ତ ପ୍ରମାଣ ଯେ, ଆଁହଜରତ୍ ସ.ଅ ଈଶ୍ୱରଙ୍କର ସତ୍ୟ ଏବଂ ପ୍ରକୃତ ବାର୍ତ୍ତାବହ ଅଟନ୍ତି ଓ ଆପଣ ସ.ଅ ସମସ୍ତ ଅବତାରମାନଙ୍କ ଠାରୁ ସର୍ବୋତ୍କୃଷ୍ଟ ତଥା ସର୍ବୋତ୍ତମ ଥିଲେ ।

ହୁଜୁର ଅନ୍ୱର ଅ.ବ କହିଲେ, ଆଁହଜରତ୍ ସ.ଅଙ୍କ ସତ୍ୟବାଦୀ ହେବା ତ' ଉପରୋକ୍ତ କଥାରୁ ପ୍ରମାଣିତ ଯେ, ସାଧାରଣ ମାର୍ଗଭ୍ରଷ୍ଟ ଯୁଗରେ ପ୍ରକୃତିର ନିୟମ ଏକ ସତ୍ୟବାଦୀ ପଥପ୍ରଦର୍ଶକଙ୍କୁ ଆବଶ୍ୟକତ କରୁଥିଲା ଏବଂ ଈଶ୍ୱରଙ୍କ ପରମ୍ପରା ଜଣେ ମାର୍ଗଦର୍ଶକଙ୍କୁ ଚାହୁଁଥିଲା । ଈଶ୍ୱରଙ୍କ ନିୟମ ମଧ୍ୟ ଏହା ହିଁ କୁହେ ଯେ, ଯେତେବେଳେ ଲୋକମାନେ ବିଗିଡ଼ି ଯାଆନ୍ତି ସେତେବେଳେ ଅଲ୍ଲାଃତାଲା ନିଜର ଦୂତ(ବାର୍ତ୍ତାବହ) ମାନଙ୍କୁ ପ୍ରେରିତ କରିଥାଆନ୍ତି । କାରଣ ସକଳ ଜଗତର ପାଳନକର୍ତ୍ତାଙ୍କ ଏହି ନିୟମ ରହିଛି ଯେ, ଯେତେବେଳେ ସଂସାରରେ କୌଣସି ପ୍ରକାରର କ୍ରୂରତା ଏବଂ କଷ୍ଟ ଯନ୍ତ୍ରଣା ଚରମ ସୀମାକୁ ପହଞ୍ଚି ଯାଏ ସେତେବେଳେ ଈଶ୍ୱରଙ୍କ ଦୟା ସେହି ସମସ୍ତ ଦୁଃଖ କଷ୍ଟ, କ୍ରୂରତା ତଥା ଯନ୍ତ୍ରଣାକୁ ଦୂର କରିବା ଆଡ଼କୁ ଧ୍ୟାନ କେନ୍ଦ୍ରିତ କରିଥାଏ । ଯେପରି ବର୍ଷାଭାବ ଯୋଗୁ ଅତ୍ୟନ୍ତ ଦୁର୍ବିସହମୂଳକ ଦୁର୍ଭିକ୍ଷ ପଡ଼େ (ବର୍ଷା ନହୋଇ ମରୁଡ଼ି ପଡ଼େ) ପ୍ରାଣୀମାନଙ୍କର କାମ ତମାମ୍ ହେବାକୁ ଲାଗିଥାଏ, ଲୋକମାନେ ମୃତ୍ୟୁବରଣ କରିବାକୁ ଲାଗନ୍ତି ସେତେବେଳେ ଈଶ୍ୱର ବୃଷ୍ଟିପାତ କରି ଦେଇଥାଆନ୍ତି ଏବଂ ଯେତେବେଳେ ମହାମାରୀ ରୋଗ ଦ୍ୱାରା ଲକ୍ଷ ଲକ୍ଷ ଲୋକମାନେ ମୃତ୍ୟୁବରଣ କରନ୍ତି ସେତେବେଳେ ସୁଧାରର କୌଣସି ସ୍ଥିତି (ଉପାୟ) ବାହାରି ଆସିଥାଏ କିମ୍ବା କୌଣସି ଔଷଧ ଆବିଷ୍କୃତ ହୋଇଥାଏ । ଯେତେବେଳେ କୌଣସି ଅତ୍ୟାଚାରୀ ବ୍ୟକ୍ତିର ପଞ୍ଝାରେ କୌଣସି ଜାତି ଗିରଫ ହୋଇଥାଏ ସେତେବେଳେ କୌଣସି ନା କୌଣସି ନ୍ୟାୟ ପ୍ରଦର୍ଶକାରୀ, ଦୁଃଖୀମାନଙ୍କର ଡାକକୁ ଶୁଣୁଥିବା ବ୍ୟକ୍ତି ଜନ୍ମଗ୍ରହଣ କରିଥାଏ। ଅତଏବ୍ ସେହିପରି ଯେତେବେଳେ ଲୋକମାନେ ଈଶ୍ୱରଙ୍କ ମାର୍ଗକୁ ପାସୋରି ଦିଅନ୍ତି ଏବଂ ଏକେଶ୍ୱରବାଦ ଓ ସତ୍ୟପୂଜାକୁ ପରିତ୍ୟାଗ କରି ଦିଅନ୍ତି ସେତେବେଳେ ଈଶ୍ୱର ନିଜ ତରଫରୁ ଜଣେ ଭକ୍ତକୁ ପୂର୍ଣ୍ଣ ଆଧ୍ୟାତ୍ମିକ ଦୃଷ୍ଟି ପ୍ରଦାନ କରି ନିଜର ବାଣୀ

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

## ନବୀ ସ.ଅଙ୍କ ବାଣୀ:-

**"ଇଜ୍‌ତନିବୁଲ୍ ଗଜିବା"**

ଅର୍ଥାତ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଷିଣର ପରମ ଶତ୍ରୁ ।

ତାଲିବେ ଦୁଆ: Sk Deedar Ahmed & Family,
Jamat Ahmadiya Kerang,
Darul Fazal (Odisha)

ଏବଂ ଐଶୀବାଣୀ ଦ୍ୱାରା ସମ୍ମାନିତ କରି ମାନବ ଜାତି ସତ୍‌ମାର୍ଗ ସକାଶେ ପ୍ରେରଣ କରିଥାଆନ୍ତି । କାରଣ ଯେଭଳି ବିଶୃଙ୍ଖଳା ସେଭଳି ସୁଧାର ଏବଂ ସଂଶୋଧନ ମଧ୍ୟ ସେହି ପ୍ରେରିତ ବାର୍ତ୍ତାବହ କରୁ । ତହିଁରେ ଏହି ବାସ୍ତବତା ରହିଛି ଯେ, ପାଳନକର୍ତ୍ତା ଯେକି ଚିରଞ୍ଜିବ ଅସ୍ତିତ୍ୱ ଅଟନ୍ତି, ଯିଏ ସଂସାରକୁ ଅକ୍ଷୁର୍ଣ୍ଣ ରଖିବେ, ଚିରସ୍ଥାୟୀ ଏବଂ ଜଗତର ଅସ୍ତିତ୍ୱ ତାହାଙ୍କ ମାଧ୍ୟମରେ ଓ ଆଶ୍ରା ଦ୍ୱାରା ହିଁ ସମ୍ଭବ ପରେ ଅଟେ, ତାହାଙ୍କ ମାଧ୍ୟମରେ, ତାହାଙ୍କ ଯୋଗୁଁ କୌଣସି କରୁଣା ପ୍ରଦାନର ଗୁଣାବଳୀକୁ ପ୍ରାଣୀଜଗତକୁ ପ୍ରଦାନ କରିବା ନିମନ୍ତେ ପଶ୍ଚାତପଦ ହୁଅନ୍ତି ନାହିଁ ଓ ନା ହିଁ ଈଶ୍ୱର ସେମାନଙ୍କୁ ପରିତ୍ୟକ୍ତ ଛାଡ଼ି ଦିଅନ୍ତି । ବରଂ ତାହାଙ୍କର ପ୍ରତ୍ୟେକ ଗୁଣାବଳୀ ସମୟ କ୍ରମେ ତୁରନ୍ତ ପ୍ରାଦୁର୍ଭୂତ ହୋଇଯାଇଥାଏ । ଅତଏବ୍ ଯେହେତୁ ବୌଦ୍ଧିକ ପ୍ରସ୍ତାବ ଦୃଷ୍ଟିରୁ ଉକ୍ତ କଥା ଉପରେ ଅନିର୍ବାର୍ଯ୍ୟ ହେଲା ଯେ, ପ୍ରତ୍ୟେକ ବିପତ୍ତିର ପ୍ରାବଲ୍ୟତାକୁ ଭଙ୍ଗ କରିବା ନିମନ୍ତେ ଈଶ୍ୱରଙ୍କ ସେହି ଗୁଣାବଳୀ ଯାହାକି ତାହାଙ୍କ ବିପରୀତ ପାର୍ଶ୍ୱରେ ପଡ଼ି ରହିଛି ତାହା ପ୍ରାଦୁର୍ଭୂତ ହୋଇଥାଏ । ବିରୋଧୀମାନେ ସ୍ୱୟଂ ଉକ୍ତ କଥାକୁ ଇତିହାସରୁ ସ୍ୱୀକାର କରିଥାଆନ୍ତି ଏବଂ ବିଶେଷ କୁରଆନୀୟ ବିବୃତ୍ତିରୁ ସ୍ୱଷ୍ଟ ରୂପେ ସିଦ୍ଧ ଓ ପ୍ରମାଣିତ ହୋଇ ସାରିଛି ଯେ, ଆଁହଜରତ୍ ସ.ଅଙ୍କ ଆବିର୍ଭୂତ ସମୟରେ ଏହି ବିପତ୍ତି ଆଧିପତ୍ୟ ଲାଭ କରୁଥିଲା ଯେ, ସଂସାରର ସମସ୍ତ ଜାତିମାନେ ଏକେଶ୍ୱରବାଦର ସଳଖ ମାର୍ଗ, ନିଷ୍ଠା, ସତ୍ୟ ପୂଜାକୁ ପରିତ୍ୟାଗ କିର ଦେଇଥିଲେ । ସେହିପରି ଉକ୍ତ କଥାଟି ପ୍ରତ୍ୟେକଙ୍କୁ ଜ୍ଞାତ (ଜଣା) ଯେ, ସେହି ଉପଦ୍ରବର ସୁଧାର କଲା ବାଲା ସୁଧାରକ ଅନ୍ୟ ଏକ ଜଗତକୁ ଶିର୍କର ଅନ୍ଧକାର, ପ୍ରାଣୀ ପୂଜା ଠାରୁ ବାହାର କରି ଏକେଶ୍ୱରବାଦ ଉପରେ ଆଣି ସ୍ଥାପିତ କରିଥିବା ବାର୍ତ୍ତାବହ କେବଳ ଓ କେବଳ ଆଁହଜରତ୍ ସ.ଅ ଅଟନ୍ତି । ଅନ୍ୟ କୌଣସି ବ୍ୟକ୍ତି କିମ୍ବା ଏକେଶ୍ୱରବାଦ, ଶିର୍କ, ପ୍ରାଣୀ ପୂଜା ଠାରୁ ଅଟକାଇ ନଥିଲେ। ଉପରୋକ୍ତ ସମସ୍ତ କଥନ ଉପସ୍ଥାପିତ କରିବା ଦ୍ୱାରା ଏହି ପରିଣାମ ବାହାରିଲା ଯେ, ଆଁହଜରତ୍ ସ.ଅ ଈଶ୍ୱରଙ୍କ ତରଫରୁ ପ୍ରକୃତ ମାର୍ଗଦର୍ଶକ ଅଟନ୍ତି ।" **(ବରାହିନେ ଅହମଦିୟା, ରୁହାନୀ ଖଜାଏନ୍ ଗ୍ରନ୍ଥଖଣ୍ଡ-1, ପୃ-112-114, ଟିପ୍ପଣୀ ସଂଖ୍ୟା-10)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଅତଏବ୍ ଆଁହଜରତ୍ ସ.ଅ ହିଁ ସେହି ଅସ୍ତିତ୍ୱ ଅଟନ୍ତି ଯିଏ ଏକେଶ୍ୱରବାଦକୁ ପ୍ରକୃତ ରୂପେ ସଂସାରରେ ସ୍ଥାପନ କରିଥିଲେ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ବିଗତ ଖୁତ୍‌ବାରେ ଏହାର ଅନେକ ଘଟଣା, ଅନେକ ପ୍ରାମାଣ୍ୟମାନ ମଧ୍ୟ ମୁଁ ବର୍ଣ୍ଣନା କରି ସାରିଛି ଯେ, ଆଁହଜରତ ସ.ଅ କିଭଳି ଏକେଶ୍ୱରବାଦ ସ୍ଥାପନ ପାଇଁ ଉଦ୍ୟମ କରୁଥିଲେ । ପୁନଶ୍ଚ ଆମେମାନେ ସାଂପ୍ରତିକ କାଳରେ ଦେଖୁ ଯେ, ଅଲ୍ଲାଃତାଲାଙ୍କ ଅଙ୍ଗୀକାର ତଥା ପ୍ରତିଶୃତି ଅନୁଯାୟୀ ଆପଣ ସ.ଅଙ୍କ ସତ୍ୟବାଦୀ ଦାସଙ୍କୁ ଅଲ୍ଲାଃତାଲା ଏକେଶ୍ୱରବାଦ ସ୍ଥାପନ ନିମନ୍ତେ ନିୟୋଜିତ ଓ ନିଯୁକ୍ତ କରିଥିଲେ। କାରଣ ସାଂପ୍ରତିକ ଯୁଗରେ ହ. ମିର୍ଜା ଗୁଲାମ୍ ଅହମଦ କାଦିୟାନୀ ଅ.ସ ଯେକି ପ୍ରତିଶୃତ ମସିହ୍ ଓ ଅଙ୍ଗୀକୃତ ମେହଦୀ ମଧ୍ୟ ଅଟନ୍ତି ଆପଣ ଆଁହଜରତ୍ ସ.ଅଙ୍କ ଶିକ୍ଷା, ପରମ୍ପରାର ବ୍ୟବହାରିକ ଉଦାହରଣ ଓ ଆଦର୍ଶ ଥିଲେ । ଆପଣ ଅ.ସଙ୍କ ହୃଦୟ ନିଜର ପ୍ରିୟ ମୁନିବଙ୍କ ଆଜ୍ଞାବହତ୍ୱରେ ଅଲ୍ଲାଃତାଲାଙ୍କ ଏକେଶ୍ୱରବାଦକୁ ପରିବ୍ୟାପ୍ତ କରିବା ନିମନ୍ତେ ଏକ ବେଦନା ଓ ବ୍ୟଥା ଦ୍ୱାରା ପରିପୂର୍ଣ୍ଣ ହୋଇଥିଲା ।

ସୁତରାଂ ଆମେମାନଙ୍କୁ ଆପଣ ଅ.ସଙ୍କ ଲେଖନୀ, ଆପଣ ଅ.ସଙ୍କ ବ୍ୟବହାରିକ ଜୀବନରେ ଏହାର ଅନେକ ଉଦାହରଣ ଦେଖିବାକୁ ମିଳିଥାଏ ଯହିଁରୁ କେତେକ ଉଦାହରଣ ମୁଁ ଏଠାରେ ବର୍ଣ୍ଣନା କରୁଛି । ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଅଲ୍ଲାଃତାଲାଙ୍କର ମୋ ସହିତ ବଡ଼ ବିଚିତ୍ର ପ୍ରକାରର ପ୍ରସଙ୍ଗ (ବ୍ୟାପାର ବା ଆଚରଣ, ବ୍ୟବହାର) ରହିଛି । ମୋର ଏହି ଐଶୀବାଣୀ ଯେ, اَنْتَ مِنِّیْ بِمَنْزِلَۃِ تَوْحِیْدِیْ وَ تَفْرِیْدِیْରେ ଏକ ନୂଆ ପ୍ରକାରର ଐଶୀବାଣୀ ହୋଇଛି । ମୁଁ ବର୍ତ୍ତମାନ ଠାରୁ ପୂର୍ବେ କୌଣସି ଐଶୀଗ୍ରନ୍ଥର ବାକ୍ୟରେ ଏହି ପ୍ରକାରର ଶବ୍ଦ ଦେଖି ନାହିଁ । ଏହାର ଅର୍ଥ ମୁଁ ଯାହା ବୁଝିଲି ବା ମୋ ଧାରଣାରେ ଏହି ଐଶୀବାଣୀର ଅର୍ଥ ଏହା ଆସିଲା ଯେ, ଏପରି ବ୍ୟକ୍ତି ଏକେଶ୍ୱରବାଦର ସ୍ତର ତଥା ମର୍ଯ୍ୟାଦା ଅନୁଯାୟୀ ହିଁ ସମକକ୍ଷ ହୋଇଥାଏ ଯିଏ ଏପରି ସମୟରେ ନିଯୁକ୍ତ ହେବ ଯେତେବେଳେ ସଂସାରରେ ଏକେଶ୍ୱବାଦର ମର୍ଯ୍ୟାଦାକୁ କ୍ଷୁର୍ଣ୍ଣ କରାଯାଇଥିବ ଏବଂ ସେହି ବ୍ୟକ୍ତିକୁ ଅତ୍ୟନ୍ତ ହୀନ ଚକ୍ଷୁରେ ଦେଖା ଯାଉଥିବ, ସେତେବେଳର ପରିସ୍ଥିତି ଅନୁଯାୟୀ ଆସିଥିବା ସେହି ବ୍ୟକ୍ତି ଏକେଶ୍ୱରବାଦର ସାକ୍ଷାତ୍ ଏକେଶ୍ୱରବାଦୀ ନିଯୁକ୍ତ ବାର୍ତ୍ତାବହ ହୋଇଥାଏ ।"

**(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-5, ପୃ-1, ସଂସ୍କରଣ ବର୍ଷ-2022 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏକ ସଭାରେ ଆପଣ ଅ.ସ ବର୍ଣ୍ଣନା କରିଥିଲେ ଯେ, ଉକ୍ତ ଐଶୀବାଣୀକୁ ଗୋଟିଏ ଖବର କାଗଜ ଏପରି ଲେଖିଥିଲା ବେଳେ ଅନ୍ୟ ଏକ ଖବର କାଗଜ ଅଲ୍ ବଦର୍‌ରେ ସାମାନ୍ୟ ବିସ୍ତାରିତ ଭାବରେ ଏପରି ଲେଖିଥିଲା। ଆପଣ ଅ.ସ କହିଲେ, "ଏହି ନିଯୁକ୍ତ ବ୍ୟକ୍ତି ଈଶ୍ୱର ଉପାସନାରେ ଏତେ ଆକ୍ରାନ୍ତ (ଆସକ୍ତ) ଯେ, ସେ ନିଜର ମସସ୍ତ ଲକ୍ଷ୍ୟ, ଉଦ୍ଦେଶ୍ୟକୁ ପାସୋରି ଦେଇ ଏକେଶ୍ୱରବାଦ ପ୍ରତିଷ୍ଠା କରିବାରେ ସ୍ୱୟଂ ଏକ ଏକେଶ୍ୱରବାଦର ରୂପ ହୋଇଯାଇଥାଏ । ସେହି ବ୍ୟକ୍ତିର ପ୍ରତ୍ୟେକ କଥା ଓ କାର୍ଯ୍ୟରେ ତଥା ଗତିବିଧିରେ ଏକେଶ୍ୱରବାଦର ନିଆଁ ଲାଗିଥାଏ ।" **(ଅଲ୍ ବଦର୍, ଗ୍ରନ୍ଥଖଣ୍ଡ-2, ସଂଖ୍ୟା-12, 1903 ମସିହା ଏପ୍ରିଲ୍ ମାସ 10 ତାରିଖ, ପୃ-91, ଦ୍ୱିତୀୟ ସ୍ତମ୍ଭ)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, "ପ୍ରତ୍ୟେକ ବ୍ୟକ୍ତି ନିଜର ଏକ ଉଦ୍ଦେଶ୍ୟ ଏବଂ ଅଭିପ୍ରାୟ ନିର୍ଦ୍ଦିଷ୍ଟ (ସ୍ଥିର) କରିଥାଏ । କିନ୍ତୁ ଏହି ବ୍ୟକ୍ତିର ଅଭିପ୍ରାୟ ଅର୍ଥାତ୍ ଯିଏ ଅଲ୍ଲାଃତାଲାଙ୍କ ପ୍ରେମରେ ନିଜକୁ ହଜାଇ ଦେଇଥାଏ ତା'ର ଅଭିପ୍ରାୟ ଏବଂ ମର୍ମ ଅଲ୍ଲାଃତାଲାଙ୍କ ଏକେଶ୍ୱରବାଦ ହିଁ ହୋଇଥାଏ । ସେ ଅଲ୍ଲାଃତାଲାଙ୍କ ଏକେଶ୍ୱରବାଦକୁ ନିଜର ସ୍ୱଭାବଗତ ଆବେଗ ଓ ଅଭିପ୍ରାୟ ଠାରୁ ମଧ୍ୟ ଉର୍ଦ୍ଧ୍ୱରେ ରଖିଥାଏ ତଥା ନିଜର ସମସ୍ତ ଆବଶ୍ୟକତାକୁ ପଛରେ ପକାଇ ଦେଇଥାଏ । ସେହିପିର ପ୍ରତ୍ୟେକ ବ୍ୟକ୍ତିର ଅଭିପ୍ରାୟର ଏକ ପିତୁଳାଟିଏ ହୋଇଥାଏ ଏବଂ ସେହି ବ୍ୟକ୍ତି ସେହି ପିତୁଳା ପର୍ଯ୍ୟନ୍ତ ପହଞ୍ଚିବାକୁ ଚାହିଁଥାଏ (ଚେଷ୍ଟା କରିଥାଏ) । କିନ୍ତୁ ଏହା ଅଲ୍ଲାଃତାଲାଙ୍କ ଆୟତ୍ତରେ ହିଁ ହୋଇଥାଏ । ଅର୍ଥାତ୍ ଅଲ୍ଲାଃତାଲା ବ୍ୟକ୍ତିକୁ ତାହାଙ୍କ ପର୍ଯ୍ୟନ୍ତ ପହଞ୍ଚାଇ ଦେବେ ଅବା ତା'ର ଆୟୁଷକୁ ହିଁ ମସାପ୍ତ କରିଦେବେ । ସାଂସାରିକ ଅଭିପ୍ରାୟ ତଥା ଉଦ୍ଦେଶ୍ୟର ପ୍ରାପ୍ତି ନିମନ୍ତେ ସାଂସାରିକ ଲୋକମାନଙ୍କର, ବ୍ୟବସାୟୀ ଲୋକମାନଙ୍କର, ବାଣିକ ବୃତ୍ତି ଅବଲମ୍ବନକାରୀଙ୍କ ମନରେ ପ୍ରବଳ ସ୍ପୃହା ରହିଥାଏ । ସେମାନେ ନିଜର ଏକ ଟାର୍ଗେଟ୍ ଲକ୍ଷ୍ୟ ରଖି ଥାଆନ୍ତି । କିନ୍ତୁ ହୁଏ ତ' ଅଲ୍ଲାଃତାଲା ସେମାନଙ୍କୁ ପହଞ୍ଚାଇ ଦେଇଥାଆନ୍ତି କିମ୍ବା ଏହା ଦ୍ୱାରା ସେମାନଙ୍କର ଅନ୍ତ ଘଟିଥାଏ । ସାଂସାରିକ ଅଭିଳାଷୀ ବ୍ୟକ୍ତି ନିଜର ଧନ, ମାନ ସମ୍ମାନ, ସ୍ତ୍ରୀ ଓ ସନ୍ତାନ କିମ୍ବା ଅନ୍ୟାନ୍ୟ ଆବଶ୍ୟକତା ସକାଶେ ଉତ୍କଣ୍ଠିତ ଓ ବ୍ୟଗ୍ର ହୋଇଥାଏ, ସେ ନିଜ ଠାରୁ ଅପରିଚିତ ହୋଇଥାଏ ଏବଂ ବେଳେବେଳେ ଲୋକମାନେ ଏହି ସମସ୍ୟାର ସମ୍ମୁଖୀନ ହୋଇ ଆତ୍ମ ହତ୍ୟା ମଧ୍ୟ କରିନେଇ ଥାଆନ୍ତି। କିନ୍ତୁ ଯେଉଁ ବ୍ୟକ୍ତି ଈଶ୍ୱରଙ୍କ ତରଫରୁ ନିଯୁକ୍ତ ହୋଇଥାଏ ତା'ର ଏହି ଉତ୍ସାହ ଈଶ୍ୱରଙ୍କ ଏକେଶ୍ୱରବାଦ ସକାଶେ ହିଁ ହୋଇଥାଏ । ସେ ନିଜର ଆତ୍ମିକ, କାମନା ଜନିତ ଇଚ୍ଛା ବଦଳରେ ଈଶ୍ୱରଙ୍କ ଏକେଶ୍ୱରବାଦ ସକାଶେ ବ୍ୟାକୁଳିତ ଓ ତଲ୍ଲୀନ ହୋଇଥାଏ ।"

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଆପଣ ଅ.ସ କୁହନ୍ତି: "ମୁଁ ଏହା ମନେକରୁଛି ଯେ, ଏପରି ସମୟରେ ଏହି ଶବ୍ଦ ଈଶ୍ୱରଙ୍କ ପକ୍ଷରୁ ହିଁ ଆସିଥାଏ ଯେ, اَنْتَ مِنِّیْ بِمَنْزِلَۃِ تَوْحِیْدِیْ وَ تَفْرِیْدِیْକାରଣ ଅଲ୍ଲାଃତାଲାଙ୍କୁ ନିଜର ଏକେଶ୍ୱରବାଦ ଅତି ପ୍ରିୟ ଅଟେ। ଅତଏବ୍ ଏହି ଏକେଶ୍ୱରବାଦ ଥିଲା ଯାହା ସକାଶେ ଅଲ୍ଲାଃତାଲା କେତେବେଳେ ରୋଗ, ମହାମାରୀ, କେତେବେଳେ ଦୁର୍ଭିକ୍ଷ ବା ମରଡ଼ି, ତ' ଆଉ କେତେବେଳେ ନିଜର ପ୍ରିୟ ଅବତାରମାନଙ୍କ ହସ୍ତରେ ଥିବା ଖଡ଼ଗରୁ ଏହାର ସ୍ଥାପନ ନିମନ୍ତେ ସହସ୍ର ସହସ୍ର ମୁଶ୍‌ରିକ୍ ଜୀବନକୁ ଧ୍ୱଂସ କରିଦେଲେ । ମକ୍କା ଓ ମଦିନାର ପରିସ୍ଥିତି (ତଥା ପରିବେଶ) ମଧ୍ୟ କେବଳ ତାହାଙ୍କ ସକାଶେ (ଆଁହଜରତ୍ ସ.ଅଙ୍କ ସକାଶେ) କ୍ଲିଷ୍ଟ ହୋଇଥିଲା । ମୁସା ଅ.ସଙ୍କ ପ୍ରସଙ୍ଗ ମଧ୍ୟ ସେହି ଏକେଶ୍ୱରବାଦ ସକାଶେ ଉଦ୍ଦିଷ୍ଟ ଥିଲା ।"

**(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-5, ପୃ-1-2, ସଂସ୍କରଣ ବର୍ଷ-2022 ମସିହା)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମସିହ୍ ମଉଦ୍ ଅ.ସ ଶିର୍କ ଏବଂ ଶିର୍କର ସୂକ୍ଷ୍ମ ପ୍ରକାରଭେଦ ସଂପର୍କରେ ଚର୍ଚ୍ଚା କରି କୁହନ୍ତି: "ଏକଥା ଉଚିତ୍ କି ପ୍ରତ୍ୟେକ ପ୍ରକାରର ଶିର୍କ ଠାରୁ ନିବୃତ୍ତ ରହିବା ଉଚିତ୍ । ନା ସୂର୍ଯ୍ୟଙ୍କର ଉପାସନା କରାଯାଉ, ନା ଚନ୍ଦ୍ର ଉପାସନା କରାଯାଉ ଓ ନା ହିଁ ଅଗ୍ନିର ଉପାସନା କରାଯାଉ, ନା ଜଳର ଉପାସନା କରାଯାଉ ଓ ନା ହିଁ ଭୂମିର ଉପାସନା କରାଯାଉ, ନା ସାଂସାରିକ ସାଧନକୁ ଏପରି ସମ୍ମାନ ପ୍ରଦର୍ଶନ କରାଯାଉ, ଏପରି ବିଶ୍ୱାସ କରାଯାଉ ଯେ, ଏମାନେ ଈଶ୍ୱରଙ୍କ ସହିତ ସମକକ୍ଷ ଅଟନ୍ତି। ସେହିପରି ନିଜର ସାହସ, ବୀରତ୍ୱ ଓ ଉଦ୍ୟମ ଉପରେ ବିଶ୍ୱାସ କରିବା ମଧ୍ୟ ଶିର୍କ ଅଟେ । ତେଣୁ ଏହି ବସ୍ତୁଗୁଡ଼ିକୁ କୌଣସି ଗୁରୁତ୍ୱ ଦିଆ ନଯାଉ। କାରଣ ଏମାନେ ମଧ୍ୟ ଶିର୍କର ପ୍ରକାରଭେଦ ମଧ୍ୟରୁ ଅନ୍ୟତମ ପ୍ରକାର ଅଟନ୍ତି । କେବଳ ସେତିକି ନୁହେଁ ବରଂ ସବୁକିଛି କରି ଏହା ବିଚାର କରିବା ଯେ, ଆମେମାନେ କିଛି କରି ନାହୁଁ । ନିଜ ଜ୍ଞାନ ଉପରେ ଗର୍ବଭାବ ପ୍ରକାଶ କରିବା ମଧ୍ୟ ଶିର୍କ ଅଟେ । ତେଣୁ ନିଜ ଜ୍ଞାନ ଉପରେ ଗର୍ବଭାବ ପ୍ରକାଶ ନକରାଯାଉ ଓ ନା ହିଁ ନିଜର କୃତ୍ୟ ଉପରେ କୌଣସି ଗର୍ବଭାବ ପ୍ରକାଶ କରାଯାଉ । ବରଂ ବାସ୍ତବରେ ନିଜକୁ ମୂର୍ଖ ବୋଲି ମନେକରନ୍ତୁ ଓ ଆଳସ୍ୟ ବୋଲି ମନେକରନ୍ତୁ । ଈଶ୍ୱରଙ୍କ ଆସ୍ଥାନ ଉପରେ ପ୍ରତ୍ୟେକ ମୁହୂର୍ତ୍ତ ଆତ୍ମା ପଡ଼ି ରହୁ । ଅର୍ଥାତ୍ ସବୁକିଛି କରିବା ପରେ ଅଲ୍ଲାଃତାଲାଙ୍କ ସମ୍ମୁଖରେ ଆନତ ହୁଅ ଏବଂ କୁହ ଯେ, ହେ ଅଲ୍ଲା ! ତୁମ୍ଭରି କୃପାରୁ ଏସବୁ କିଛି ସମ୍ଭବପର

### ହଦିସେ ନବୱୀ ସ.ଅ.ସ :-

**"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।**

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah, Jamat Ahmadiya Kerang (Odisha)

### ଅଲ୍ଲାଃତାଲାଙ୍କ ବାଣୀ

**ଅଲ୍ଲାଃତାଲା କୁହନ୍ତି:** كُوْنُوْا مَعَ الصّٰدِقِیْنَ

(ଅତ୍ ତୌବା :119)

**ଅନୁବାଦ୍:** ହେ ବିଶ୍ୱାସାକାରୀମାନେ ସତ୍ୟବାଦୀଙ୍କ ସହ ସାମିଲ୍ ହୁଅ ।

**ତାଲିବେ ଦୁଆ:** Amina Begum Saheba, W/o- Late Mianjan Khan, Jamat Ahmadiya Nargaon, Dist- Cuttack, (Odisha)

ହେବ । ସବୁ ପରିଣାମ ସୃଷ୍ଟି ହେବ । ମନୁଷ୍ୟର ଜ୍ଞାନ କୌଣସି ଶିକ୍ଷକର ଅଭାବକୁ ଆବଶ୍ୟକ କରେ ନାହିଁ। ଅର୍ଥାତ୍ ଅଲ୍ଲାଃତାଲାଙ୍କ ଜ୍ଞାନ କୌଣସି ପାଠ ପଢାଉଥିବା ବ୍ୟକ୍ତିକୁ ଆବଶ୍ୟକ କରି ନଥାଏ (କୌଣସି ଶିକ୍ଷକ ଉପରେ ନିର୍ଭର କରି ନଥାଏ) । ତତ୍‌ସହିତ ଅଲ୍ଲାଃତାଲାଙ୍କ ଜ୍ଞାନ ଅସୀମିତ ଅଟେ । ତହିଁରେ କୌଣସି ସୀମା ସରହଦ୍ ନାହିଁ । ମନୁଷ୍ୟର କାନ ବାୟୁ ଉପରେ ନିର୍ଭର କରିଥାଏ ଏବଂ ସୀମିତ ଅଟେ । ଶ୍ରବଣ ଶକ୍ତି ପାଇଁ ପବନ ଅର୍ଥାତ ବାୟୁର ଆବଶ୍ୟକତା ଥାଏ ଓ ପୁନଶ୍ଚ ସୀମୀତ ଦୂରତା ପର୍ଯ୍ୟନ୍ତ ମନୁଷ୍ୟ ଶବ୍ଦକୁ ଶୁଣିପାରି ଥାଏ । କିନ୍ତୁ ଈଶ୍ୱରଙ୍କ ଶ୍ରବଣ ଶକ୍ତି ବ୍ୟକ୍ତିଗତ ସାମର୍ଥ୍ୟତା ଦ୍ୱାରା ସମ୍ଭବପର ଅଟେ । ଏହା ସୀମିତ ନୁହେଁ । ମନୁଷ୍ୟର ଦୃଷ୍ଟିଶକ୍ତି ସୂର୍ଯ୍ୟ କିମ୍ବା ଅନ୍ୟ କୌଣସି ଆଲୋକକୁ ଆବଶ୍ୟକ କରିଥାଏ (ଆଲୋକ ଉପରେ ନିର୍ଭର କିରଥାଏ) । ପୁନଶ୍ଚ ସେହି ଦୃଷ୍ଟିଶକ୍ତି ସୀମିତ ଅଟେ । କିନ୍ତୁ ଈଶ୍ୱରଙ୍କ ଚକ୍ଷୁ ବ୍ୟକ୍ତିଗତ ଆଲୋକ ଦ୍ୱାରା ସମ୍ଭବପର ଅଟେ ଏବଂ ଏହା ଅସୀମିତ ଅଟେ । ସେହିପରି ଜଣେ ମନୁଷ୍ୟ ସନ୍ତାନ ଜନ୍ମ କରିବାକୁ ହେଲେ ସେ ସ୍ତ୍ରୀ ଉପେର ନିର୍ଭର କରିଥାଏ ଏବଂ ସମୟ ଉପରେ ନିର୍ଭର କରିଥାଏ । ତାହା ପୁଣି ସୀମିତ ଅଟେ । କିନ୍ତୁ ଈଶ୍ୱରଙ୍କ ସୃଷ୍ଟି କରିବାର ସାମର୍ଥ୍ୟ (ଶକ୍ତି) କୌଣସି ସ୍ତ୍ରୀ ଉପରେ ନିର୍ଭର କରି ନଥାଏ କି କୌଣସି ସମୟ ଉପରେ ନିର୍ଭର କରି ନଥାଏ ଓ ତାହା ଅସୀମିତି ଅଟେ । କାରଣ ତାହାଙ୍କ ସମସ୍ତ ଗୁଣାବଳୀ ଅନନ୍ୟ ଓ ଅପୂର୍ବ ଅଟେ । ଯେପରିକି ତାହାଙ୍କର କେହି ସମକକ୍ଷ ନୁହନ୍ତି। ଠିକ୍ ସେହିପରି ତାହାଙ୍କ ବିଶିଷ୍ଟ ଗୁଣାବଳୀର ମଧ୍ୟ କେହି ସମକକ୍ଷ ନୁହନ୍ତି । ଯଦି ଏହି ଗୁଣାବଳୀରେ ସେ ଅର୍ଥାତ୍ ଈଶ୍ୱର ଅପୂର୍ଣ୍ଣ ତଥା ଖୁଣବାନ୍ ହୁଅନ୍ତି ତେବେ ସମସ୍ତ ଗୁଣାବଳୀରେ ସେ ଅପୂର୍ଣ୍ଣ ଓ ଖୁଣବାନ୍ (ଖୁଣଯୁକ୍ତ) ହେବେ । ତେଣୁ ଯେପର୍ଯ୍ୟନ୍ତ ସେ (ଈଶ୍ୱର) ନିଜର ଅସ୍ତିତ୍ୱ ପରି ନିଜର ସକଳ ବିଶିଷ୍ଟ ଗୁଣାବଳୀରେ ଅନନ୍ୟ ଓ ଅପୂର୍ବ ନ ହୁଅନ୍ତି ତେବେ ତାହାଙ୍କ ଏକେଶ୍ୱରବାଦ ଅବ୍ୟାହତ ଓ ଅକ୍ଷୁର୍ଣ୍ଣ ରହିପାରିବ ନାହିଁ । ଏ ହେଉଛି ଏକେଶ୍ୱରବାଦ ଯେଉଁ ଏକେଶ୍ୱରବାଦର ଶିକ୍ଷା ପବିତ୍ର କୁରଆନ୍ କରୀମ୍ ପ୍ରଦାନ କରିଛି । ଏହା ବିଶ୍ୱାସର ଆଧାର ଅଟେ ଓ ଏକେଶ୍ୱରବାଦ ବିଶ୍ୱାସ ଉପରେ ହିଁ ନିର୍ଭରଶୀଳ ଅଟେ ।"

**(ଲେକ୍‌ଚର୍ ଲାହୋର, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-20, ପୃ-154-155)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଆଜି କାଲିକା ସମାଜର ସଂସ୍ପର୍ଶରେ ଆସି ବେଳେବେଳେ ପିଲାମାନଙ୍କ ମନରେ ମଧ୍ୟ ଏହି ପ୍ରଶ୍ନ ଉତ୍ଥାପିତ ହୋଇଥାଏ ଏବଂ ସେମାନେ ଉଲ୍ଲେଖ ମଧ୍ୟ କରିଥାଆନ୍ତି ଯେ, ଅଲ୍ଲାଃତାଲାଙ୍କୁ କିଏ ସୃଷ୍ଟି କରିଛି ? ଅଲ୍ଲାଃତାଲା କେଉଁଠି ଅଛନ୍ତି ? ସମ୍ଭବତଃ ବଡ ଲୋକମାନେ ସେମାନଙ୍କୁ ଏକଥା କହିଥାଆନ୍ତି କିମ୍ବା ସେମାନେ ସ୍ୱୟଂ ନିଜ ମସ୍ତିଷ୍କରୁ ଏହି ପ୍ରଶ୍ନ ଉତ୍ଥାପନ କରିଥାଆନ୍ତି। କିନ୍ତୁ ଅଲ୍ଲାଃତାଲାଙ୍କ ବିଶିଷ୍ଟ ଗୁଣାବଳୀ ଏପରି ଅଟେ ଯେ, ଅଲ୍ଲାଃତାଲା ଅନାଦି କାଳରୁ ଅଛନ୍ତି ଏବଂ ଚିରକାଳ ପାଇଁ ସେ ଚିରଞ୍ଜିବ ରହିବେ । ସେ ଅସୀମିତ ଓ ଅନନ୍ତ ଅଟନ୍ତି। ସେ ହିଁ ପ୍ରତ୍ୟେକଙ୍କୁ ସୃଷ୍ଟି କରିଛନ୍ତି, ତାହାଙ୍କୁ କେହି ସୃଷ୍ଟି କରି ନାହିଁ । ତେଣୁ ଯେଉଁ ଧାରଣାଟି ସୃଷ୍ଟି ହୋଇପାରିବ ତାହା ଏହିକି ଯେ, କୌଣସି ଚୂଡ଼ାନ୍ତ ବସ୍ତୁର ସ୍ୱତଃସ୍ଫୃତ ଭାବରେ ଅସ୍ତିତ୍ୱକୁ ଆସିବା ତାହା ଈଶ୍ୱର (ହିଁ) ଅଟେ ।

ପୁଣ୍ୟଶ୍ଲୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ମନେରଖ ଯେ, ପ୍ରକୃତ ଏକେଶ୍ୱରବାଦ ଯାହାର ସ୍ୱୀକାରୋକ୍ତି ପରିପ୍ରକାଶ ଈଶ୍ୱର ଆମମାନଙ୍କ ଠାରୁ ଆଶା ପୋଷଣ କରନ୍ତି, ଯେଉଁ ଏକେଶ୍ୱରବାଦର ସ୍ୱୀକାରୋକ୍ତି ପ୍ରକାଶ କରିବା ମୋକ୍ଷ ସହିତ ସଂଶ୍ଳୀଷ୍ଟ ଅଟେ, ତାହା ଏହିକି ଯେ, ଈଶ୍ୱରଙ୍କୁ ନିଜର ଅସ୍ତିତ୍ୱରେ ପ୍ରତ୍ୟେକ ପ୍ରକାରର ସମକକ୍ଷତା ଠାରୁ ସେ ପଛେ ପ୍ରତିମା (ପିତୁଳା) ହେଉ, ସୂର୍ଯ୍ୟ ହେଉ କିମ୍ବା ଚନ୍ଦ୍ର ହେଉ କିମ୍ବା ନିଜର ଆତ୍ମା କିମ୍ବା ନିଜର ଯୋଜନା ଓ ଛଳ କପଟ ହେଉ ଅନନ୍ୟ ବୋଲି ମନେକରିବା, ତାହାଙ୍କ ବିପକ୍ଷରେ କୌଣସି ବସ୍ତୁକୁ ସର୍ବଶକ୍ତିମାନ ବୋଲି ମନେ ନକରିବା, କୌଣସି ବ୍ୟକ୍ତି କିମ୍ବା ଅସ୍ତିତ୍ୱକୁ ଜୀବିକା ପ୍ରଦାନକାରୀ ରୂପେ ଗ୍ରହଣ ନକରିବା, କାହାରିକୁ ଅର୍ଥାତ୍ କୌଣସି ବ୍ୟକ୍ତିକୁ ସମ୍ମାନ ପ୍ରଦାନକାରୀ ଓ ତିରସ୍କୃତକାରୀ ମନେ ନକରିବା, କାହାରିକୁ ସହାୟକ ଓ ସାହାଯ୍ୟକର୍ତ୍ତା ରୂପେ ବିବେଚିତ ନକରିବା ଅର୍ଥାତ୍ ନିଜର ପ୍ରେମ ଓ ଅନ୍ତରୀକତାକୁ ତା' ସହିତ ବିଶେଷିତ କରିବା, ନିଜର ଉପାସନା ତାହାଙ୍କ ସହିତ ବିଶେଷିତ କରିବା, ନିଜର ତିରସ୍କାର ବିନୀତତାକୁ ତାହାଙ୍କ ସହିତ ବିଶେଷିତ କରିବାସ ନିଜର ଆଶାକୁ ତାହାଙ୍କ ସହିତ ବିଶେଷିତ କରିବା, ନିଜର ଭୟକୁ ତାହାଙ୍କ ସହିତ ବିଶେଷିତ କରିବା ଇତ୍ୟାଦି ଇତ୍ୟାଦି । ଅତଏବ୍ କୌଣସି ଏକେଶ୍ୱରବାଦ ଏହି ତିନି ପ୍ରକାରର ବିଶେଷିତ ଏକେଶ୍ୱରବାଦ ଦ୍ୱାରା ପୂର୍ଣ୍ଣ ହୋଇପାରିବ ନାହିଁ । 1- ଅସ୍ତିତ୍ୱ ଦୃଷ୍ଟିରୁ ଏକେଶ୍ୱରବାଦ ଅର୍ଥାତ୍ ତାହାଙ୍କ ଅସ୍ତିତ୍ୱ ତୁଳନାରେ ସମସ୍ତ ଉପସ୍ଥିତ ବସ୍ତୁକୁ ବିନଷ୍ଟ ବା ଅନ୍ତର୍ଦ୍ଧାନ ପରି ମନେକରିବା, ସମସ୍ତଙ୍କୁ ସମାପ୍ତ ଓ ବିନଷ୍ଟଯୁକ୍ତ ଅସ୍ତିତ୍ୱ ଏବଂ ଅସତ୍ୟ ବୋଲି ମନେକରିବା, ସମସ୍ତ ବସ୍ତୁ ନିଜ ଅସ୍ତିତ୍ୱରେ ବିନାଶଯୁକ୍ତ ଓ ମିଥ୍ୟା ଅଟନ୍ତି। ସେମାନଙ୍କ ମଧ୍ୟରେ ପୂର୍ଣ୍ଣତ୍ୱତା ନାହିଁ । 2- ବିଶିଷ୍ଟ ଗୁଣାବଳୀ ଦୃଷ୍ଟିରୁ ଏକେଶ୍ୱରବାଦ ଅର୍ଥାତ୍ ଈଶ୍ୱର ଉପାସନା, ଐଶ୍ୱରୀକତା କେବଳ ଅଲ୍ଲାଃତାଲାଙ୍କ ବ୍ୟତୀତ ଅନ୍ୟ ଅସ୍ତିତ୍ୱକୁ ବିବେଚନା କରିବା ପ୍ରକାଶ୍ୟ ରୂପେ ପାଳକର୍ତ୍ତାଙ୍କ ନାନା କରୁଣା, କୃପା ପ୍ରଦାନକାରୀ ସ୍ୱରୂପ ଦୃଶ୍ୟମାନ ହୁଅନ୍ତି, ଯହିଁରୁ ମନୁଷ୍ୟ ଉପକୃତ ହୋଇଥାଏ ସେ (ବ୍ୟକ୍ତି) ସେମାନଙ୍କୁ ମଧ୍ୟ ପାଳନକର୍ତ୍ତା ବୋଲି ମନେ କରିଥାଏ । ଏହା ତାହାଙ୍କ ହସ୍ତର ଏକ ବ୍ୟବସ୍ଥା ବୋଲି ମନେକରିବା । ନା କୌଣସି ଆମେରିକା ରହିଛି, ନା କୌଣସି ଇସ୍ରାଇଲ୍ ରହିଛି ନା ସଂସାରର କୌଣସି ଅନ୍ୟ ମହାଶକ୍ତି ରହିଛି । ବରଂ କେବଳ ଓ କେବଳ ଈଶ୍ୱରଙ୍କ ଶକ୍ତି ରହିଛି । ଯଦି ମୁସଲମାନମାନେ ଏହି ପ୍ରସଙ୍ଗକୁ ଚିହ୍ନି ଓ ବୁଝି ନିଅନ୍ତି ତେବେ ନିଃସନ୍ଦେହ ରୂପେ ସେମାନଙ୍କର ସଫଳତା ସୁନଶ୍ଚିତ ଅଟେ । 3- ନିଜର ପ୍ରେମ, ସତ୍ୟନିଷ୍ଠତା ଏବଂ ନିର୍ମଳତା ଦୃଷ୍ଟିରୁ ଏକେଶ୍ୱରବାଦ ଅର୍ଥାତ୍ ପ୍ରେମ ଇତ୍ୟାଦିର ଭାକ୍ତିକତାମୟ ଶୈଳୀ ତଥା ଲକ୍ଷଣରେ ଅନ୍ୟକୁ ଈଶ୍ୱରଙ୍କ ସହିତ ସମକକ୍ଷ ନକରିବା ଏବଂ ତାହାଙ୍କ ମଧ୍ୟରେ ହିଁ ନିଜକୁ ହଜାଇ ଦେବା ଇତ୍ୟାଦି ।" **(ସିରାଜୁଦ୍ଦୀନ୍ ଇସାଇ କେ ଚାର୍ ସୱାଲୋଁ କା ଜୱାବ୍, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-12, ପୃ-349-350)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଯେପରି ଅଲ୍ଲାଃତାଲାଙ୍କ ସହିତ ପ୍ରେମ କରିବା ଉଚିତ୍ ସେପରି ପ୍ରେମ ଅନ୍ୟ କାହା ସହିତ କରିବା ଉଚିତ୍ ନୁହଁ । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ପୁନଶ୍ଚ ପୁଣ୍ୟଶ୍ଲୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ବର୍ତ୍ତମାନ ସାଂପ୍ରତିକ ଯୁଗରେ ଯେତେବେଳେ ଈଶ୍ୱର ଏହା ଦେଖିଲେ ଯେ, ପୃଥିବୀବାସୀମାନେ ବିଗିଡ଼ି ଯାଇଛନ୍ତି ଏବଂ ଉର୍ଦ୍ଧ୍ୱକୋଟି ଜୀବ ଶିର୍କର ମାର୍ଗ ଅବଲମ୍ବନ କରିନେଇଛନ୍ତି ଏବଂ 40 କୋଟିରୁ ଉର୍ଦ୍ଧ୍ୱ ଏପରି ଲୋକମାନେ ସଂସାରରେ ସୃଷ୍ଟି ହୋଇଗଲେ ଯେଉଁମାନେ ମରିୟମ୍ ଅ.ସଙ୍କ ପୁତ୍ର ବିନୀତ ହ. ଇସା ଅ.ସଙ୍କୁ ଈଶ୍ୱର ରୂପେ ବରଣ କରି ନେଇଛନ୍ତି।" (ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେହି କାଳରେ ଖ୍ରୀଷ୍ଟିଆନ୍‌ମାନଙ୍କର ସଂଖ୍ୟା 40 କୋଟି ଥିଲା) । ହୁଜୁର ଅ.ସ କହିଲେ,"ତତ୍‌ସହିତ ମଦ୍ୟପାନ, ସ୍ୱାଧୀନତା, ସାଂସାରିକ ଉପାସନା, ଅବଚେତନମୂଳକ ଜୀବନ ଚରମ ସୀମା ପର୍ଯ୍ୟନ୍ତ ପହଞ୍ଚି ଯାଇଥିଲା, ସେତେବେଳେ ଅଲ୍ଲାଃତାଲା ମୋତେ ଉକ୍ତ କାର୍ଯ୍ୟ ସକାଶେ ନିଯୁକ୍ତ କଲେ । କାରଣ ମୁଁ ସେହି ଦୋଷ ଦୁର୍ବଳତାକୁ ଠିକ୍ କରିବି । ତେଣୁ ଏପର୍ଯ୍ୟନ୍ତ ମୋ ହସ୍ତରେ 1 ଲକ୍ଷ ଲୋକ ପାପ, ଅନ୍ଧବିଶ୍ୱାସ, କୁବିଶ୍ୱାସ ଏବଂ ଅସତ୍‌କର୍ମରୁ କ୍ଷମା ଯାଚନା କରି ସାରିଛନ୍ତି (ବୈଅତ୍ କରି ସାରିଛନ୍ତି) । ଏହା ହେଉଛି ସେହି ସମୟରେ କଥା ଯେତେବେଳେ ଆପଣ ଅ.ସ ଏକଥା କହିଥିଲେ । ବର୍ତ୍ତମାନ ତ' କୋଟି କୋଟି ବ୍ୟକ୍ତିମାନେ ଅଲ୍ଲାଃତାଲାଙ୍କ କୃପାରୁ ଆପଣ ଅ.ସଙ୍କ ଜମାଅତ୍‌ରେ ସାମିଲ୍ ଓ ପ୍ରବିଷ୍ଟ ହୋଇ ସାରିଛନ୍ତି ।" ହୁଜୁର୍ ଅ.ବ କହିଲେ, ହ. ମସିହ୍ ମଉଦ୍ ଅ.ସ ନିଦର୍ଶନର ଚର୍ଚ୍ଚା କରିଛନ୍ତି ଯେ, 150ରୁ ଉର୍ଦ୍ଧ୍ୱ ନିଦର୍ଶନ ପ୍ରାଦୁର୍ଭୂତ ହୋଇ ସାରିଛି । ଦେଶର ଲକ୍ଷ ଲକ୍ଷ ନାଗରିକମାନେ ଏହି ନିଦର୍ଶର ସାକ୍ଷ୍ୟ ଅଟନ୍ତି । ମୁଁ ପ୍ରେରିତ ହୋଇଛି କାରଣ ଭୂପୃଷ୍ଠରେ ପୁନଃ ଏକେଶ୍ୱବାଦକୁ ସ୍ଥାପିତ କରିଦେବି ଏବଂ ମାନବ ପୂଜା କିମ୍ବା ପଥର ପୂଜାରୁ ଲୋକମାନଙ୍କୁ ମୁକ୍ତି ପ୍ରଦାନ କରି ଏକେଶ୍ୱରବାଦ ପ୍ରଭୁଙ୍କ ଆଡ଼କୁ ସେମାନଙ୍କୁ ଫେରାଇ ଆଣିବି ଓ ଅଭ୍ୟନ୍ତରୀଣ ପବିତ୍ରତା ଓ ସତ୍ୟତା ଆଡ଼କୁ ସେମାନଙ୍କର ଧ୍ୟାନ ଆକର୍ଷିତ କରିଦେବି । ସୁତରାଂ ମୁଁ ଏହା ଦେଖୁଛି ଯେ, ଲୋକମାନଙ୍କ ମଧ୍ୟରେ ଏକ ଆହ୍ୱାନ୍ ସୃଷ୍ଟି ହୋଇଯାଇଛି ଏବଂ ସହସ୍ର ସହସ୍ର ଲୋକମାନେ ମୋ ହସ୍ତ ଉପରେ ତୌବା (କ୍ଷମା ଯାଚନା) କରି ଚାଲିଛନ୍ତି। ଆକାଶରୁ ମଧ୍ୟ ବର୍ତ୍ତମାନ ପବନ ବହୁଛି ଯେ, ବର୍ତ୍ତମାନ ଏକେଶ୍ୱରବାଦ ଅନୁଯାୟୀ ସ୍ୱଭାବ ହୋଇ ଚାଲିଛି । ସ୍ୱଷ୍ଟ ରୂପେ ଏହା ଜଣାପଡୁଛି ଯେ, ବର୍ତ୍ତମାନ ଈଶ୍ୱରଙ୍କର ଏହି ଇଚ୍ଛା ରହିଛି ଯେ, ମାନବ ପୂଜାକୁ ସଂସାରରୁ ସମାପ୍ତ କରିଦିଆଯାଉ । ଏହି ଇଚ୍ଛାକୁ ସାକାର (ପୂରଣ) କରିବା ନିମନ୍ତେ ଶତାଧିକ ସାଧନ ସୃଷ୍ଟି କରାଯାଇଛି ।

**(ମକ୍‌ତୁବାତେ ଅହମଦ, ଗ୍ରନ୍ଥଖଣ୍ଡ-1, ପୃ-256-257, ନୂତନ ସଂସ୍କରଣ)**

ହୁଜୁର୍ ଅ.ବ କହିଲେ, ଅଲ୍ଲାଃତାଲା ଆମମାନଙ୍କୁ ମଧ୍ୟ ତାହା ଉପଲବ୍ଧ କରାଇଛନ୍ତି ଯାହା ମାଧ୍ୟମରେ ଆମେମାନେ ତବଲିଗ୍ (ପ୍ରଚାର) ମଧ୍ୟ କରିଥାଉ ଏବଂ ପ୍ରତ୍ୟେକ ଅହମଦିର ଏହି କାର୍ଯ୍ୟ ରହିଛି ଯେ, ସେ ଏକେଶ୍ୱରବାଦକୁ ପରିବ୍ୟାପ୍ତ କରିବା ନିମନ୍ତେ ଉଦ୍ୟମ ମଧ୍ୟ କରୁ । ପୁଣ୍ୟଶ୍ଲୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଯେତେବେଳେ ଆମମାନଙ୍କୁ ଏହି ପ୍ରଶ୍ନ ପଚରାଯାଏ ଯେ, ପିତୁଳା ପୂଜାର ସଂଜ୍ଞା କ'ଣ, ସେହି ଲୋକମାନଙ୍କୁ କେଉଁ ପ୍ରସଙ୍ଗ ପିତୁଳା ଉପାସନାକାରୀ କରିଥାଏ ? ନିଃସନ୍ଦେହ ରୂପେ ମୁଁ ସେହି ପ୍ରସଙ୍ଗକୁ ବର୍ଣ୍ଣନା କରିବି । ତେଣୁ ଏହା ଜାଣିନେବା ଉଚିତ୍ ଯେ, ଉପାସନା,


**ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-**

"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ନହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ " ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

ଆତ୍ମାର ପରିଣାମ ଅଟେ । ସତ୍ୟବାଦୀମାନଙ୍କର ଏହି ବିଶ୍ୱାସ ରହିଛି ଯେ, ଈଶ୍ୱର ଏକ ଅଟନ୍ତି ଓ ତାହାଙ୍କ ବିଶିଷ୍ଟ ଗୁଣାବଳୀରେ କୌଣସି ପରିବର୍ତ୍ତନ ହେବ ନାହିଁ ଓ ନା ହିଁ ଏହି ପରିବର୍ତ୍ତନ ହୋଇପାରିବ । ସତ୍ୟ ଓ ପ୍ରକୃତ ଈଶ୍ୱର ଅନାଦି ଓ ଚିରଞ୍ଜିବ ଅଟନ୍ତି। କୌଣସି ପ୍ରାଣୀ ଅନ୍ୟ ଦ୍ୱାରା ସୃଷ୍ଟ ହୋଇ ନାହିଁ । "ହୁଜୁର ଅନୱର୍ ଅ.ବ କହିଲେ, ଯେପରିକି ମୁଁ ପୂର୍ବେ କହିଲି କି କେତେକ ବ୍ୟକ୍ତି ମାନଙ୍କର ପ୍ରଶ୍ନର ଉତ୍ତର ତହିଁରି ଆସି ଯାଇଛି ଏବଂ ପ୍ରକୃତ ଈଶ୍ୱର ଅନାଦି ଓ ଚିରଞ୍ଜିବ ଅଟନ୍ତି । କୌଣସି ଜୀବ କିମ୍ବା ପ୍ରାଣୀ ପ୍ରକୃତ ଈଶ୍ୱର ନୁହନ୍ତି ଯିଏ ଅନ୍ୟକୁ ଜନ୍ମ ଦେଇ ପାରିବ । ଈଶ୍ୱରଙ୍କୁ କେହି ଜନ୍ମ ଦେଇ ନାହିଁ କି ସୃଷ୍ଟି କରି ନାହିଁ । ଈଶ୍ୱର ଏପରି ବିଶେଷ ଗୁଣାବଳୀ ଠାରୁ ଉର୍ଦ୍ଧ୍ୱରେ ଅଟନ୍ତି। ସେହି ଗୁଣାବଳୀକୁ ସ୍ୱୀକାର କରିବା ଦ୍ୱାରା ଆମମାନଙ୍କର ହୃଦୟ ଘୃଣା ପ୍ରଦର୍ଶନ କରିବ । ନା । ବରଂ ତାହାଙ୍କ ବିଶିଷ୍ଟ ଗୁଣାବଳୀ ତ' ଆମମାନଙ୍କ ହୃଦୟର ସ୍ୱୀକାରକ ଅଟେ ଓ ଆମମାନଙ୍କର ହୃଦୟ ସେହି ବିଶିଷ୍ଟ ଗୁଣାବଳୀ ସହିତ ପରିଚିତି ଅଟେ । ସେ ଆବାହମାନ କାଳରୁ, ଅନାଦି କାଳରୁ ଏକ ଅଟନ୍ତି । ଏପରି କାହାର ହୃଦୟ ରହିଛି ଯିଏ ତାହାଙ୍କ ଏକେଶ୍ୱରବାଦକୁ ପ୍ରତ୍ୟାଖ୍ୟାନ କରିପାରିବ ? ପ୍ରାରମ୍ଭରୁ ସେ ଏକ ଅଟନ୍ତି ଏବଂ ଏପରି କେଉଁ (ବ୍ୟକ୍ତିର) ହୃଦୟ ରହିଛି ଯିଏ ତାହାଙ୍କ ତ୍ରିଦେବତ୍ୱର ସ୍ୱୀକାରୋକ୍ତି ପ୍ରକାଶ କରିଥାଏ ?

**(ମକତୁବାତେ ଅହମଦ, ଗ୍ରନ୍ଥଖଣ୍ଡ-5, ପୃ-489-490, ନୂତନ ସଂସ୍କରଣ)**

ହୁଜୁର୍ ଅ.ବ କହିଲେ, ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଖ୍ରୀଷ୍ଟ ଧର୍ମର ଏହି ଶିକ୍ଷା ରହିଛି ଯେ, ତ୍ରିଦେବ ବା ଈଶ୍ୱର ତିନୋଟି ଅଟନ୍ତି । ଅତଏବ୍ ଜଣେ ପୁଣ୍ୟ ସ୍ୱଭାବର ବ୍ୟକ୍ତି କଦାପି ଉକ୍ତ କଥାର ସ୍ୱୀକାରୋକ୍ତି ପ୍ରକାଶ କରିପାରିବ ନାହିଁ ଯେ, ଈଶ୍ୱର ତିନି ଅଟନ୍ତି ।" ଆପଣ ଅ.ସ ପୁନଶ୍ଚ କୁହନ୍ତି: "ମୁଁ ତ୍ରିଦେବତ୍ୱର ଅପକାରିତାର ସୁଧାର ତଥା ସଂଶଧନ ନିମନ୍ତେ ପ୍ରେରିତ ହୋଇଛି । ଖ୍ରୀଷ୍ଟ ଧର୍ମରେ ଯେଉଁ ଦୋଷ ଦୁର୍ବଳତା ସୃଷ୍ଟି ହୋଇଯାଇଛି ତାହାର ସଂଶୋଧନ ନିମନ୍ତେ ମୁଁ ପ୍ରେରିତ ହୋଇଛି । ତେଣୁ ଏହି ପୀଡ଼ାଦାୟକ ଦୃଶ୍ୟଟି ଏହିପରି ଯେ, ସଂସାରରେ ଏପରି ଲୋକମାନଙ୍କ ସଂଖ୍ୟା 40 କୋଟିରୁ ଉର୍ଦ୍ଧ୍ୱ ରହିଛି । ଏମାନେ ହ. ଇସା ଅ.ସଙ୍କୁ ଈଶ୍ୱର ରୂପେ ମନେ କରିନେଇଛନ୍ତି। ଉକ୍ତ କଥାଟି ମୋ ହୃଦୟ ଉପରେ ଏପରି ଆଘାତ ଦେଉଥିଲା ଯେ, ମୁଁ ତାହା କଳନା କରିପାରିବି ନାହିଁ ଯେ, ମୋ ଉପରେ ମୋର ସମଗ୍ର ଜୀବନରେ ଏହାଠୁ ଅଧିକ ଅନ୍ୟ କୌଣସି ଦୁଃଖ ଦେଖିବାକୁ ପଡ଼ିଥିବ । ଯଦି ଦୁଃଖ ଦ୍ୱାରା ମୃତ୍ୟୁବରଣ କରିବା ମୋ ପକ୍ଷେ ସମ୍ଭବପର ହୁଅନ୍ତା ତେବେ ଏହି ଦୁଃଖ ମୋର ବିନାଶ କରିଦେଇ ଥାଆନ୍ତା। କାରଣ ଏହି ଲୋକମାନେ ଅର୍ଥାତ୍ ଖ୍ରୀଷ୍ଟିଆନ୍‌ମାନେ କାହିଁକି ଜଣେ ଏକେଶ୍ୱରବାଦ ତଥା ସମକକ୍ଷବିହୀନ ଈଶ୍ୱରଙ୍କୁ ପରିତ୍ୟାଗ କରି ଜଣେ ବିନୀତ ବ୍ୟକ୍ତିର ଉପାସନା କରୁଛନ୍ତି ଏବଂ କାହିଁକି ସେହି ଲୋକମାନେ ଏହି ଅବତାରଙ୍କ ଉପରେ ବିଶ୍ୱାସ ଆଣୁ ନାହାନ୍ତି ଯିଏ ସତ୍‌ମାର୍ଗକୁ ଘିନି ସଂସାର ଲୋକକୁ ଆସିଅଛି । ଅର୍ଥାତ୍ ଆଁହଜରତ୍ ସ.ଅଙ୍କ ଉପରେ ଏମାନେ (ଖ୍ରୀଷ୍ଟିଆନମାନେ) କାହିଁକି ବିଶ୍ୱାସ ଆଣୁ ନାହାନ୍ତି । ପ୍ରତ୍ୟେକ ମୁହୂର୍ତ୍ତ ମୁଁ ଏହି ଆଶଙ୍କା କରିଥାଏ ଯେ, ସେହି ଦୁଃଖର ଆଘାତ ବା ଯନ୍ତ୍ରଣା ଦ୍ୱାରା ମୋର ମୃତ୍ୟୁ ନଘଟୁ.......ଆପଣ ଅ.ସ କୁହନ୍ତି: "ଈଶ୍ୱର ପବିତ୍ର କୁରଆନ୍ କରୀମ୍‌ରେ ସତ୍ୟ କହିଛନ୍ତି ଯେ, ସେହି ସମୟଟି ଖୁବ୍ ନିକଟବର୍ତ୍ତୀ ଯେତେବେଳେ ଏହି ମିଥ୍ୟାରଚନା ଦ୍ୱାରା (ଅର୍ଥାତ୍ ତ୍ରିଦେବତ୍ୱ ଦ୍ୱାରା) ଆକାଶ ଫାଟି ନପଡ଼ୁ । ଅର୍ଥାତ୍ ଜଣେ ବିନୀତ ବ୍ୟକ୍ତିକୁ ଈଶ୍ୱର କରାଯାଇଥାଏ । ଏହି ବ୍ୟଥାରୁ ମୋର ଏହି ଅବସ୍ଥା ରହିଛି ଯେ, ଯଦି ଅନ୍ୟ ଲୋକମାନେ ସ୍ୱର୍ଗ ଚାହାନ୍ତି ତେବେ ମୋର ସ୍ୱର୍ଗ ଏହା ହିଁ ଯେ, ମୁଁ ନିଜ ଜୀବନରେ ସେହି ଶିର୍କ ଠାରୁ ମନୁଷ୍ୟମାନଙ୍କୁ ମୁକ୍ତଳୁଥିବା ଏବଂ ଈଶ୍ୱରଙ୍କ ବୈଭବ୍ୟତା ପରିପ୍ରକାଶିତ ହେଉଥିବା ଦେଖିନେବି ଏବଂ ମୋର ଆତ୍ମା ସର୍ବଦା ଏହି ଦୁଆ (ପ୍ରାର୍ଥନା) କରିଥାଏ ଯେ, ହେ ଈଶ୍ୱର ! ଯଦି ମୁଁ ତୁମ୍ଭ ତରଫରୁ ପ୍ରେରିତ, ଯଦି ତୁମ୍ଭ କୃପାର ଛତ୍ରଛାୟା ମୋ ସହିତ ରହିଛି ତେବେ ତୁମ୍ଭେ ମୋତେ ସେହି ଦିନ ଦେଖାଇ ଦିଅ ଯେ, ହ. ମସିହ୍ ଅ.ସ (ଯୀଶୁ ଖ୍ରୀଷ୍ଟ ଅ.ସ)ଙ୍କ ମୁଣ୍ଡରେ ଲାଗିଥିବା କଳଙ୍କକୁ ମୁଁ ସମାପ୍ତ କରିଦେବି ଯେ, **ନାଉଜୁବିଲ୍ଲାଃ** ସେ ଈଶ୍ୱରତ୍ୱର ଦାବି କରିଥିଲେ। ଅନେକ କାଳ ଅତିବାହିତ ହୋଇଗଲାଣି ଯେ, ମୋର ପାଞ୍ଚବେଳା ନମାଜର ଏହି ଦୁଆ (ପ୍ରାର୍ଥନା) ରହିଛି ଯେ, "ହେ ଈଶ୍ୱର ତୁମ୍ଭେ ସେହି ଲୋକମାନଙ୍କୁ ଚକ୍ଷୁ ପ୍ରଦାନ କର ଏବଂ ସେମାନେ ସେହି ଏକେଶ୍ୱରବାଦ ଉପରେ ବିଶ୍ୱାସ ଆଣନ୍ତୁ ଏବଂ ତୁମ୍ଭର ବାର୍ତ୍ତାବହଙ୍କୁ ଚିହ୍ନନ୍ତୁ ଓ ତ୍ରିଦେବତ୍ୱ ଆସ୍ଥାକୁ ପରିତ୍ୟାଗ କରି ତୁମ୍ଭ ନିକଟରେ ତୌବା (କ୍ଷମା ଯାଚନା) କରି ନିଅନ୍ତୁ ।" **(ମଜମୁଆ ଇସ୍ତହାରାତ୍, ଗ୍ରନ୍ଥଖଣ୍ଡ-2, ପୃ-547-548, ସଂସ୍କରଣ ବର୍ଷ-2018)** ହୁଜୁର ଅନୱର୍ ଅ.ବ କହିଲେ, ଖ୍ରୀଷ୍ଟତ୍ୱ ବ୍ୟବହାରିକ ରୂପେ ନିଶ୍ଚିହ୍ନ ହେବାକୁ ବସିଲାଣି । ସେମାନଙ୍କର ତ୍ରିଦେବତ୍ୱର ଦୃଷ୍ଟିକୋଣ ତ' କେବଳ ଗ୍ରନ୍ଥାତ୍ମକ ଦୃଷ୍ଟିକୋଣ ଅନୁଯାୟୀ ଅବଶିଷ୍ଟ ରହିଯାଇଛି । ଇଉରୋପରେ ବିଶେଷ ରୂପେ ଖୁବ୍ କମ୍ ସଂଖ୍ୟକ ଲୋକମାନେ ଅଛନ୍ତି ଯେଉଁମାନେ ପ୍ରାକ୍ଟିସ୍ (Practise)କାରୀ ଅଟନ୍ତି । କିନ୍ତୁ ଆଫ୍ରିକା ଏବଂ ସାଉଥ୍ ଆମେରିକାରେ ଏବେ ଲୋକମାନେ ରହିଛନ୍ତି ଯେଉଁମାନେ ତ୍ରିଦେବତ୍ୱ ଆସ୍ଥା ତଥା ଦୃଷ୍ଟି କୋଣକୁ ପରିତ୍ୟାଗ ମଧ୍ୟ କରୁଛନ୍ତି । ସେମାନେ ଗୋଟିଏ ଈଶ୍ୱରଙ୍କୁ ଈଶ୍ୱର ବୋଲି ମନେକରନ୍ତି ନାହିଁ । ତେଣୁ ଏକେଶ୍ୱରବାଦ ସ୍ଥାପନ କରିବା ନିମନ୍ତେ ଆମମାନଙ୍କୁ ଯଥା ସମ୍ଭବ ଉଦ୍ୟମ କରିବା ଉଚିତ୍ । କାରଣ ଆମେମାନେ ଏହି ବାର୍ତ୍ତାକୁ ସଂସାରରେ ପହଞ୍ଚାଇ ପାରିବୁ ।

ହୁଜୁର୍ ଅନୱର୍ ଅ.ବ କହିଲେ, ଅଲ୍ଲାଃତାଲା କରନ୍ତୁ କି ଯେଉଁ ଅଭିପ୍ରାୟକୁ ପୂରଣ କରିବା ସକାଶେ ଅଲ୍ଲାଃତାଲା ଆପଣ ଅ.ସଙ୍କୁ ପ୍ରେରଣ କରିଥିଲେ, ଯେଉଁ ଏକେଶ୍ୱରବାଦର ଶିକ୍ଷା ଆଁହଜରତ୍ ସ.ଅ ଘୋଷଣା କରିଥିଲେ ସେହି ପ୍ରକୃତ ଏକେଶ୍ୱରବାଦ ଉପରେ ଆମେମାନେ କାର୍ଯ୍ୟାନୁସରଣକାରୀ ବ୍ୟକ୍ତି ରୂପେ ପରିଗଣିତ ହେବାକୁ ଅଲ୍ଲାଃତାଲା ଆମମାନଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଅଲ୍ଲାଃତାଲା ଆମେମାନଙ୍କୁ ସେହି ଶିକ୍ଷାର ପ୍ରଚାର ପ୍ରସାରକାରୀ ବ୍ୟକ୍ତି ରୂପେ ପରିଗଣିତ କରାଇବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ବର୍ତ୍ତମାନ ମାନବତାର ସ୍ଥାୟୀତ୍ୱର ଏହା ହିଁ ଏକମାତ୍ର ସମାଧାନ ଅଟେ। ଏହା ବ୍ୟତୀତ ଅନ୍ୟ କୌଣସି ସମାଧାନ ନାହିଁ । ଅଲ୍ଲାଃତାଲା ଆମମାନଙ୍କୁ ଏଥି ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍** ।

ହୁଜୁର୍ ଅନୱର୍ ଅ.ବ କହିଲେ, ନମାଜ ପରେ ମୁଁ ଦୁଇଟି ଯନାଜାଃ ଗାଏବ୍ ପାଠ କରିବି । **ପ୍ରଥମ ଯନାଜାଃ** ହେଲା ସ୍ୱର୍ଗତ ଖ୍ୱାଜା ଜଫର୍ ଅହମଦ ସାହେବଙ୍କର । ଆପଣ ସିୟାଲକୋଟ୍ ଜିଲ୍ଲାର ପୂର୍ବତନ ଅମୀର୍ ସାହେବ ଥିଲେ । ଆଜିକାଲି ଆପଣ କିଛି କାଳ ହେଲା ଆମେରିକାରେ ରହୁଥିଲେ । ବିଗତ ଦିନରେ 91 ବର୍ଷ ବୟସରେ ଆପଣଙ୍କର ପରଲୋକ ହୋଇଯାଇଛି । اناللہوانا الیہ راجعون। ସ୍ୱର୍ଗତ ମହୋଦୟ ମୁସି (ଓସିୟତ୍ କରିଥିଲେ) ଥିଲେ ।

ହୁଜୁର୍ ଅନୱର୍ ଅ.ବ କହିଲେ, ସ୍ୱର୍ଗତଙ୍କ ସୁପୁତ୍ରୀ ହଫ୍‌ସା ହଇ ସାହାବା କୁହନ୍ତି ଯେ, "ମୁଁ ପିତାଶ୍ରୀଙ୍କୁ ପିଲାଟି ଦିନରୁ ହିଁ ନିଜର ଜୀବନକୁ ଜମାଅତ୍‌ର ସେବା ନିମନ୍ତେ ନିଷ୍ଠା, ବିନୀତତା, ଅକ୍ଳାନ୍ତ ପରିଶ୍ରମର ସହିତ ଅତିବାହିତ କରୁଥିବାର ଦେଖିଅଛି । ଖିଲାଫତ୍ ସହିତ ପିତାଶ୍ରୀଙ୍କ ଗଭୀର ଓ ନିବିଡ଼ ସଂପର୍କ, ସଂଶ୍ଳୀଷ୍ଟତା ଥିଲା। ପିତାଶ୍ରୀଙ୍କ ବ୍ୟକ୍ତିତ୍ୱ ଅନନ୍ୟ ଗୁଣର ଅଧିକାରୀ ଥିଲା । ପିତାଶ୍ରୀ ନିଜ ସନ୍ତାନମାନଙ୍କ ମନରେ ଏବଂ ପରିବାରର ସଦସ୍ୟମାନଙ୍କ ମନରେ ମଧ୍ୟ ଖିଲାଫତ୍ ସହିତ ପ୍ରେମ, ବିଶ୍ୱସ୍ତତା ସୃଷ୍ଟି କରିବାରେ ମୁଖ୍ୟ ଭୂମିକାର ନିର୍ବାହ କରିଥିଲେ। ବାସ୍ତବତା ମଧ୍ୟ ଏହା ହିଁ ଅଟେ । ପିତାଶ୍ରୀ ଅତ୍ୟନ୍ତ ବିଶ୍ୱସ୍ତତାର ସହିତ ଜମାଅତ୍‌ର ବ୍ୟବସ୍ଥା ସହିତ ନିଷ୍ଠାପର ସଂପର୍କ ରଖୁଥିବା ବ୍ୟକ୍ତି ଥିଲେ । ପିତାଶ୍ରୀ ଯୁବାବସ୍ଥାରୁ ଆରମ୍ଭ କରି ଶେଷ ବୟସ ପର୍ଯ୍ୟନ୍ତ ନାନା ପ୍ରକାର ସେବା କରିବାର ସାମର୍ଥ୍ୟତା ଓ ସୌଭାଗ୍ୟ ପ୍ରାପ୍ତ ହୋଇଥିଲା। ପିତାଶ୍ରୀ ଖୁଦ୍ଦାମୁଲ୍ ଅହମଦିୟାରେ କାଏଦ୍ ରୂପେ, ପୁନଶ୍ଚ ସ୍ଥାନୀୟ କାଏଦ୍ ରୂପେ, ପୁନଶ୍ଚ ସ୍ଥାନୀୟ ଅମୀର ରୂପେ, ଜିଲ୍ଲାଇ ଅମୀର୍ ରୂପେ ମଧ୍ୟ ସେବା କରିବାର ସୌଭାଗ୍ୟ ଅର୍ଜନ ହୋଇଥିଲା ଏବଂ ସାମର୍ଥ୍ୟତା ପ୍ରାପ୍ତ ହୋଇଥିଲା । ପିତାଶ୍ରୀଙ୍କୁ ହ. ମସିହ୍ ମଉଦ୍ ଅ.ସଙ୍କ ଅତିଥିମାନଙ୍କ ସେବା କରିବାକୁ ବେଶ୍ ଆଗ୍ରହ ରହିଥିଲା ଓ ମର୍କଜରୁ ଯେଉଁ ପ୍ରତିନିଧି ଦଳ ଆସୁଥିଲେ ସେମାନଙ୍କୁ ସର୍ବଦା ନିଜ ଘରେ ଅବସ୍ଥାନ କରାଉଥିଲେ ଏବଂ ସେମାନଙ୍କର ସେବା ଶୁଶ୍ରୁଷା ଓ ଅତିଥି ସତ୍କାର କରୁଥିଲେ ।"

ହୁଜୁର ଅନୱର୍ ଅ.ବ କହିଲେ, ସ୍ୱର୍ଗତ ମହୋଦୟ ସହୃଦୟତାର ସହିତ ସେହି ଅତିଥିମାନଙ୍କର ଅତିଥି ସେବା କରୁଥିଲେ । ଯେତେବେଳେ ଆପଣ ସେବା କରୁଥିଲେ ସେତେବେଳେ ସ୍ୱର୍ଗତ ମହୋଦୟଙ୍କ ଚେହେରାରେ ଏକ ପ୍ରକାରର ବିଶେଷ ଶାନ୍ତି ଭାବ ପରିଲକ୍ଷିତ ହେଉଥିଲା । ସ୍ୱର୍ଗତ ମହୋଦୟ କେବେ ବି କୌଣସି ପଦାଧିକାରୀ ସଂପର୍କରେ ଅପ୍ରୀତିକର କଥା କହି ନାହାନ୍ତି ଓ ନା ହିଁ କେବେ ବାଧ୍ୟ ଶୁଣିବାକୁ ପସନ୍ଦ ମଧ୍ୟ କରୁ ନଥିଲେ । ସେ କବେ ବି ଓ କାହାରିକୁ ଜମାଅତ୍‌ର ପଦାଧିକାରୀମାନଙ୍କ ସଂପର୍କରେ ସମାଲୋଚନାତ୍ମକ ମତ ପ୍ରଦାନ କରିବା ନିମନ୍ତେ ଅନୁମତ୍ରି ପ୍ରଦାନ କରୁ ନଥିଲେ । ସ୍ୱର୍ଗତଙ୍କର ଅଲ୍ଲାଃତାଲାଙ୍କ ଉପରେ ଗଭୀର ବିଶ୍ୱାସ ରହିଥିଲା । କେବେ ବି କୌଣସି ବିପତ୍ତି ଆସୁ ନା କାହିଁକି ସେ ପଛେ ଜମାଅତୀୟ ସେବା ହେଉ, ବ୍ୟକ୍ତିଗତ ଜୀବନରେ ତ' ସର୍ବଦା ତାଙ୍କର ପୂର୍ଣ୍ଣ ଧ୍ୟାନ ଦୁଆ ଆଡ଼କୁ ହିଁ ରହୁଥିଲା ଓ ଅଲ୍ଲାଃତାଲାଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ ରହିଥିଲା ।

ହୁଜୁର୍ ଅନୱର୍ ଅ.ବ କହିଲେ, ସ୍ୱର୍ଗତଙ୍କ ସୁପୁତ୍ରୀ କୁହନ୍ତି ଯେ, ଆମେମାନେ ମଧ୍ୟ ଦେଖିଛୁ ଯେ, ଅଧିକାଂଶ ସମୟ ଅଲ୍ଲାଃତାଲା ପିତାଶ୍ରୀଙ୍କର ଭରପୁର ସାହାଯ୍ୟ କରୁଥିଲେ ଏବଂ ପିତାଶ୍ରୀଙ୍କ ଦୁଆ ମଧ୍ୟ ସ୍ୱୀକୃତ ହେଉଥିଲା । ପିତାଶ୍ରୀ ନିଜ ମାତାଙ୍କର


**ଅଲ୍ଲାଃତାଲାଙ୍କ ବାଣୀ**

**ଅଲ୍ଲାଃତାଲା କୁହନ୍ତି:** وَمَا خَلَقْتُ الْجِنَّ وَالْاِنْسَ اِلَّا لِيَعْبُدُوْنِ

(ଅଲ୍ ଜାରିୟାତ୍: 57)

**ଅନୁବାଦ୍: ଏବଂ ଆମ୍ଭେ ଜିନ ଓ ଇନସକୁ ନିଜର ଉପାସନା ସକାଶେ ସୃଷ୍ଟି କରିଅଛୁ ।**

ତାଲିବେ ଦୁଆ: Akhtara Begum & Family, B.D.A, Bhubaneshwar (Odisha)



**ଅଲ୍ଲାଃତାଲାଙ୍କ ବାଣୀ**

**ଅଲ୍ଲାଃତାଲା କୁହନ୍ତି:** وَذَكِّرْ فَاِنَّ الذِّكْرٰى تَنْفَعُ الْمُؤْمِنِيْنَ

(ଅଲ୍ ଜାରିୟାତ୍: 56)

**ଅନୁବାଦ୍:ଏବଂ ସ୍ମରଣ କରାଉ ଥାଅ, କାରଣ ସ୍ମରଣ କରାଇବା ବିଶ୍ୱାସକାରୀମାନଙ୍କୁ-ଲାଭ ଦେଇଥାଏ ।**

ତାଲିବେ ଦୁଆ:Shamim Ahmad, S/o- Late Sk Abdul Gaffar & Jamila Sahiba, Jamat Ahmadiya Kotpalla (Odisha)

ମଧ୍ୟ ଖୁବ୍ ସେବା କରିଥିଲେ । ପିତାଶ୍ରୀଙ୍କ ମାତାଶ୍ରୀ ଅର୍ଥାତ୍ ଜେଜେମା (ଦାଦି)ଙ୍କର ମଧ୍ୟ ବହୁତ ସେବା ଶୁଶ୍ରୂଷା କରିଥିଲେ । ଜେଜେମା ଯେତେବେଳେ ଅସୁସ୍ଥ ଥିଲେ ସେତେବେଳେ ପିତାଶ୍ରୀ ଦୀର୍ଘ ବର୍ଷ ପର୍ଯ୍ୟନ୍ତ ଅତ୍ୟନ୍ତ ଧୈର୍ଯ୍ୟ, ପ୍ରେମର ସହିତ ତାଙ୍କର ସେବା ଶୁଶ୍ରୂଷା କରିଥିଲେ ।

ହୁଜୁର ଅନ୍ୱର୍ ଅ.ବ କହିଲେ, ଶୋକ ସନ୍ତପ୍ତ ପରିବାରବର୍ଗ ମଧ୍ୟରେ ପତ୍ନି, ତିନୋଟି କନ୍ୟା ସନ୍ତାନ ଏବଂ ନାତି ତଥା ନାତୁଣୀମାନେ ଓ ପଣ ନାତିମାନେ ମଧ୍ୟ ଅନ୍ତର୍ଭୁକ୍ତ ଅଟନ୍ତି । ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ସ୍ୱର୍ଗତଙ୍କର ସ୍ତରକୁ ଉନ୍ନୀତ କରନ୍ତୁ ।

ହୁଜୁର୍ ଅନୱର୍ ଅ.ବ କହିଲେ, ସେହିପରି ବ୍ୟବସ୍ଥାଜନିତ ଦୃଷ୍ଟିରୁ ସ୍ୱର୍ଗତ ଜିଲ୍ଲାର ଅମୀର୍ ମଧ୍ୟ ଥିଲେ । ତେଣୁ ତାଙ୍କୁ ପ୍ରତ୍ୟେକ ଜମାଅତ୍ ସଂପର୍କରେ ଖବର ଜଣାଥିଲା। ଗ୍ରାମର ଛୋଟରୁ ଅତି ଛୋଟ କଥା ଏବଂ ଜମାଅତ୍‌ର ଖବର ମଧ୍ୟ ଜଣାଥିଲା ଓ ରାସ୍ତା ସଂପର୍କରେ ମଧ୍ୟ ଆପଣ ଜାଣିଥିଲେ । ଜିଲ୍ଲାର ପରିସ୍ଥିତି ଉପରେ ଆପଣ ତୀକ୍ଷ୍ଣ ଦୃଷ୍ଟି ରଖୁଥିଲେ । ଏହା ନୁହେଁ ଯେ, ଆପଣ ସହରରେ ରହୁଛନ୍ତି ଏବଂ କେବଳ ଅମୀର୍ ହୋଇ ବସି ଯାଇଛନ୍ତି । ନା ବରଂ ଆପଣ ପ୍ରତ୍ୟେକ ସ୍ଥାନକୁ ଯାଉଥିଲେ । ଯେତେବେଳେ ଜଲ୍‌ସା ସାଲାନାରେ ପରିସ୍ଥିତି ଭଲ ରହିଥିଲା ସେତେବେଳେ ଆପଣ ସିୟାଲକୋଟ୍‌ରୁ ମଧ୍ୟ ଜଲ୍‌ସାରେ ସାମିଲ୍ ହେବା ପାଇଁ ସ୍ପେଶାଲ୍ ଟ୍ରେନ୍ ଯୋଗେ ଆସୁଥିଲେ । ଆପଣ ବ୍ୟବସ୍ଥିତ ରୂପେ ଓ ଶୃଙ୍ଖଳିତ ରୂପେ ଏହାର ପ୍ରସ୍ତୁତି କରୁଥିଲେ। ଆପଣ ଅତ୍ୟନ୍ତ ପ୍ରେମ ପ୍ରଦର୍ଶନକାରୀ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ ଏବଂ ଯେପରିକି ମୁଁ କହିଲି, ଆପଣ ସର୍ବଦା ନିଷ୍ଠା ଓ ବିଶ୍ୱସ୍ତତା ଦ୍ୱାରା ପରିପୂର୍ଣ୍ଣ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ । ଆପଣ ଅତ୍ୟନ୍ତ ବିନୀତ ସ୍ୱଭାବର ବ୍ୟକ୍ତି ଥିଲେ । ଅଲ୍ଲାଃତାଲା ଆପଣଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ଆପଣଙ୍କର ସ୍ତରକୁ ଉନ୍ନୀତ କରନ୍ତୁ ।

ହୁଜୁର ଅନୱର୍ ଅ.ବ କହିଲେ, **ଦ୍ୱିତୀୟ ଯନାଜାଃ** ହେଲା ସ୍ୱର୍ଗତ ଉଦ୍ରା ଗୁହାଲିଦୋ (Ouedraogo Halidou) ସାହେବଙ୍କର । ଆପଣ ବୁର୍କିନାଫାସୋର ସ୍ଥାନୀୟ ଅହମଦି ଥିଲେ । ଆପଣ ସେନାର କର୍ମଚାରୀ ଥିଲେ ଏବଂ ଆଜିକାଲି ଆପଣ ଆଇୟୁଗିୟାର ଏକ ଗ୍ରାମରେ ଡିୟୁଟିରେ ମୁତୟନ ଥିଲେ । କାରଣ ସେଠାରେ ଆତଙ୍କବାଦୀମାନେ ଉପଦ୍ରବ ସୃଷ୍ଟି କରିଛନ୍ତି । ତେଣୁ ମାର୍ଚ୍ଚ ମାସ 3 ତାରିଖରେ ଡିୟୁଟି କରୁଥିବା ସମୟରେ ଆତଙ୍କବାଦୀଙ୍କ ଆକ୍ରମଣରେ ତାଙ୍କର ଅକାଳ ବିୟୋଗ ହୋଇଯାଇଛି । **انا للہ وانا الیہ راجعون** । ଆପଣ ଶହୀଦ୍ ଅଟନ୍ତି । ଆପଣ ବୀରଗତି ପ୍ରାପ୍ତ କରିଛନ୍ତି । ଆପଣଙ୍କର ବୟସ 40 ବର୍ଷ ବୟସ ଥିଲା । ଆପଣ ଜଣେ ନିଷ୍ଠାପର ସେବକ ଥିଲେ । 2007 ମସିହାରେ ସ୍ୱର୍ଗତ ଅହମଦିୟତ୍ ସ୍ୱୀକାର କରିଥିଲେ ଏବଂ ଆପଣ ଓ ଆପଣଙ୍କର ପତ୍ନି ନିଜ ପରିବାରରେ ଏକୁଟିଆ ଅହମଦି ଥିଲେ । ବଂଶର ଅନ୍ୟ ସମସ୍ତ ସଦସ୍ୟମାନେ ଅହମଦି ନଥିଲେ ।

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ଆଞ୍ଚଳିକ ମୁବଲ୍ଲିଗ୍ ସାହେବ ସାଆଦତ୍ ସାହେବ କୁହନ୍ତି ଯେ, ସ୍ୱର୍ଗତ ମହୋଦୟ ଜମାଅତ୍‌ର ଜଣେ ଅତ୍ୟନ୍ତ ସକ୍ରିୟ ସଦସ୍ୟଟିଏ ଥିଲେ । ଆପଣ କାଏଦ୍ ମଜ୍‌ଲିସ୍ ଖୁଦ୍ଦାମୁଲ୍ ଅହମଦିୟା ମଧ୍ୟ ରହି ସାରିଛନ୍ତି । ଆପଣ ଚାନ୍ଦାରେ ନିୟମିତ ଥିଲେ । ଜମାଅତ୍‌ର କାର୍ଯ୍ୟକ୍ରମରେ ଆପଣ ପ୍ରତିସ୍ୱର୍ଦ୍ଧିତ ମନୋଭାବ ରଖି ଭାଗ ନେଉଥିଲେ । ସେନାର ଚାକିରୀ କରିବା ସତ୍ତ୍ୱେ ବୁର୍କିନାଫାସୋର ଜଲ୍‌ସା ସାଲାନାରେ ପ୍ରତ୍ୟେକ ବର୍ଷ ଆପଣ ସାମିଲ୍ ହେଉଥିଲେ । ସ୍ୱର୍ଗତ ମହୋଦୟ ମୁବଲ୍ଲିଗିନ୍ ଏବଂ ମୁଅଲ୍ଲିମିନ୍‌ମାନଙ୍କ ପ୍ରତି ସମ୍ମାନ ପ୍ରଦର୍ଶ କରୁଥିଲେ ଏବଂ ସେମାନଙ୍କୁ ସାହାଯ୍ୟ ମଧ୍ୟ କରୁଥିଲେ ।

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ଯେତେବେଳେ ମୁଁ 2008 ମସିହାରେ ଘାନା ଗସ୍ତରେ ଯାଇଥିଲି (ହୁଜୁର ଅନ୍ୱର୍ ଅ.ବ କହିଲେ, ମୁଁ 2005 ମସିହାରେ ମଧ୍ୟ ବୁର୍କିନାଫାସୋ ଯାଇଥିଲି) ସେତେବେଳେ ସେଠାରେ ବୁର୍କିନାଫାସୋର ଖୁଦ୍ଦାମମାନଙ୍କର ଏକ ସାଇକେଲ ଯାତ୍ରୀସମୂହ ମଧ୍ୟ ଆସିଥିଲା । ଏକ ହଜାରରୁ ଉର୍ଦ୍ଧ୍ୱ କି.ମିର ଯାତ୍ରା କରି ଆସିଥିଲେ ଏବଂ ମୋତେ ସେଠାରେ ସାକ୍ଷାତ୍ କରିଥିଲେ । ସେମାନଙ୍କର ସାଇକେଲ୍ ଆମ ଏଠାକାର ସାଇକେଲ୍ ପରି ନୁହେଁ । ଭଙ୍ଗା ସାଇକେଲ ଥାଏ, ଭଙ୍ଗା ରାସ୍ତା ଏବଂ ସେହି ସାଇକଲେ ମାଧ୍ୟମରେ ସେମାନେ 1000 କି.ମି ଯାତ୍ରା କରିଥିଲେ । ସେ ଯାହା ହେଉ ଏହି ସାଇକେଲ୍ ଯାତ୍ରୀ ସମୂହ ସେଠାରେ ପହଞ୍ଚିଲେ ଏବଂ ମୋତେ ସାକ୍ଷାତ୍ କଲେ । ତେଣୁ ସ୍ୱର୍ଗତ ମହୋଦୟ ସର୍ବଦା ସାଇକେଲ ଉପରେ ବସି ଜଲ୍‌ସାକୁ ଯାଉଥିଲେ । ହୁଜୁର୍ ଅନ୍ୱର୍ ଅ.ବ କହିଲେ, ସିମ୍ପୋରି ଅବ୍ଦୁର୍ ରହ୍‌ମାନ (Simpore Abdoul Rehman) ସାହେବ ଲୋକାଲ୍ ମିଶ୍‌ନାରୀ ସାହେବ କୁହନ୍ତି: "ସ୍ୱର୍ଗତ ମହୋଦୟ ଜମାଅତ୍‌ର ନିଃସ୍ୱାର୍ଥପର ହୃଦୟ ରଖି ସେବା କରୁଥିଲେ ଏବଂ ମୁଁ ସ୍ୱର୍ଗତଙ୍କୁ ସର୍ବଦା ସେବା ନିମନ୍ତେ ତତ୍ପର ଓ ପ୍ରସ୍ତୁତ ଥିବାର ପାଇଥିଲି । କୌଣସି କାର୍ଯ୍ୟ ସକାଶେ ଯେତେବେଳେ ତାଙ୍କୁ ଡକା ଯାଉଥିଲା ସେତେବେଳେ ଆପଣ ତୁରନ୍ତ ଲବ୍‌ବୈକ୍ (ଉପସ୍ଥିତ ଅଛି) ବୋଲି କହୁଥିଲେ । ଜଲ୍‌ସା ସାଲାନା ଏବଂ ଅନ୍ୟାନ୍ୟ ଗୋଷ୍ଠୀମାନଙ୍କର ଇଜ୍‌ତିମାରେ ସଂପୂର୍ଣ୍ଣ ଦାୟିତ୍ୱତାର ସହିତ କାର୍ଯ୍ୟ କରୁଥିଲେ । ନିଜର କାମ ଯୋଗୁଁ ସେ ଏପରି Devoted ଥିଲେ ଯେ, ଲୋକମାନେ ତାଙ୍କର କାମ ଯୋଗୁଁ ତାଙ୍କୁ ଛୋଟ ମୁଅଲ୍ଲିମ୍ ସାହେବ ମଧ୍ୟ କହୁଥିଲେ । କେବଳ ସେତିକି ନୁହଁ ବରଂ ମୁଅଲ୍ଲିମ୍‌ମାନେ ମଧ୍ୟ ଏପରି ଉତ୍ସର୍ଗୀକୃତ ମନଭାବର ରଖିସେବା କରନ୍ତି ନାହିଁ ଯେପରି ସ୍ୱର୍ଗତ ମହୋଦୟ କରୁଥିଲେ । ଯେତେବେଳେ ସ୍ୱର୍ଗତଙ୍କୁ ସେନାରେ ଚାକିରୀ ମିଳି ନଥିଲା ସେତେବେଳେ ମଧ୍ୟ ସ୍ୱର୍ଗତ ମହୋଦୟ ନିୟମିତ ରୂପେ ଚାନ୍ଦା ଦେବା ଆରମ୍ଭ କଲେ । ଜମାଅତ୍ ସହିତ ସ୍ୱର୍ଗତଙ୍କର ଅତି ନିବିଡ଼ ଓ ଘନିଷ୍ଠ ସଂପର୍କ ଥିଲା। ସ୍ୱର୍ଗତଙ୍କର ଯେଉଁଠି ବି ବଦଳି ହେଉଥିଲା ସେଠାକୁ ଯାଇ ଆପଣ ସର୍ବ ପ୍ରଥମେ ଜମାଅତ୍‌ର ସେଣ୍ଟର୍ କିମ୍ବା ମସ୍‌ଜିଦ୍ ଖୋଜୁଥିଲେ ଏବଂ ନମାଜ ଜୁମା ଇତ୍ୟାଦି ପାଇଁ ଆପଣ ନିୟମିତ ଆସୁଥିଲେ ।"

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ଶୋକ ସନ୍ତପ୍ତ ପରିବାରବର୍ଗଙ୍କ ମଧ୍ୟରେ ମାତାଶ୍ରୀ, ପତ୍ନିଙ୍କ ବ୍ୟତୀତ, ଜଣେ ପୁତ୍ର ସନ୍ତାନ ଏବଂ ଦୁଇ ଜଣ କନ୍ୟା ସନ୍ତାନ ଅନ୍ତର୍ଭୁକ୍ତ ଅଟନ୍ତି। ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ସ୍ୱର୍ଗତଙ୍କର ସ୍ତରକୁ ଉନ୍ନୀତ କରନ୍ତୁ । **ଆମିନ୍ ।**

**(ଅଲ୍‌ଫଜ୍‌ଲ୍ ଇଣ୍ଟର୍‌ନ୍ୟାସନଲ୍, 24 ଏପ୍ରିଲ୍ 2026 ମସିହା, ପୃ-2-8)**

☆☆☆

## ବିଗତ ସଂଖ୍ୟା 21, ପୃ-10 ରେ ବର୍ଣ୍ଣିତ ସିରତ୍ ଖାତମୁନ୍ ନବୀୟିନ୍‌ର ଅବଶିଷ୍ଟାଂଶ.....

**ପ୍ରାଚୀନ ଧର୍ମର ଅବଶିଷ୍ଟାଂଶ....**

ବର୍ତ୍ତମାନ ଦେଖ ଯେ, ଯେତେବେଳେ ସଂାରରେ ଅନ୍ଧକାର ବ୍ୟାପୀ ଯାଇଥିଲା ଠିକ୍ ସେତିକିବେଳେ ସୂର୍ଯ୍ୟୋଦୟ ହୁଏ ଏବଂ ଯେତେବେଳେ ଭୂପୃଷ୍ଠ ଉଷ୍ମତାଜନିତ ଆଧ୍ୟାତ୍ମିକ ବର୍ଷାକୁ ଆକର୍ଷିତ କରୁ ନଥିଲା । يُقَلِّبُ اللّٰهُ الَّيْلَ وَالنَّهَارَ ଅର୍ଥାତ ଅଲ୍ଲାଃତାଲା ରାତି ଓ ଦିନର ଅବସ୍ଥାକୁ ପରସ୍ପର ମଧ୍ୟରେ ପରିବର୍ତ୍ତନ କରିଥାଆନ୍ତି ।

ସେହିପରି କହିଲେ: اِعْلَمُوْٓا اَنَّ اللّٰهَ يُحْيِ الْاَرْضَ بَعْدَ مَوْتِهَا ଅର୍ଥାତ୍ ବର୍ତ୍ତମାନ ସେ ଯେଉଁ ଭୂମିକୁ ଜୀବିତ କରୁଛନ୍ତି ତାହା ପୂର୍ବେ ମୃତ୍ୟୁବରଣ କରି ସାରିଥିଲା । ଅତଏବ୍ ସହସା ସେହି ଅନ୍ଧକାର ଯୁଗରେ ଏକ ସୂର୍ଯ୍ୟୋଦୟ ହେଲା ଯିଏ ନିଜର କିରଣ ଦ୍ୱାରା ଚତୁର୍ଦ୍ଦିଗରେ ଆଲୋକ ଖେଳାଇ ଦେଲା ଏବଂ ସେହି ପ୍ରଚଣ୍ଡ ଗ୍ରୀଷ୍ମ ସମୟରେ ସହସା ଏକ ବାଦଲ୍ ବାହାରିଲା ଯିଏ ଭୂମି ଉପରେ କୃପା ବୃଷ୍ଟି କଲା । ଯେଉଁ ନଦୀ, ନାଳ ଶୁଷ୍କ ହୋଇ ଯାଇଥିଲା ତହିଁରେ ଜଳ ପ୍ରବାହିତ ହେଲା । ଏହି ସୂର୍ଯ୍ୟଟି କେଉଁ ଦିଗ୍‌ବଳୟରୁ ଉଦିତ ହେଲା ଏବଂ କିପରି ମଧ୍ୟାହ୍ନ ଠାରେ ଆସି ପହଞ୍ଚିଗଲା ଓ ଏହି ବାଦଲ୍ କେଉଁ ଗୁମ୍ଫାର କ୍ରୋଡ଼ରୁ ବାହାରିଲା ଏବଂ କିପରି ସମଗ୍ର ସଂସାର ଉପରେ ପ୍ରସାରିତ ହୋଇଗଲା । ଏହି ସମସ୍ତ ପ୍ରଶ୍ନର ଉତ୍ତର **ଇନ୍‌ଶାଅଲ୍ଲାଃ** ନିମ୍ନ ପୃଷ୍ଠାରେ ମିଳିବ ।

وَمَا تَوْفِيْقِيْٓ اِلَّا بِاللّٰهِ

**(ସିରତ୍ ଖାତମୁନ୍ ନବୀୟିନ୍, ପୃ-63-64, ପ୍ରକାଶନ ସ୍ଥାନ-କାଦିୟାନ୍)**

☆☆☆

## ସିରତ୍ ଖାତମୁନ୍ ନବୀୟିନ୍

ଲେଖକ- ହ. ମିର୍ଜା ବଶୀରୁଦ୍ଦୀନ୍ ସାହେବ ଏମ୍.ଏ ର.ଅ

ମକ୍କା, କାଆବା ଓ କୁରୈଶ୍:

**ଅବୁଲ୍ ଅମ୍ବିୟା ଖଲିଲୁଲ୍ଲାଃ:**

ହ. ଇବ୍ରାହିମ୍ ଅ.ସଙ୍କ ନାମ କୌଣସି ପରିଚୟ ଆବଶ୍ୟକ କରେ ନାହିଁ । କିଏ ସେହି ବ୍ୟକ୍ତି ଯିଏ ଅବତାରମାନଙ୍କର ଭୀଷ୍ମ ପିତାମହ ହ. ଇବ୍ରାହିମ୍ ଅ.ସଙ୍କୁ ଚିହ୍ନି ନାହିଁ? ମୁସଲମାନମାନେ, ଖ୍ରିଷ୍ଟିଆନ୍‌ମାନେ, ଇହୁଦୀମାନେ ସମସ୍ତେ ହ. ଇବ୍ରାହିମ୍ ଅ.ସଙ୍କୁ ସ୍ୱୀକାର କରିଥାଆନ୍ତି । ମୋଟାମୋଟି ଭାବରେ କହିବାକୁ ଗଲେ ଆପଣ ଅ.ସଙ୍କର ଯୁଗକୁ 2100 କିମ୍ବା 2200 ବର୍ଷ କାଳ ଖ୍ରୀ.ପୂର ବିବେଚିତ କରିଛନ୍ତି । ଅର୍ଥାତ୍ ଆପଣ ଅ.ସ (ଆଁହଜରତ୍ ସ.ଅ)ଙ୍କ ଠାରୁ ପ୍ରାୟ 2700 2800 ପୂର୍ବେ ଅତିକ୍ରାନ୍ତ ହୋଇଛନ୍ତି । ଆପଣ ସ.ଅ ନୁହ୍ ଅ.ସଙ୍କ ସନ୍ତାନମାନଙ୍କ **(ଅବିଶିଷ୍ଟଂଶ.....ପୃ-10ରେ)**

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

**ଅଲ୍ଲାଃତାଲା କୁହନ୍ତି:** اَلَيْسَ اللّٰهُ بِكَافٍ عَبْدَهٗ

**(ଅଜ୍ ଜୁମର: 36)**

ଅନୁବାଦ: କ'ଣ ଅଲ୍ଲାଃତାଲା ନିଜ ଭକ୍ତ ପାଇଁ ଯଥେଷ୍ଟ ନୁହନ୍ତି କି ?

ତାଲିବେ ଦୁଆ: Qamrun Nisa, W/o- Zainul Khan,
Jamat Ahmadiya Pankal,
Halqa Qudrat Nagar (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହା ଉଚିତ ହେବ କି ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

**(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )**

**ତାଲିବେ ଦୁଆ:** Halimuddin Khan & Family,
Jamat Ahmadiya Kerang,
Darul Barkat (Odisha)

## ପୃ-10 ରେ ବର୍ଣ୍ଣିତ ସିରତ୍ ଖାତମୁନ୍ ନବୀୟିନର ଅବଶିଷ୍ଟାଂଶ.....

ମଧ୍ୟରୁ ଅନ୍ୟତମ ଥିଲେ ଓ ଇରାକର ଅଧିବାସୀ ଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ ମିଶର୍ ଦେଇ ପରିଶେଷରେ ଦକ୍ଷିଣ ପାଲେଷ୍ଟାଇନ୍ ଠାରେ ଆସି ବସତି ସ୍ଥାପନ କଲେ। ଆପଣ ଅ. ଅର୍ଥାତ୍ ହ. ଇବ୍ରାହିମ୍ ଅ.ସ ତିନୋଟି ବିବାହ କରିଥିଲେ । ପ୍ରଥମ ପତ୍ନିଙ୍କ ନାମ ସାରାହ୍ ଥିଲା, ଦ୍ୱିତୀୟ ପତ୍ନିଙ୍କ ନାମ ହାଜରାହ୍ ଥିଲା ଓ ତୃତୀୟ ପତ୍ନିଙ୍କ ନାମ କୁତୁରା ଥିଲା । ଏହି ତିନିଜଣ ପତ୍ନିଙ୍କ ମଧ୍ୟରୁ ସର୍ବ ଶେଷ ପତ୍ନିଙ୍କ ବ୍ୟକ୍ତିଗତ ଜୀବନୀ ଓ ପରିସ୍ଥିତି ସଂପର୍କରେ ଅଧିକ ତଥ୍ୟ ଜଣା ନାହିଁ ଓ ନା ହିଁ ଆମକୁ ଏଠାରେ ସେହି ପ୍ରସଙ୍ଗ ବର୍ଣ୍ଣନା କରିବାର ଆବଶ୍ୟକତା ରହିଛି । କିନ୍ତୁ କିନ୍ତୁ ଏଭଳି ଚର୍ଚ୍ଚା କରିବା ଅନୁଚିତ୍ ହେବ ନାହିଁ ଯେ, ସେହି ତୃତୀୟ ପତ୍ନି ଜଣକ ମଦୟନ୍ ବଂଶଧରଙ୍କ ମଧ୍ୟରୁ ଅନ୍ୟତମ ଥିଲେ। କିନ୍ତୁ ହାଜରାହ୍ ଅ.ସ ଜଣେ ଅଣ ବଂଶୀୟ ପରିବାର ମଧ୍ୟରୁ ଅନ୍ୟତମ ଥିଲେ । ଆପଣ ମିଶରର ଅଧିବାସୀନୀ ଥିଲେ । ହାଜରାହ୍ ଏବଂ ସାରାହ୍ ଅ.ସଙ୍କ ଗର୍ଭରୁ ସନ୍ତାନ ଜାତ ହେଲା । ସେହି ସନ୍ତାନ ଏପରି ପରିବ୍ୟାପ୍ତ ହେଲା ଯେ, ଆଜି ସଂସାରର ପ୍ରତ୍ୟେକଟି କୋଣ ଅନୁକୋଣରେ ଦେଖିବାକୁ ମିଳେ । ହ. ହାଜରାହ୍ ଅ.ସଙ୍କ ଗର୍ଭରୁ ଇସ୍‌ମାଇଲ୍ ଅ.ସ ଜନ୍ମ ଗ୍ରହଣ କରିଥିଲେ । ହ. ଇସ୍‌ମାଇଲ୍ ଅ.ସ ହ. ଇବ୍ରାହିମ୍ ଅ.ସଙ୍କ ଜ୍ୟୋଷ୍ଠ ପୁତ୍ର ସନ୍ତାନ ଥିଲେ । ପୁନଶ୍ଚ ହ. ସାରାହ୍ ଅ.ସଙ୍କ ଗର୍ଭରୁ ହ. ଇସ୍‌ହାକ୍ ଅ.ସ ଜନ୍ମ ଗ୍ରହଣ କଲେ । ଏହି ଦୁଇ ସନ୍ତାନମାନେ ଈଶ୍ୱରଙ୍କ ବିଶେଷ ଶୁଭ ସୂଚନା ଅନୁଯାୟୀ ଜନ୍ମଗ୍ରହଣ କରିଥିଲେ ଏବଂ ଉଭୟଙ୍କ ହସ୍ତରେ ଈଶ୍ୱରଙ୍କ ତରଫରୁ ବିଶେଷ କଲ୍ୟାଣର ପ୍ରତିଶ୍ରୁତି ରହିଥିଲା । ଏହି ଦୁଇ ପୁତ୍ର ସନ୍ତାନଙ୍କର ନାମ ଈଶ୍ୱରଙ୍କ ଐଶୀବାଣୀ ଅନୁଯାୟୀ ନମାକରଣ କରାଯାଇଥିଲା । ଇସ୍‌ମାଇଲ୍ ଅ.ସଙ୍କ ସଂପର୍କରେ ହ. ଇବ୍ରାହିମ୍ ଓ ହ. ହାଜରାହ୍ ଅ.ସଙ୍କ ବିଶେଷ ଦୁଆ ଏବଂ ଆଶୀର୍ବାଦ ରହିଥିଲା । ଏଯପରିକି ତାଙ୍କର ନାମ ମଧ୍ୟ ପ୍ରକୃତରେ ସମ୍ପୃଆ ଇଲ ନାମ ପ୍ରକାଶିତ । ସୁତରାଂ ସେହି ଦୁଇ ସନ୍ତାନମାନଙ୍କୁ ଈଶ୍ୱର ମହାନ୍ କଲ୍ୟାଣର ଅଧିକାରୀ କରିଥିଲେ ଏବଂ ଅଙ୍ଗୀକାର ତଥା ପ୍ରତିଶୃତି ଉଭୟଙ୍କ ବଂଶଧରମାନଙ୍କୁ ସଂସାରର ପ୍ରତ୍ୟେକ ପ୍ରକାରର ପୁରସ୍କାର ଦ୍ୱାରା ପୁରସ୍କୃତ କଲେ । ସୁତାରଂ ବନୁ ଇସ୍ରାଇଲ୍ ସଂପ୍ରଦାୟ ଯହିଁରେ ହ. ମୁସା ଅ.ସ, ହ. ଦାଉଦ୍ ଅ.ସ, ହ. ସୁଲୈମାନ୍ ଅ.ସ, ହ. ମସିହ୍ ନାସରୀ ଅ.ସଙ୍କ ପରି ସର୍ବୋଚ୍ଚ ମର୍ଯ୍ୟାଦାର ଅଧିକାରୀ ଅବତାରମାନେ ଜନ୍ମ ଗ୍ରହଣ କରିଥିଲେ । ହ. ଇସ୍‌ହାକ୍ ଅ.ସଙ୍କ ସନ୍ତାନମାନଙ୍କ ମଧ୍ୟରୁ ସେହି ଅବତାରମାନ ଅଟନ୍ତି । କିନ୍ତୁ ଏଠାରେ ଆମର ସଂପର୍କ ବନୁ ଇସ୍‌ମାଇଲ୍ ସଂପ୍ରଦାୟ ସହିତ ରହିଛି ଯିଏ ଆରବରେ ବାସ କଲେ ଏବଂ ଯାହାଙ୍କ ଠାରୁ ପୂର୍ବବର୍ତ୍ତୀ ଅବତାରଙ୍କ ଗୌରବ ଏବଂ ଶେଷ ଲୋକମାନଙ୍କ ସକାଶେ ଗୌରବ ହ. ମୁହମ୍ମଦ୍ ମୁସ୍ତଫା ସ.ଅଙ୍କ ଅସ୍ତିତ୍ୱ ବାହାରିଲା ।

**ହିଜାଜର ଅଧିବାସୀ ଏବଂ ମକ୍କାର ଜନସଂଖ୍ୟା:**

ଇସ୍‌ମାଇଲ୍ ଅ.ସ ବର୍ତ୍ତମାନ ଛୋଟ ପିଲା ଥିଲେ କି ତାଙ୍କର ସାବତ ମା ସାରାହ୍ ଅ.ସ କୌଣସି କଥାକୁ କେନ୍ଦ୍ର କରି ରୁଷ୍ଟ ହୋଇ ହ. ଇବ୍ରାହିମ୍ ଅ.ସଙ୍କୁ କହିଲେ, ହେ ଇବ୍ରାହିମ୍ ! ଆପଣ ହାଜରାହ୍ ଏବଂ ତାଙ୍କର ପୁତ୍ରକୁ ଘରୁ ବାହାର କରି ଦିଅନ୍ତୁ । ହ. ଇବ୍ରାହିମ୍ ଅ.ସ ସ୍ୱଭାବତଃ ଉକ୍ତ କଥା ଯୋଗୁଁ ଦୁଃଖିତ ହେଲେ । କିନ୍ତୁ ଈଶ୍ୱର ହ. ଇବ୍ରାହିମ୍ ଅ.ସଙ୍କୁ କହିଲେ, ହେ ଇବ୍ରାହିମ୍ ! ତୁମେ ଦୁଃଖିତ ଓ ନିରାଶ ହୁଅ ନାହିଁ ଏବଂ ଉକ୍ତ କଥାକୁ ଖରାପ ବୋଲି ମନେକରିବ ନାହିଁ । ବରଂ ଯେପରି ସାରାହ୍ କହୁଛନ୍ତି ସେହିପରି ହିଁ କର । ଇସ୍‌ହାକ୍ ଅ.ସ ମଧ୍ୟ ତୁମର ସନ୍ତାନ ମଧ୍ୟରୁ ଅନ୍ୟତମ ଅଟେ। କିନ୍ତୁ ମୋତେ ହାଜରାହ୍ ଅ.ସଙ୍କ ପୁତ୍ର ଇସ୍‌ମାଇଲ୍ ଅ.ସଙ୍କର ଏକ ଜାତି ଗଢିବାର ଅଛି। ସୁତରାଂ ସେହି ଐଶୀ ଆଦେଶ ଅନୁଯାୟୀ ହ. ଇବ୍ରାହିମ୍ ଅ.ସ ଶତାଧିକ ମାଇଲର ଯାତ୍ରା କରି ହ. ଇସ୍‌ମାଇଲ୍ ଅ.ସଙ୍କ ଠାରୁ ଏକ ଜାତି ସୃଷ୍ଟି କରିବାର ଅଛି ବୋଲି ହ. ଇବ୍ରାହିମ୍ ଅ.ସ ଶହ ଶହ ମାଇଲ୍ ଯାତ୍ରା କରି ହ. ଇସମାଇଲ୍ ଓ ତାଙ୍କର ମାତାଶ୍ରୀ ହାଜରାହ୍ ଅ.ସଙ୍କୁ ଆରବର ଅଞ୍ଚଳ ହିଜାଜ୍ ମଧ୍ୟସ୍ଥ ମକ୍କା ଉପତ୍ୟକା ଠାରେ ଆଣି ବସତି ସ୍ଥାପନ କରାଇଲେ । ଉକ୍ତ ଉପତ୍ୟକାଟି ହେଉଛି ସେହି ଉପତ୍ୟକା ଯେଉଁଠି ବର୍ତ୍ତମାନ ମକ୍କା ସହର ଅବସ୍ଥିତ ଅଟେ । ସେତେବେଳେ ଏହି ମକ୍କା ସହରଟି ସଂପୂର୍ଣ୍ଣ ରୂପେ ନିର୍ଜନ ଏବଂ ପରିତ୍ୟକ୍ତ ଥିଲା । ସେହି ଉପତ୍ୟକାରେ ସଫା ଏବଂ ମରୱା ନାମକ ଦୁଇଟି ଘାଟି (ପର୍ବତ) ରହିଛି ଯେଉଁଠି ବର୍ତ୍ତମାନ ମକ୍କା ସହର ଅବସ୍ଥିତ ଅଟେ ।

ସେହି ଘାଟି ନିକଟରେ ଏହି ନିରୀହ ତଥା ଅସହାୟ ଜୀବନ ଦୁଇଟିକୁ ସ୍ୱଳ୍ପ ପାଥେୟର ସହିତ ଜଙ୍ଗଲରେ ଛାଡ଼ି ହ. ଇବ୍ରାହିମ୍ ଅ.ସ ନିଜ ମାତୃଭୂମିକୁ ଫେରିଗଲେ। ହ. ଇବ୍ରାହିମ୍ ଅ.ସଙ୍କୁ ଫେରୁଥିବାର ଦେଖି ହ. ହାଜରାହ୍ ଅ.ସ ତାଙ୍କ ପଥଛେ ପଛେ ଆସିଲେ ଏବଂ ଅତ୍ୟନ୍ତ ବେଦନା ଓ କୋହଭରା କଣ୍ଠରେ କହିବାକୁ ଲାଗିଲେ: "ହେ ଇବ୍ରାହିମ୍ ! ଆପଣ ଆମକୁ ଛାଡ଼ି କୁଆଡ଼େ ଯାଉଛନ୍ତି ଏବଂ ଆମମାନଙ୍କୁ ଏପରି ଏକୁଟିଆ ଛାଡ଼ି ଚାଲିଯାଉଛନ୍ତି କାହିଁକି ? ହ. ଇବ୍ରାହିମ୍ ଅ. ଅତ୍ୟନ୍ତ ନୀରବତାର ସହିତ ପାଦ ଆଗକୁ ଅଗ୍ରସର କରି ଚାଲିଲେ ଏବଂ କୌଣସି ଉତ୍ତର ପ୍ରଦାନ କଲେ ନାହିଁ । ପରିଶେଷରେ ହ. ହାଜରାହ୍ ଅ.ସ କହିଲେ, ହେ ଇବ୍ରାହିମ୍ ! ଆପଣ କିଛି ତ' କୁହନ୍ତୁ? କ'ଣ ଈଶ୍ୱର ଆପଣ ଅ.ସଙ୍କୁ ଏପରି କରିବା ପାଇଁ କହିଛନ୍ତି ? ହ. ଇବ୍ରାହିମ୍ ଅ.ସ କହିଲେ, ହଁ । ପୁନଶ୍ଚ ନିରବତାର ସହିତ ହ. ଇବ୍ରାହିମ୍ ଆଗକୁ ଅଗ୍ରସର ହେଲେ । ଏହା ଦେଖି ହ. ହାଜରାହ୍ କହିଲେ, ହେ ଇବ୍ରାହିମ୍ ଯଦି ଏହା ଅଲ୍ଲାଃତାଲାଙ୍କ ଆଦେଶ ତେବେ ନିଃସନ୍ଦେହ ରୂପେ ଆପଣ ଯାଇ ପାରନ୍ତି । ଅଲ୍ଲାଃତାଲା କେବେ ବି ଆମମାନଙ୍କୁ କ୍ଷୟ ହେବାକୁ ଦେବେ ନାହିଁ । ଏହା କହି ହାଜରାହ୍ ଫେରି ଆସିଲେ । ପବିତ୍ର କୁରଆନ୍ କରୀମ୍‌ରେ ଉକ୍ତ ଘଟଣା ସଂପର୍କରେ ହ. ଇବ୍ରାହିମ୍ ଅ.ସଙ୍କ ଏହି ଶବ୍ଦରେ ଚର୍ଚ୍ଚା କରାଯାଉଛି: رَبَّنَآ اِنِّیۡۤ اَسۡکَنۡتُ مِنۡ ذُرِّیَّتِیۡ بِوَادٍ غَیۡرِ ذِیۡ زَرۡعٍ عِنۡدَ بَیۡتِکَ الۡمُحَرَّمِ ۙ رَبَّنَا لِیُقِیۡمُوا الصَّلٰوۃَ فَاجۡعَلۡ اَفۡـِٕدَۃً مِّنَ النَّاسِ تَہۡوِیۡۤ اِلَیۡہِمۡ وَ ارۡزُقۡہُمۡ مِّنَ الثَّمَرٰتِ لَعَلَّہُمۡ یَشۡکُرُوۡنَ **(ଅଲ୍ ଇବ୍ରାହିମ୍: 38)** ଅର୍ଥାତ୍ ହେ ଆମ୍ଭର ପାଳନକର୍ତ୍ତା ! ଆମ୍ଭେ ନିଜ ସନ୍ତାନମାନଙ୍କ ମଧ୍ୟରୁ କେତେକଙ୍କୁ ତୁମ୍ଭର ପବିତ୍ର ଗୃହ ନିକଟରେ ଏକ ଅନାବାଦୀଆ ଉପତ୍ୟକାରେ ଅବସ୍ଥାପିତ କରିଅଛୁ । ହେ ଆମ୍ଭର ପାଳନକର୍ତ୍ତା ! ଆମ୍ଭେ ଏଥିଯୋଗୁଁ ଏପରି କିରଅଛୁଁ । ଯଦ୍ଦ୍ୱାରା ସେମାନେ ସୁଚାରୁ ରୂପେ ନମାଜ୍ ପାଠ କରିବେ । ସୁତରାଂ ତୁମ୍ଭେ ଲୋକମାନଙ୍କ ହୃଦୟକୁ ସେମାନଙ୍କ ପ୍ରତି ଆନତ କର ଏବଂ ସେମାନଙ୍କୁ ବିଭିନ୍ନ ପ୍ରକାରର ଫଳ ମାଧ୍ୟମରେ ଜୀବିକା ପ୍ରଦାନ କର । ଯଦ୍ଦ୍ୱାରା ସେମାନେ ସର୍ବଦା ତୁମ୍ଭ ନିକଟରେ କୃତଜ୍ଞ ରହିବେ ।"

ସାଧାରଣ ଇତିହାସବିତ୍‌ମାନେ ବର୍ଣ୍ଣନା କରନ୍ତି ଏବଂ ହଦିସ୍‌ରେ ମଧ୍ୟ ଚର୍ଚ୍ଚା ମିଳେ ଯେ, ଯେତେବେଳେ ହ. ହାଜରାହ୍‌ଙ୍କ ପାଥେୟ ସମାପ୍ତ ହୋଇଗଲା ସେତେବେଳେ ମାନବ ସ୍ୱଭାବ ଅନୁଯାୟୀ ନିଜର ପୁତ୍ର ପ୍ରତି ଅତ୍ୟନ୍ତ ଚିନ୍ତିତ ହୋଇ ପଡ଼ିଲେ । ପୁତ୍ରର ଚିନ୍ତା ଘାରିଲା ଏବଂ ସେ ଏଣେତେଣେ ଜଳ ଖୋଜିବାକୁ ଲାଗିଲେ । କିନ୍ତୁ ବୁନ୍ଦାଏ ଜଳ ମିଳିଲା ନାହିଁ । ଯଦ୍ଦ୍ୱାରାକି ସନ୍ତାନର ଶୋଷ ଅତ୍ୟନ୍ତ ଭୟଙ୍କର ରୂପ ନେଲା । ସନ୍ତାନ ଶୋଷରେ ଛଟପଟ ହେବାକୁ ଲାଗିଲା । ପରିଶେଷରେ ହ. ହାଜରାହ୍ ଅ.ସ ହ. ଇସ୍‌ମାଇଲ୍ ଅ.ସଙ୍କ କାନ୍ଦିବା ଅବସ୍ଥାକୁ ଦେଖି ପାରିଲେ ନାହିଁ ଓ ସହି ପାରିଲେ ନାହିଁ । ତେଣୁ ସେ ସେଠାରୁ ଉଠିଲେ ଏବଂ ନିଜର ସନ୍ତାନର ଶୋଷଜନିତ ମୃତ୍ୟୁ ନ ଦେଖନ୍ତୁ, ତେଣୁ ସେ ଆକାଶ ଆଡ଼କୁ ଚାହିଁ କାନ୍ଦିଲେ ଏବଂ ଜଳ ସନ୍ଧାନରେ ଏଣେ ତେଣେ ଧାଇଁ ବୁଲିଲେ ଓ ଆଖପାଖ ଅଞ୍ଚଳରେ ଭଲ ଦୃଷ୍ଟିପାତ କରିବା ଉଦ୍ଦେଶ୍ୟରେ ସଫା ଏବଂ ମରୱା ପର୍ବତ ଉପରେ ଚଢି ଗଲେ । କିନ୍ତୁ ସେଠାରୁ ଯେତେବେଳେ କିଛି ଦେଖାଗଲା ନାହିଁ ସେତେବେଳେ ସେ ଦୌଡ଼ି ଆସି ମରୱା ପର୍ବତ ଉପରେ ଚଢିଗଲେ । ସେଠାରୁ ଦୌଡ଼ି ଆସି ପୁଣି ସଫା ପର୍ବତ ଉପରେ ଚଢିଗଲେ ଓ ଏପରି ସେ ଘାବରେଇବା ଅବସ୍ଥାରେ ପାହାଡ଼ର 7 ଥର ଚକ୍କର କାଟିଲେ ଏବଂ ତତ୍‌ସହିତ ସେ ଅରହର କାନ୍ଦୁଥିଲେ ମଧ୍ୟ । ହ. ହାଜରା ଅଲ୍ଲାଃତାଲାଙ୍କ ନିକଟରେ ଦୁଆ ମଧ୍ୟ କରୁଥିଲେ । କିନ୍ତୁ ନା କୌଣସି ଜଳର ସନ୍ଧାନ ମିଳୁଥିଲା ଓ ନା ହିଁ କୌଣସି ବ୍ୟକ୍ତି ଦୃଶ୍ୟମାନ ହେଉଥିଲା। ପରିଶେଷରେ ଯେତେବେଳେ ଆପଣଙ୍କ ବ୍ୟାକୁଳତା ଏବଂ ଯନ୍ତ୍ରଣାବସ୍ଥା ବୃଦ୍ଧି ପାଇଲା ସେତେବେଳେ ଆପଣ ସପ୍ତମ ଥର ପର୍ବତର ଚକ୍କର କାଟିବା ପରେ ଏକ ଆଦୃଷ୍ଟ ସ୍ୱର ଶୁଣିବାକୁ ପାଇଲେ ଯେ, ହେ ହାଜରାହ୍ ! ଅଲ୍ଲାଃତାଲା ତୁମର ଓ ତୁମ ସନ୍ତାନର ଡାକକୁ ଶୁଣି ନେଇଛନ୍ତି । ଏହି ସ୍ୱର ଶୁଣି ଆପଣ ଯେତେବେଳେ ଫେରି ଆସିଲେ ସେତେବେଳେ ଆପଣ ଏହା ଦେଖିବାକୁ ପାଇଲେ ଯେ, ଯେଉଁ ସ୍ଥାନରେ ହ. ଇସ୍‌ମାଇଲ୍ ଅ.ସ ଭୀଷଣ ଶୋଷ ଯୋଗୁଁ ଛଟପଟ ହେଉଥିଲେ ସେଠାରେ ଏକ ଈଶ୍ୱରଦୂତଙ୍କୁ ଛିଡ଼ା ହୋଇଥିବାର ପାଇଲେ । ସେହି ଈଶ୍ୱରଦୂତ ଭୂମି ଉପରେ ଏପରି ଗୋଇଠିକୁ ପ୍ରହାର କରୁଥିଲେ ଯେପରିକି କୌଣସି ବସ୍ତୁ ଖୋଳି ବାହାର କରୁଛି । ହ. ହାଜରାହ୍ ଆଗକୁ ଅଗ୍ରସର ହେଲେ । ତେବେ ଯେଉଁ ସ୍ଥାନରେ ସେହି ଈଶ୍ୱର ଦୂତ ଗୋଇଠି ମାରୁଥିଲା ସେଠାରେ ଏକ ଝରଣା ବହୁଥିବାର ଦେଖିବାକୁ ପାଇଲେ ଏବଂ ସେହି ଝରଣା ମଧ୍ୟରୁ ଜଳ ଅଧିକ ମାତ୍ରାରେ ପ୍ରବାହିତ ହେଉଥିଲା । ହ. ହଜାରାହ୍ ଅ.ସଙ୍କ ଆନନ୍ଦର ସୀମା ରହିଲା ନାହିଁ । ସେ ତୁରନ୍ତ ନିଜର ସନ୍ତାନକୁ ଜଳପାନ କରାଇଲେ ଏବଂ ଜଳ ଅପଚୟ ହୋଇଯିବା ଭୟରେ ସେହି ଝରଣାର ଆଖପାଖରେ ପଥର ରଖିଦେଲେ ଏବଂ ସାହି ଝରଣାକୁ ଏକ କୁଣ୍ଡ ଆକୃତିର କରିଦେଲେ ।

ହ. ଇବ୍‌ନେ ଅବ୍‌ବାସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଆଁହଜରତ୍ ସ.ଅ କହୁଥିଲେ ଯେ, "ଈଶ୍ୱର ହାଜରାହ୍ ଅ.ସଙ୍କ ଉପରେ ଦୟାବର୍ତୀର୍ଣ୍ଣ କରନ୍ତୁ । ଯଦି ସେ ଜଳକୁ ନଅଟକାଇ ଥାଆନ୍ତେ ତେବେ ତାହା ପ୍ରବାହିତ ଝରଣା ହୋଇଯାଇ ଥାଆନ୍ତା । ଆଁହଜରତ୍ ସ.ଅ ଏହା ମଧ୍ୟ କହିଲେ ଯେ, ହଜରେ ସଫା ଏବ ମରୱା ପର୍ବତ ମଧ୍ୟରେ ଦୌଡ଼ ଲଗାଇବା (ଦୌଡ଼ିବା) ଏକ ପବିତ୍ର ସ୍ମୃତି ଅଟେ । ଏହିସବୁ ଘଟଣାବଳୀକ ଏକ ସାମଗ୍ରିକ ଓ କିଞ୍ଚିତ ଅଂଶ ବାଇବେଲରେ ବିଗାଡ଼ି ଏବ ପରିବର୍ତ୍ତିତ ରୂପେ ଚର୍ଚ୍ଚିତ ହୋଇଛି ।"

ହ. ହାଜରାହ୍ ଅ.ସଙ୍କ ପବିତ୍ର ସ୍ମୃତି ପ୍ରତି ଆଁହଜରତ୍ ସ.ଅ ଏତେ ସମ୍ମାନ ପ୍ରଦର୍ଶ କରୁଥିଲେ ଯେ, ଅନ୍ୟ ବର୍ଣ୍ଣନାରୁ ଏହା ଜ୍ଞାତ ହୁଏ ଯେ, ଏକଦା ଆପଣ ସ.ଅ ନିଜର ସାହାବାମାନଙ୍କୁ କହିଲେ, ହେ ସାହାବାମାନେ ଯେତେବେଳେ ତୁମେମାନଙ୍କ ହସ୍ତରେ ମିର ଦେଶ ବିଜୟ ହେବ ସେତେବେଳେ ମିଶରବାସୀଙ୍କ ପ୍ରତି ପୁଣ୍ୟ ଏବଂ ଉପକାର ପ୍ରଦର୍ଶନ କରିବ । କାରଣ ଆମମାନଙ୍କର ମାତାମହୀ ହାଜରାହ୍ (ଯେକି ମିଶରର ଥିଲେ)ତୁମମାନଙ୍କ ଉପରେ ମିଶରବାସୀଙ୍କର ବିଶେଷ ଅଧିକାର ରହିଛି ।

ସେ ଯାହା ହେଉ ହ. ଇବ୍ରାହିମ୍ ଅ.ସଙ୍କ ହ. ହାଜରାହ୍ ଓ ଇସ୍‌ମାଇଲ୍ ଅ.ସଙ୍କୁ ମକ୍କାର ନିର୍ଜନ ଭୂମିରେ ବସତି ସ୍ଥାପନ କରି ଫେରିଯିବାର ଏକ ଆଦୃଷ୍ଟ ଝରଣାର ଅସ୍ତିତ୍ୱ ପ୍ରାଦୁର୍ଭୂତ ହୋଇଥିଲା । ଏତଦ୍‌ପରେ ସେହି ଝରଣା ଯୋଗୁଁ ଯାହାକୁ ଇସଲାମୀୟ ଇତିହାସରେ ଚାହେ ଜମ୍‌ଜମ୍ (ଜମ୍‌ଜମ୍ ଝରଣା) ନାମରେ ଖ୍ୟାତ ଅଟେ ଏବଂ ମକ୍କା ଉପତ୍ୟକାରେ ଅନ୍ୟ ଲୋକମାନେ ବସତି ସ୍ଥାପନ କରିବାକୁ ଲାଗିଲେ ଏବଂ ମକ୍କା ଠାରେ ଜନସଂଖ୍ୟା ଆରମ୍ଭ ହେବାକୁ ଲାଗିଲା । ଅର୍ଥାତ୍ ବୃଦ୍ଧି ପାଇବାକୁ ଲାଗିଲା । ଏହା ଉଲ୍ଲେଖ ରହିଛି ଯେ, ସେହି ସ୍ଥାନରେ ସର୍ବ ପ୍ରଥମ ବସତି ସ୍ଥାପନ କରିଥିବା ସଂପ୍ରଦାୟ ଜୁରହମ୍ ସଂପ୍ରଦାୟ ଥିଲା । ଉକ୍ତ ସଂପ୍ରଦାୟ ବନୁ କହତାନ୍ ସଂପ୍ରଦାର ଏକ ଶାଖା ଥିଲା । ଏହି ସଂପ୍ରଦାୟ ୟମନରୁ ଆସିଥିଲା। **(ଅବଶିଷ୍ଟାଂଶ....ପରବର୍ତ୍ତୀ ସଂଖ୍ୟାରେ)**

## ସିରତୁଲ୍ଲ ମେହ୍ଦୀ

(ଲେଖକ. ହ. ମିର୍ଜା ବଶୀର୍ ଅହମଦ ସାହେବ ଏମ୍.ଏ ର.ଅ)

(29) بِسۡمِ اللّٰہِ الرَّحۡمٰنِ الرَّحِیۡمِ ମୋତେ ମୌଲବୀ ଶେର୍ ଅଲୀ ସାହେବ ର.ଅ କହିଲେ, ଯେଉଁ ଦିନମାନଙ୍କରେ ହ. ମସିହ୍ ମଉଦ୍ ଅ.ସଙ୍କର କରମ୍ ଦୀନ୍ ସହିତ ଗୁର୍ଦ୍ଦାସପୁର ଠାରେ ମକଦ୍ଦମା ଥିଲା ଏବଂ ଆପଣ ଗୁର୍ଦ୍ଦାସପୁର ଯାଇଥିଲେ । ଦିନେ ଦୈବାତ୍ ସମସ୍ତେ କଚେରୀକୁ ଚାଲିଗଲେ କିମ୍ବା ଏଣେତେଣେ ବିକ୍ଷିପ୍ତ ହୋଇଗଲେ। ହ. ସାହେବଙ୍କ ପାଖରେ କେବଳ ମୁଁ ଓ ମୁଫ୍‌ତି ସାହେବ ରହିଗଲୁ । ହ. ସାହେବ ବିଶ୍ରାମ କରୁଥିଲେ ଏବଂ ଏପରି ପ୍ରତିତ ହେଉଥିଲା ଯେପରିକି ଆପଣ କିଛି ଭାବୁଛନ୍ତି। ସେହି ଅବସ୍ଥାରେ ଆପଣ ଅ.ସ ନିଜର ମୁଣ୍ଡ ଉପରକୁ କଲେ ଏବଂ କହିଲେ, ମୋତେ ଐଶୀବାଣୀ ହୋଇଛି, ତେଣୁ ତୁମେମାନେ ଲେଖିନିଅ ! ଦୈବାତ୍ ଠିକ୍ ସେତିକିବେଳେ କୌଣସି କଲମ ଦୁଆତ୍ କିମ୍ବା ପେନ୍‌ସିଲ୍ ମଧ୍ୟ ଉପଲବ୍ଧ ନଥିଲା । ପରିଶେଷରେ ଆମେ ରୋଷେଇ ଶାଳରୁ ଏକ କୋଇଲା ଆଣିଲୁ ଏବଂ ସେହି କୋଇଲା ଦ୍ୱାରା ମୁଫ୍‌ତି ସାହେବ କାଗଜ ଉପରେ ଲେଖିଲେ । ପୁନଶ୍ଚ ଆପଣ ଅ.ସ ସେହିପରି ବିଶ୍ରାମ କଲେ ଏବଂ କିଛି ସମୟ ପରେ ପୁନଶ୍ଚ ଆପଣ ଅ.ସ ଐଶୀବାଣୀ ଲେଖାଇଲେ। ଅତଏବ୍ ଏହିପରି ଭାବରେ ଆପଣ ସେତେବେଳେ କେତେକ ଐଶୀବାଣୀ ଲେଖାଇଲେ। ମୌଲବୀ ସାହେବ ବର୍ଣ୍ଣନା କରନ୍ତି ଯେ, ସେହି ଐଶୀବାଣୀ ମଧ୍ୟରେ ଗୋଟିଏ ଐଶୀବାଣୀ ମୋର ମନେଅଛି ଏବଂ ତାହା ଏହିପରି ଯେ, يسئلونك عن شانك قل الله ثم ذرهم في خوضهم يلعبون ଅର୍ଥାତ୍ ତୁମ୍ଭର ମର୍ଯ୍ୟାଦା ସଂପର୍କରେ ଲୋକମାନେ ପ୍ରଶ୍ନ କରିବେ, ତୁମ୍ଭେ ସେମାନଙ୍କୁ କହିଦିଅ ! ଅଲ୍ଲାଃତାଲା ସେମାନଙ୍କୁ ସେମାନଙ୍କର ବାଯ୍ୟ କଥନରେ ଛାଡିଦେବେ । ଦ୍ୱିତୀୟ ଦିନ ଯେତେବେଳେ ଆପଣ ଅ.ସ ଅଦାଲତ୍ ସମ୍ମୁଖରେ ଉପସ୍ଥାପିତ ହେଲେ ସେତେବେଳେ ଓକିଲ ଜଣକ ଆପଣ ଅ.ସଙ୍କୁ ସମସ୍ତ ପ୍ରଶ୍ନ ପଚାରିଲା ଯେ, ମହୋଦୟ ! ଆପଣ ନିଜର ପୁସ୍ତକ ତୋହ୍‌ଫା ଗୋଲଡ଼ୱିୟାରେ ନିଜ ସଂପର୍କରେ ଉଲ୍ଲେଖ କରିଛନ୍ତି । ସେହି ଓକିଲ୍ ଜଣକ ଉକ୍ତ ପୁସ୍ତକ ମଧ୍ୟରୁ ଏକ ପଂକ୍ତି ପାଠ କରି ଶୁଣାଇଲା, ଯହିଁରେ ଆପଣ ଅ.ସ ଅତ୍ୟନ୍ତ ଜୋରଦାର ଶବ୍ଦରେ ନିଜର ସର୍ବୋଚ୍ଚ ସ୍ତର ତଥା ମର୍ଯ୍ୟାଦା ସଂପର୍କରେ ବାକ୍ୟ ଉଲ୍ଲେଖ କରିଛନ୍ତି । କ'ଣ ଆପଣ ବାସ୍ତବରେ ନିଜକୁ ଏପରି ମର୍ଯ୍ୟାଦାର ଅଧିକାରୀ ବୋଲି ମନେକରନ୍ତି କି? ହ. ମସିହ୍ ମଉଦ୍ ଅ.ସ ଉତ୍ତର ଦେଲେ ଯେ, ହଁ । ଏହା ଅଲ୍ଲାଃତାଲାଙ୍କ କୃପା ଅଟେ କିମ୍ବା ଅନ୍ୟ କୌଣସି ଏପରି ବାଣୀ କହିଲେ, ଯହିଁରେ ଅଲ୍ଲାଃତାଲାଙ୍କ ଆଡ଼କୁ କଥା ଇଙ୍ଗିତ କରିଥିଲେ । ମୌଲବୀ ସାହେବ ବର୍ଣ୍ଣନା କଲେ ଯେ, ହ. ସାହେବ ସେତେବେଳେ ଏକଥା ଚିନ୍ତା କରି ନଥିଲେ ଯେ, ଉକ୍ତ ପ୍ରଶ୍ନୋତ୍ତର ଆପଣ ଅ.ସଙ୍କ ଐଶୀବାଣୀ ଅନୁଯାୟୀ ଥିଲା । ପୁନଶ୍ଚ ଯେତେବେଳେ ଆପଣ ଗୁର୍ଦ୍ଦାସପୁରୁ କାଦିୟାନ୍ ଫେରିବାକୁ ଲାଗିଲେ ସେତେବେଳେ ମୁଁ ମାର୍ଗରେ ମୋଟର ଗାଡ଼ି ଉପରେ ଆସି ଆପଣ ଅ.ସଙ୍କୁ କହିଲି, ହୁଜୁର ! ମୋର ଏହା ଧାରଣା ରହିଛି ଯେ, ହୁଜୁର୍ ଅ.ସଙ୍କ ସେହି ଐଶୀବାଣୀ ଉକ୍ତ ପ୍ରଶ୍ନ ଉତ୍ତରରେ ସଂପୂର୍ଣ୍ଣ ହୋଇଛି । ହ. ସାହେବ ଅତ୍ୟନ୍ତ ଆନନ୍ଦିତ ହେଲେ ଯେ, ହଁ ପ୍ରକୃତରେ ଏହା ହିଁ ଅଟେ । ଆପଣ ଠିକ୍ ବୁଝିଛନ୍ତି । ମୌଲବୀ ସାହେବ ବର୍ଣ୍ଣନା କଲେ ଯେ, ଏହି କେତେ ଦିନର ପରେ ମୋତେ ଶେଖ୍ ୟାକୁବ୍ ଅଲୀ ଇର୍ଫାନୀ ସାହେବ କହିଲେ, ହ. ସାହେବ ଅନ୍ୟ ଏକ ଅବସରରେ ମଧ୍ୟ ଉକ୍ତ କଥାର ଚର୍ଚ୍ଚ କରୁଥିଲେ ଯେ, ମୌଲବୀ ଶେର୍ ଅଲୀ ସାହେବ ଉକ୍ତ ଐଶୀବାଣୀକୁ ଭଲ ବାବରେ ବୁଝିଛନ୍ତି ଏବଂ ଆପଣ ଅ.ସ ପ୍ରସନ୍ନତାର ଭାବ ପ୍ରକାଶ କରୁଥିଲେ । (ଉକ୍ତ ବର୍ଣ୍ଣନାରେ ହ. ମସିହ୍ ମଉଦ୍ ଅ.ସଙ୍କ ପୁସ୍ତକ ତୋହ୍‌ଫା ଗୋଲଡ଼ୱିୟାର ଚର୍ଚ୍ଚା ମିଳେ, ସେଥି ସଂକ୍ରାନ୍ତରେ ଉକ୍ତ କଥା ଚର୍ଚ୍ଚାଯୋଗ୍ୟ ଯେ, ହ. ମସିହ୍ ମଉଦ୍ ଅ.ସ ହକିକତୁଲ୍ ୱହିରେ ତୋହଫା ଗୋଲଡ଼ୱିୟାର ପରିବର୍ତ୍ତେ ତ୍ରିୟାକୁଲ୍ କୁଲୁବ୍‌ର ନାମ ଉଲ୍ଲେଖ କରିଛନ୍ତି । କିନ୍ତୁ ସତ୍ୟତା ଏହା ହିଁ ଯେ, ଏଥି ସଂକ୍ରାନ୍ତରେ ହ. ମସିହ୍ ମଉଦ୍ ଅ.ସଙ୍କୁ ଭ୍ରମ ଲାଗିଛି ଏବଂ ସତ୍ୟ ଏହା ହିଁ ଯେ, ଅଦାଲତ୍‌ରେ ଯେଉଁ ପୁସ୍ତକ ସଂପର୍କରେ ପଚରା ଯାଇଥିଲା ତାହା ତୋହଫା ଗୋଲଡ଼ୱିୟା ଥିଲା ନା କି ତ୍ରିୟାକୁଲ୍ କୁଲୁବ୍ ଥିଲା । ଯେପରିକି ଦ୍ୱିତୀୟ ଭାଗର ବର୍ଣ୍ଣନା ୩୪୨ରେ ଅଦାଲତ୍‌ର୍ କେସ୍ ଫାଇଲ୍‌ରୁ ପ୍ରମାଣିତ କରାଯାଇ ସାରିଛି ।)

(30) بِسۡمِ اللّٰہِ الرَّحۡمٰنِ الرَّحِیۡمِ ବିନୀତ କହୁଛି ଯେ, ହ. ମସିହ୍ ମଉଦ୍ ଅ.ସଙ୍କ ଅଭ୍ୟାସ ଥିଲା ଯେ, ଆପଣ ଅ.ସ ପ୍ରତ୍ୟେକ ବ୍ୟକ୍ତିଙ୍କର ସ୍ୱପ୍ନକୁ ଧ୍ୟାନର ସହିତ ଶୁଣୁଥିଲେ ଏବଂ ବେଳେବେଳେ ନୋଟ୍ (ଲେଖି ନେଉଥିଲେ) ମଧ୍ୟ କରିନେଉ ଥିଲେ। ସୁତରାଂ ଏକଦା ମିର୍ଜା କମାଲୁଦ୍ଦୀନ୍ ଆଦି ବ୍ୟକ୍ତିମାନେ ଯେତେବେଳେ ମସ୍‌ଜିଦ୍ ତଳର କାଛ ଉଠାଇ ରାସ୍ତା ବନ୍ଦ୍ କରିଦେଲେ । **(ଅବଶିଷ୍ଟାଂଶ....ପରବର୍ତ୍ତୀ ସଂଖ୍ୟାରେ)**

## ପୃ-01 ରେ ବର୍ଣ୍ଣିତ ତଫ୍‌ସିର୍ କବିର୍‌ର ଅବଶିଷ୍ଟାଂଶ

ଅଟେ । ସୁତରାଂ କେତେବେଳେ ଚିତ୍ରକର ଝିଞ୍ଜିର ଅଙ୍କନ କରିଥାଏ। ସେହି ଝିଞ୍ଜିରରୁ ଯଥାର୍ଥ ଜାତୀୟ ଏକତା ହୋଇଥାଏ ତ' ଆଉ କେତେବେଳେ ଚିତ୍ରକର ସୂର୍ଯ୍ୟୋଦୟର ଦୃଶ୍ୟ ପ୍ରଦର୍ଶିତି କରିଥାଏ । ସୂର୍ଯ୍ୟୋଦୟର ଚିତ୍ରରୁ ଯଥାର୍ଥ ଜାତୀୟ ବିକାଶ ହୋଇଥାଏ। ସେହିପରି ଏହି ପ୍ରକାଶ୍ୟଗତ କୁର୍ବାନୀ (ତ୍ୟାଗ ଓ ବଳିଦାନ) ନିଜ ଆତ୍ମାର ବଳିଦାନକୁ ଉପସ୍ଥାପିତ କରିବା ନିମନ୍ତେ ବ୍ୟକ୍ତି ପ୍ରସ୍ତୁତ ଅଟେ । ଅତଏବ୍ ଯେଉଁ ବ୍ୟକ୍ତି ବଳିଦାନ ଦେଇଥାଏ ସେ ଉକ୍ତ କଥାର ପରିପ୍ରକାଶ କରିଥାଏ ଯେ, ମୁଁ ଈଶ୍ୱରଙ୍କ ମାର୍ଗରେ ସର୍ବସ୍ୱ ତ୍ୟାଗ କରିଦେବି । ତତ୍ପରେ ଦ୍ୱିତୀୟ ପଦକ୍ଷେପ ଏହା ହୋଇଥାଏ ଯେ, ମନୁଷ୍ୟ ଯେଉଁ ପ୍ରସଙ୍ଗର ଚିତ୍ରାତ୍ମକ ଭାଷାରେ ପରିପ୍ରକାଶ କରି ବ୍ୟବହାରିକ ରୂପେ ତାହାକୁ ସାକାର କରି ଦେଖାଇ ଦେଇଥାଏ । କାରଣ କେବଳ ନକଲ୍ ବା ଅନ୍ଧ ଆନୁଗତ୍ୟ ସହିତ ଯଦି ବାସ୍ତବତାର ସଂପର୍କ ନାହିଁ ତେବେ ତାହା ମର୍ଯ୍ୟାଦାର ଅଧିକାରୀ କଦାପି ହୋଇପାରିବ ନାହିଁ । ସେହିପରି ଯେଉଁ ବ୍ୟକ୍ତି ଖାସିର କୁର୍ବାନୀ ସହିତ ନିଜ ଆତ୍ମାର କୁର୍ବାନୀ ମଧ୍ୟ କରିଥାଏ ସେ ଶିଷ୍ଟ ବ୍ୟକ୍ତି ନିକଟରେ ସମ୍ମାନସ୍ୱଦ ଅଟେ । କିନ୍ତୁ ଯେଉଁ ବ୍ୟକ୍ତି କେବଳ ଖାସିର କୁର୍ବାନୀକୁ ଯଥେଷ୍ଟ ଓ ପର୍ଯ୍ୟାପ୍ତ ବୋଲି ମନେ କରିଥାଏ ତେବେ ସେହି ବ୍ୟକ୍ତି ବିଦୂଷକ ଓ ଭାଣ୍ଡ କଳାକାର ଅଟେ । ଅତଏବ୍ ସେହି ବ୍ୟକ୍ତି ସମ୍ମାନର ଅଧିକାରୀ ହୋଇପାରିବ ନାହିଁ । ପୁନଶ୍ଚ ଯଦି ବିଚାର କରି ଦେଖାଯାଏ ତେବେ ଏହା ଜ୍ଞାତ ହେବ ଯେ, କଂସେଇମାନେ ଯେଉଁମାନେ ଜୀବମାନଙ୍କୁ ପ୍ରତ୍ୟେକ ଦିନ ଜେବହ୍ କରିବାରେ ଅଭ୍ୟସ୍ତ ଅଟନ୍ତି, ସେହି କଂସେଇମାନଙ୍କୁ ଛାଡ଼ି ଅନ୍ୟ ଲୋକମାନଙ୍କ ସ୍ୱଭାବ ଉପରେ ଏକ ଗଭୀର ପ୍ରଭାବ ପଡ଼ିଥାଏ ଓ ସେମାନଙ୍କ ଚିନ୍ତାଧାରାରେ ଏକ ବିଶୃଙ୍ଖଳାତ୍ମକ ପରିବର୍ତ୍ତନ ସୃଷ୍ଟି ହୋଇଥାଏ ।" **(ତଫ୍‌ସିର୍ କବିର୍, ଗ୍ରନ୍ଥଖଣ୍ଡ-6, ପ୍ରକାଶନ ସ୍ଥାନ-କାଦିୟାନ୍, 2010 ମସିହା, ପୃ-57)** ☆☆☆

## ପୃ-2 ରେ ବର୍ଣ୍ଣିତ ସମ୍ପାଦକୀୟର ଅବଶିଷ୍ଟାଂଶ...

ନୁହେଁ । ଧନୀ ଲୋକମାନେ ଗରିବ ଲୋକମାନଙ୍କୁ କୁର୍ବାନୀର ମାଂସ ଦେବା ଓ ଗରିବ ଲୋକମାନେ ଧନୀ ଲୋକମାନଙ୍କୁ କୁର୍ବାନୀର ମାଂସ ଦେବା ଦ୍ୱାରା ପାରସ୍ପାରିକ ପ୍ରେମ ଓ ଆନ୍ତରୀକତା ଭାବ ସୃଷ୍ଟି ହୋଇଥାଏ । ସେହିପରି ଧର୍ମର ଯେଉଁ ଅଭିପ୍ରାୟ ରହିଛି ଯେ, ପ୍ରେମକୁ ସଂପ୍ରସାରିତ କର । ଏହି ଅଭିପ୍ରାୟ ସେତେବେଳେ ପୂରଣ ଓ ସାର୍ଥକ ହୋଇଥାଏ ।" **(ଅଲ୍ ଫଜଲ୍, 1922 ମସିହା, ଅଗଷ୍ଟ ମାସ 17 ତାରିଖ)**

ହ. ଖଲିଫତୁଲ୍ ମସିହ୍ ସାନି ର.ଅଙ୍କୁ ଜଣେ ବ୍ୟକ୍ତି ପ୍ରଶ୍ନ ପଚାରିଲା ଯେ, ହୁଜୁର୍ ! କ'ଣ ଅନ୍ୟ ବ୍ୟକ୍ତି ତରଫରୁ କୁର୍ବାନୀର ଜୀବ ଜେବହ୍ କରାଯାଇପାରିବ କି ? ଏଥି ସଂକ୍ରାନ୍ତରେ ହ. ଖଲିଫତୁଲ୍ ମସିହ୍ ସାନି ର.ଅ କୁହନ୍ତି: "ଅନେକ ଲୋକମାନେ ଗରିବ ହୋଇଥାଆନ୍ତି । ତେଣୁ ଉକ୍ତ କଥାକୁ ଦୃଷ୍ଟିରେ ରଖି କୌଣସି ବ୍ୟକ୍ତି କୁର୍ବାନୀରୁ ଯେପରି ବଞ୍ଚିତ ନରହୁ, ତେଣୁ ଆଁହଜରତ୍ ସ.ଅଙ୍କର ଏହି ଅଭ୍ୟାସ ଓ ପରମ୍ପରା ରହିଥିଲା ଯେ, ଆପଣ ସ.ଅ ଗରିବ ଲୋକମାନଙ୍କ ତରଫରୁ ଗୋଟିଏ ଜୀବ କୁର୍ବାନୀ କରି ଦେଉଥିଲେ । ଏହି ପନ୍ଥା ଅନୁଯାୟୀ ମୋର ଏହି ନୈତିକତା ଏବଂ ଅଭ୍ୟାସ ରହିଛି ଯେ, ମୁଁ ନିଜ ଜମାଅତ୍‌ର ଅଭାବି ତଥା ଗରିବ ଲୋକମାନଙ୍କ ତରଫରୁ ଗୋଟିଏ ଜୀବ କୁର୍ବାନୀ କରିଦେଇଥାଏ ।" **(ଅଲ୍ ଫଜଲ୍, 1922 ମସିହା, ଅଗଷ୍ଟ ମାସ 17 ତାରିଖ)**

କୁର୍ବାନୀର ମାଂସ ବଣ୍ଟନ ସଂପର୍କରେ ଏହି ନିର୍ଦ୍ଦେଶ ରହିଛି ଯେ, କୁର୍ବାନୀରେ ମାଂସ ବିଶେଷ କରି ଅଭାବି, ଗରିବ ଓ ଦୁର୍ବଳ ଶ୍ରେଣୀର ଲୋକମାନଙ୍କୁ ଖୋଜି ଦିଆଯାଉ। କାରଣ ଅଲ୍ଲାଃତାଲାଙ୍କ ପ୍ରେମ (କୃପା) ଦୃଷ୍ଟି ଆମମାନଙ୍କର ଉପରୁ ସର୍ବଦୈବ ପଡୁଥାଉ। ଉକ୍ତ ଆଦେଶ ପ୍ରତି ଅନୁପ୍ରାଣିତ ତଥା ଉତ୍ସାହିତ କରି ହ. ଖଲିଫତୁଲ୍ ମସିହ୍ ରାବେ ର.ଅ କୁହନ୍ତି: "ମୁଁ ଆପଣ ସମସ୍ତଙ୍କୁ ମନେପକାଇ ଦେଉଛି ଯେ, ଆପଣମାନେ ନିଜର ଗରିବ, ଅଭାବି ଏବଂ ଦୁର୍ବଳ ଭାଇମାନଙ୍କୁ ନିଜ କୁର୍ବାନୀର ଅବଶ୍ୟ ମନେରଖନ୍ତୁ । ଆପଣମାନେ ନିଜର ଆତ୍ମୀୟ ସ୍ୱଜନ (ସଂପର୍କୀୟ ଓ ପ୍ରିୟଜନ)ମାନଙ୍କ ନିମନ୍ତେ ଓ ନିଜ ନିମନ୍ତେ ମଧ୍ୟ 1/3 ଭାଗ ଅବଶ୍ୟ ରଖନ୍ତୁ ଓ ବ୍ୟୟ କରନ୍ତୁ । କିନ୍ତୁ କିଛି ଅଂଶ ଜମାଅତ୍‌କୁ ମଧ୍ୟ ହସ୍ତାନ୍ତର କରନ୍ତୁ । କାରଣ ଜମାଅତ୍ ସେହି କୁର୍ବାନୀର ମାଂସକୁ ଗରିବ, ଅଭାବିମାନଙ୍କ ମଧ୍ୟରେ ବାଣ୍ଟି ପାରିବ । ସେହିପରି ଆପଣମାନେ କୁର୍ବାନୀ ମାଂସର କିଛି ଭାଗ ନିଜ ସଂପର୍କୀୟଙ୍କୁ ବାଣ୍ଟନ୍ତୁ କିମ୍ବା ଯେଉଁ ଅଣସଂପର୍କୀୟ ଗରିବମାନଙ୍କ ଉପରେ ଆପଣମାନଙ୍କର ଦୃଷ୍ଟି ପଡ଼େ ତେବେ ସେପରିପ୍ରେକ୍ଷୀରେ ମଧ୍ୟ ଆପଣମାନେ ସେମାନଙ୍କ ମଧ୍ୟରେ କୁର୍ବାନୀର ମାଂସ ବାଣ୍ଟନ୍ତୁ । ଯଦି ଆର୍ଥିକ ସ୍ୱଚ୍ଛଳ ବ୍ୟକ୍ତିମାନେ ତଥା କୁର୍ବାନୀ କରିଥିବା ବ୍ୟକ୍ତିମାନେ ଗରିବ ଲୋକମାନଙ୍କୁ ଖୋଜି ସେମାନଙ୍କର ଦୁର୍ବଳତା, ଦୁର୍ଦ୍ଦଶା, ଦୂର କରିବା ସକାଶେ ଦୃଷ୍ଟିପାତ (ଧ୍ୟାନ ଦିଅନ୍ତି) କରନ୍ତି ତେବେ ମୁଁ ଆପଣମାନଙ୍କୁ ଆଶ୍ୱାସନା ଏବଂ ବିଶ୍ୱାସ ଦେଉଛି ଯେ, ଅଲ୍ଲାଃତାଲାଙ୍କ ଦୃଷ୍ଟି ଆପଣମାନଙ୍କ ଉପରେ ଅବଶ୍ୟ ପଡ଼ିବ ଏବଂ ଆପଣମାନଙ୍କର ଦୋଷ ଦୁର୍ବଳତାକୁ ଅଲ୍ଲାଃତାଲା ଦୂର କରିଦେବେ । ଅତଏବ୍ ଏହା ବହୁତ ବଡ଼ ବ୍ୟାପାର ଯେ, ଗରିବ ଲୋକମାନଙ୍କୁ ଖୋଜିବା ଏବଂ ସେମାନଙ୍କ ପର୍ଯ୍ୟନ୍ତ କୁର୍ବାନୀର ମାଂସ ପହଞ୍ଚାଇବା ଉକ୍ତ ପ୍ରସଙ୍ଗ ଆଡ଼କୁ ଆମନ୍ତ୍ରିତ କରିଥାଏ ଯେ, ଅଲ୍ଲାଃତାଲା ଆପଣମାନଙ୍କୁ ଖୋଜିବେ ଏବଂ ଆପଣମାନଙ୍କ ପର୍ଯ୍ୟନ୍ତ ପହଞ୍ଚିବେ । ଏପରି ଅବଶ୍ୟ ହେବ ।"

**(ଖୁତ୍‌ବାତେ ତାହିର୍, ଇଦୈନ୍, ପୃ-642)** ☆☆☆

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମେ ଅହେମଦିମାନଙ୍କୁ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି କି ଆମମାନଙ୍କୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750
The Weekly BADAR Qadian
Qadian - 143516 Distt. Gurdaspur (Pb.)
Postal Reg. No.GDP-40/2026-2028 Vol. 11 Thursday- 28 May 2026 Issue No. 22

Act. MANAGER
ATHAR AHMAD SHAMIM
Mobile. : +91 9815639670
e-mail : managerbadrqnd@gmail.com

## 131 ତମ ଜଲ୍‌ସା ସାଲାନା କାଦିୟାନ୍, ତା- 25, 26, 27 ଡିସେମ୍ବର, 2026 ମସିହାରେ ଆୟୋଜିତ ହେବ

ସୟେଦିନା ହ. ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ 131 ତମ ଜଲ୍‌ସା ସାଲାନା କାଦିୟାନ୍ 2026 ମସିହା ନିମନ୍ତେ ତା-25, 26, 27, ଡିସେମ୍ବର 2026 ମସିହା (ଶୁକ୍ରବାର, ଶନିବାର ଓ ରବିବାର) ପାଇଁ ତାରିଖ ମଞ୍ଜୁର୍ (ଅନୁମୋଦନ) କରିଛନ୍ତି ।

ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଅନୁରୋଧ କି ସେମାନେ ଏବେଠାରୁ ହିଁ ଦୁଆର ସହିତ ଉକ୍ତ କଲ୍ୟାଣମୂଳକ ଜଲ୍‌ସାରେ ସାମିଲ୍ ହେବାର ଉଦ୍ଦେଶ୍ୟ ନେଇ ପ୍ରସ୍ତୁତି ଆରମ୍ଭ କରି ଦିଅନ୍ତୁ । ଅଲ୍ଲାଃତାଲା ଉକ୍ତ ଐଶୀଭିତ୍ତିକ ଆଧାତ୍ମିକ ଜଲ୍‌ସାରେ ଅଧିକରୁ ଅଧିକ ଲୋକମାନଙ୍କୁ ଅଂଶ ଗ୍ରହଣ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ସେହିପରି ହ. ମସିହ୍ ମଉଦ୍ ଅ.ସ ଜଲ୍‌ସାରେ ସାମିଲ୍ ହୋଇଥିବା ଅଂଶଗ୍ରହଣକାରୀଙ୍କ ସପକ୍ଷରେ ଯେଉଁ ଦୁଆ କରିଛନ୍ତି ଅଲ୍ଲାଃତାଲା ଆମମାନଙ୍କୁ ସେହି ସମସ୍ତ ଦୁଆର ଅଧିକାରୀ କରନ୍ତୁ । **ଆମିନ୍ ।** ସେହିପରି ଉକ୍ତ ଜଲ୍‌ସା ସାଲାନା ପ୍ରତ୍ୟେକ ଦୃଷ୍ଟିରୁ ସାଫଲ୍ୟମଣ୍ଡିତ ଏବଂ କଲ୍ୟାଣମୟ ହେବା ନିମନ୍ତେ ଓ ପୁଣ୍ୟାତ୍ମାମାନଙ୍କ ମାର୍ଗଦର୍ଶନର କାରଣ ହେବା ନିମନ୍ତେ ଦୁଆ ଜାରି ରଖନ୍ତୁ । **(ନାଜିର୍ ଇସଲାହ୍ ଓ ଇର୍ଶାଦ୍ ମର୍କଜିୟାହ୍ କାଦିୟାନ୍)**

☆☆☆

## ଦୟାକରି ଅହେମଦି ଛାତ୍ରମାନେ ଧ୍ୟାନ ଦିଅନ୍ତୁ ଯେ, କାଦିୟାନ୍ ସ୍ଥିତ ଦାରୁସ୍ ସନାଅତ୍ ଶିକ୍ଷାନୁଷ୍ଠାନ ଠାରେ ଶିକ୍ଷାବର୍ଷ: 2026-2027 ପାଇଁ ନାମଲେଖା ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଛି ! (Ahmadiyya vocational training centre)

ଦାରୁସ୍ ସନାଅତ୍ କାଦିୟାନ୍‌ର ମୂଳଦୁଆ ହ. ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବଙ୍କ ଅନୁମୋଦନ କ୍ରମେ ଏବଂ ବିଶେଷ ମାର୍ଗଦର୍ଶନ କ୍ରମେ 2010 ମସିହାରେ ହୋଇଥିଲା। ଉକ୍ତ ଶିକ୍ଷାନୁଷ୍ଠାନର ମୂଳାଭିପ୍ରାୟ ହେଲା ଛାତ୍ରମାନଙ୍କୁ କର୍ମ କୁଶଳୀ କରିବା ଏବଂ ଟେକ୍‌ନିକାଲ୍ (ବୈଷୟିକ) ପାଠ୍ୟର ଶିକ୍ଷାଦାନ କରାଯାଇ ଛାତ୍ରମାନଙ୍କୁ ରୋଜଗାରକ୍ଷମ କରିବା ଏବଂ ସେମାନଙ୍କ ପାଇଁ ରୋଜଗାରର ଅବସର ସୃଷ୍ଟି କରିବା । ଦାରୁସ୍ ସନାଅତ୍ କାଦିୟାନ୍ ସରକାରୀ ଶିକ୍ଷାନୁଷ୍ଠାନ NSIC ଦିଲ୍ଲୀ ଏବଂ ISO ଦ୍ୱାରା ପଞ୍ଜିକୃତ ଅଟେ। ଉକ୍ତ ଶିକ୍ଷାନୁଷ୍ଠାନରେ ଏକ ବର୍ଷ ପାଇଁ ନିମ୍ନ ଲିଖିତ କୋର୍ସ (ପାଠ୍ୟକ୍ରମ)ର ତାଲିମ୍ ଦିଆଯାଇଥାଏ ଯଥା:- (1) Computer applications (2) Plumbling (3)Electrician (4) Welding (5) Motor vehicle (6) Diesel mechanic (7) AC and Refrigerator ଇତ୍ୟାଦି ।

କାଦିୟାନ୍ ବାହାରରୁ ଆଗତ ଅହେମଦି ଛାତ୍ରମମାନଙ୍କ ରହିବା ନିମନ୍ତେ Mess ଓ Hostelର ବ୍ୟବସ୍ଥା ମଧ୍ୟ ରହିଛି । ରହିବା ଓ ଖାଇବା ନିମନ୍ତେ କୌଣସି ଦେୟ ଦେବାକୁ ପଡ଼ିବ ନାହିଁ । ଅର୍ଥାତ୍ ସଂପୂର୍ଣ୍ଣ ମାଗଣା କେବଳ କୋର୍ସ ଫି ବାବଦକୁ ଅତି ସହଜ ଓ ସାଧାରଣ କିସ୍ତି ନିଆଯାଇଥାଏ । ଏପରି ଅହେମଦି ଯୁବକମାନେ ଯେଉଁମାନେ ନିଜର ବିଦ୍ୟାଳୟ ଶିକ୍ଷା ସମାପ୍ତ କରିପାରି ନାହାନ୍ତି କିମ୍ବା ସେମାନେ 8th ଓ 10th ଶ୍ରେଣୀ ପରେ ଟେକ୍‌ନିକାଲ କୋର୍ସ (ପାଠ୍ୟକ୍ରମ) କରିବା ନିମନ୍ତେ ଇଚ୍ଛୁକ ଅଟନ୍ତି ତେବେ ସେମାନେ ଆଡ୍‌ମିଶନ ନିମନ୍ତେ ଯଥାଶୀଘ୍ର ଯୋଗାଯୋଗ କରନ୍ତୁ । ଅହେମଦି ପିଲାମାନଙ୍କର ଧାର୍ମିକ ଶିକ୍ଷା ନିମନ୍ତେ ମଧ୍ୟ ବ୍ୟବସ୍ଥା ରହିଛି । ନୂତନ ସେଶନ୍ (ଶିକ୍ଷାବର୍ଷ) 2026-27 ନିମନ୍ତେ ପ୍ରବେଶ ପ୍ରକ୍ରିୟା ଆରମ୍ଭ ହୋଇ ସାରିଛି । ଉକ୍ତ ଶିକ୍ଷା ବର୍ଷର କ୍ଲାସ୍ ଅଗଷ୍ଟ ମାସ 1 ତାରିଖ 2026 ଠାରୁ ଆରମ୍ଭ ହୋଇଯିବ । ଅଧିକ ବିବରଣୀ ଜାଣିବା ନିମନ୍ତେ ନିମ୍ନ ଲିଖିତ ନମ୍ବର ଓ email idରେ ଯୋଗାଯୋଗ କରନ୍ତୁ-

**darulsanaat.qadian@gmail.com,**
**9872725895, 8604024043**
**(ପ୍ରିଂସିପାଲ୍ ଦାରୁସ୍ ସନାଅତ୍ କାଦିୟାନ୍)**

☆--☆--☆

## (ବିଶେଷ ସୂଚନା)

ଏତଦ୍ୱାରା ଜମାଅତ୍‌ର ସମସ୍ତ ସଦସ୍ୟବୃନ୍ଦଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ତା- **1 ଅପ୍ରେଲ୍ 2026** ମସିହା ଠାରୁ ହୁଜୁର ଅନ୍‌ୱର୍ ଅ.ବଙ୍କ ଖୁତ୍‌ବା ଜୁମା ଏମ୍.ଟି.ଏରେ ଠିକ୍ ସନ୍ଧ୍ୟା **5.30** ମିନିଟରେ ପ୍ରସାରିତ ହେବ **ଇନ୍‌ଶାଅଲ୍ଲାଃ** ।

**(ସମ୍ପାଦକ ମଣ୍ଡଳୀ, ବଦର୍)**

## ଯାମିୟା ଅହେମଦିୟା କାଦିୟାନ୍‌ରେ ନାମ ଲେଖାଇବା ନିମନ୍ତେ ଇଚ୍ଛୁକ ଓ ଆଗ୍ରହୀ ଅହେମଦି ଛାତ୍ରମାନେ ଦୟାକରି ଧ୍ୟାନ ଦିଅନ୍ତୁ ! ଚଳିତ ବର୍ଷ ଏପ୍ରିଲ୍ ମାସ 1 ତାରିଖ ଠାରୁ ଯାମିୟା ଅହମଦିୟା କାଦିୟାନ୍ ଠାରେ ମୁବଲ୍ଲିଗ୍ ପାଠ୍ୟକ୍ରମ ଏବଂ ମୁଅଲ୍ଲିମ୍‌ମାନଙ୍କ ପାଇଁ ସ୍ୱଳ୍ପ ଅବଧି ବିଶିଷ୍ଟ ପାଠ୍ୟକ୍ରମ ଓ ମାଦ୍ରାସାତୁଲ୍ ହିଫଜ୍ ପାଇଁ ନାମଲେଖା ଆରମ୍ଭ ହେବାକୁ ଯାଉଛି....

ଯାମିୟା ଅହେମଦିୟା କାଦିୟାନ୍ ହ. ମସିହ୍ ମଉଦ୍ ଅ.ସଙ୍କ ଦ୍ୱାରା ସ୍ଥାପିତ ଏକ ପବିତ୍ର ଧାର୍ମିକ ଶିକ୍ଷାନୁଷ୍ଠାନ ଅଟେ । ଏଠାରେ ଏଯାବତ୍ ସହସ୍ରାଧିକ ବିଦ୍ୱାନ୍ ଏବଂ ମୁବଲ୍ଲିଗିନ୍‌ମାନେ ଶିକ୍ଷା ପ୍ରାପ୍ତ କରି ଇସଲାମ୍ ଧର୍ମର ପ୍ରକୃତ ଶିକ୍ଷାକୁ ପୃଥିବୀର କୋଣ ଅନୁକୋଣ ପର୍ଯ୍ୟନ୍ତ ପରିବ୍ୟାପ୍ତ କରିବାର କର୍ତ୍ତବ୍ୟ ସମ୍ପାଦନ ଓ ନିର୍ବାହ କରି ଆସୁଛନ୍ତି । ସୟେଦିନା ହୁଜୁରେ ଅନ୍‌ୱର୍ ଅ.ବ ମଧ୍ୟ ଅନେକ ଅବସରରେ ଅହେମଦି ଛାତ୍ରମାନଙ୍କୁ ହ. ମସିହ୍ ମଉଦ୍ ଅ.ସଙ୍କ ଦ୍ୱାରା ସ୍ଥାପିତ ଏହି ପବିତ୍ର ଧାର୍ମିକ ଶିକ୍ଷାନୁଷ୍ଠାନରୁ ଶିକ୍ଷା ଆହରଣ କରିବା ସଂକ୍ରାନ୍ତରେ ସେବା କରିବା ପ୍ରତି ଧ୍ୟାନ ଆକର୍ଷଣ କରିଛନ୍ତି । ଅତଏବ୍ ସୟେଦିନା ହୁଜୁର ଅନ୍‌ୱର୍ ଅ.ବଙ୍କ ଆଦେଶାନୁକ୍ରମେ ଅଧିକରୁ ଅଧିକ ୱାକ୍‌ଫିନେ ନଅ ଓ ଅଣ ୱାକ୍‌ଫିନେ ନଅ ଛାତ୍ରମାନଙ୍କୁ ଯାମିୟା ଅହେମଦିୟା କାଦିୟାନ୍‌ରେ ନାମ ଲେଖାଇ ଶିକ୍ଷାର୍ଜନ କରିବା ପ୍ରସଙ୍ଗରେ ଧର୍ମ ସେବା କରିବା ନିମନ୍ତେ ନିଜକୁ ଉପସ୍ଥାପିତ କରିବା ଉଚିତ୍ । ଅତଏବ୍ ସୟେଦିନା ହୁଜୁର୍ ଅନ୍‌ୱର୍ ଅ.ବଙ୍କ ଅନୁମୋଦନ କ୍ରମେ ଚଳିତ ବର୍ଷ ଏପ୍ରିଲ୍ ମାସ 1 ତାରିଖ ଠାରୁ ଯାମିୟା ଅହମଦିୟା କାଦିୟାନ୍ ଠାରେ ମୁବଲ୍ଲିଗ୍ ପାଠ୍ୟକ୍ରମ ଏବଂ ମୁଅଲ୍ଲିମ୍‌ମାନଙ୍କ ପାଇଁ ସ୍ୱଳ୍ପ ଅବଧି ବିଶିଷ୍ଟ ପାଠ୍ୟକ୍ରମ ସକାଶେ ନାମଲେଖା ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଛି । ତେଣୁ ଯେଉଁ ଛାତ୍ରମାନଙ୍କର ମ୍ୟାଟ୍ରିକ୍ ପରୀକ୍ଷା କିମ୍ବା +2ର ପରୀକ୍ଷା ସମାପ୍ତ ହୋଇଯାଇଛି ଏବଂ ଯେଉଁମାନେ ଯାମିୟା ଅହେମଦିୟାରେ କିମ୍ବା ସ୍ୱଳ୍ପ ଅବଧିର ବିଶିଷ୍ଟ ପାଠ୍ୟକ୍ରମରେ ନାମ ଲେଖାଇବା ନିମନ୍ତେ ଇଚ୍ଛୁକ ଓ ଅଗ୍ରହୀ ଅଟନ୍ତି ସେମାନେ "**ଶୋବା ୱକ୍‌ଫେ ନଅ ଭାରତ**" (ୱକ୍‌ଫେ ନଅ ବିଭାଗ) କିମ୍ବା ନଜାରତ୍ ତାଲିମ୍ ସହିତ ଯୋଗାଯୋଗ କରନ୍ତୁ ଓ ଶୀଘ୍ରାତିଶୀଘ୍ର ଫର୍ମ (ଆବେଦନ ଫର୍ମ)ଟିକୁ ପୂରଣ କରି ୱକ୍‌ଫେ ନଅ ଭାରତ ସ୍ଥିତ କାର୍ଯ୍ୟାଳୟକୁ କିମ୍ବା ନଜାରତ୍ ତାଲିମ୍‌କୁ ତୁରନ୍ତ ପ୍ରେରଣ କରନ୍ତୁ ।

**ନାମ ଲେଖାଇବା ନିମନ୍ତେ ନିମ୍ନଲିଖିତ ସର୍ତ୍ତାବଳୀ ଉଦ୍ଦିଷ୍ଟ ରହିଛି:**

**(1)** ମ୍ୟାଟ୍ରିକ୍ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ର ନିମନ୍ତେ ଆବେଦନକାରୀ ଛାତ୍ରର ବୟସ 17 ବର୍ଷ ହୋଇଥିବା ଉଚିତ୍ ଏବଂ +2 ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ର ନିମନ୍ତେ ଆବେଦନକାରୀ ଛାତ୍ରର ବୟସ 19 ବର୍ଷ ହୋଇଥିବା ଆବଶ୍ୟକ । ଯେଉଁ ଛାତ୍ରମାନେ ପବିତ୍ର କୁରଆନ୍ କରୀମ୍ ମୁଖସ୍ତ କରିଛନ୍ତି ସେମାନଙ୍କର ବୟସ ସୀମା ଯଦି ଉପରୋକ୍ତରେ ବର୍ଣ୍ଣିତ ବୟସ ସୀମା ଠାରୁ ଅଧିକ ହୁଏ ତେବେ ସେ କ୍ଷେତ୍ରରେ ସେମାନଙ୍କ ପାଇଁ ବୟସ କୋହଳ କରିଦିଆଯିବ । **(2)** ଯାମିୟା ଅହେମଦିୟାରେ ନାମ ଲେଖାଇବା ନିମନ୍ତେ ଜାତୀୟ କ୍ୟାରିୟର୍ ପ୍ଲାନିଂ କମିଟି ୱକ୍‌ଫେ ନଅ ଭାରତ ଛାତ୍ରମାନଙ୍କର ଇଣ୍ଟରଭ୍ୟୁ (ସାକ୍ଷାତ୍‌କାର) ଏବଂ ଲିଖିତ ପରୀକ୍ଷା ଆୟୋଜନ କରିବ ଓ ଯାମିୟା ଅହମଦିୟା ନିମନ୍ତେ ସେହି ଛାତ୍ରମାନଙ୍କୁ Select (ଚୟନ) କରିବ ଯେଉଁମାନେ ଉପରୋକ୍ତ ସର୍ତ୍ତକୁ ପୂରଣ କରୁଥିବେ । ଲିଖିତ ପରୀକ୍ଷାରେ ପବିତ୍ର କୁରଆନ୍ କରୀମ୍, ଇସଲାମ୍, ଅହମଦିୟତ୍, ଦିନି ମାଲୁମାତ୍, ଉର୍ଦ୍ଦୁ, ଇଂରାଜୀ ଏବଂ ସାଧାରଣ ଜ୍ଞାନରୁ ପ୍ରଶ୍ନ ପଡ଼ିବ । **(3)** ଲିଖିତ ପରୀକ୍ଷାରେ ଏବଂ ସାକ୍ଷାତ୍‌କାରରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରମାନଙ୍କର ନୁର୍ ହସ୍ପିଟାଲ୍ କାଦିୟାନ୍‌ରେ ମେଡ଼ିକାଲ୍ ପରୀକ୍ଷା କରାଯିବ । ଲିଖିତ ପରୀକ୍ଷା, ସାକ୍ଷାତ୍‌କାର ଏବଂ ସୟେଦିନା ହୁଜୁର ଅନ୍‌ୱର୍ ଅ.ବଙ୍କ ଅନୁମୋଦନ କ୍ରମେ ଯାମିୟା ଅହମଦିୟା କାଦିୟାନ୍‌ରେ ମେଡ଼ିକାଲ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରମାନଙ୍କର ହିଁ ନାମ ଲେଖାଯିବ । **(4)** ବିବାହିତ ସ୍ନାତକ ଏବଂ ସ୍ନାତକୋତ୍ତର ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରମାନଙ୍କ ପାଇଁ ସ୍ୱଳ୍ପ ଅବଧି ବିଶିଷ୍ଟ ପାଠ୍ୟକ୍ରମ ପାଇଁ ସମୟ ସୀମା ଅଢେଇ ବର୍ଷ ବୋଲି ଧାର୍ଯ୍ୟ ହୋଇଛି । ଯହିଁରେ ଦୁଇ ବର୍ଷ ଅର୍ଥାତ୍ 24 ମାସ ପାଠପଢ଼ା ସହିତ 6 ମାସ ଟ୍ରେନିଂ ମଧ୍ୟ ଅନ୍ତର୍ଭୁକ୍ତ ରହିଛି । ଅପରପକ୍ଷେ ମ୍ୟାଟ୍ରିକ/+2 ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରମାନଙ୍କ ନିମନ୍ତେ ସ୍ୱଳ୍ପ ଅବଧି ବିଶିଷ୍ଟ ମୁଅଲ୍ଲିମ୍ କୋର୍ସ ପାଇଁ ସାଢେ 3 ବର୍ଷ ଧାର୍ଯ୍ୟ ହୋଇଛି । ଯହିଁରେ 3 ବର୍ଷ ପାଠ ପଢ଼ା ସହିତ 6 ମାସ ଟ୍ରେନିଂ ମଧ୍ୟ ଅନ୍ତର୍ଭୁକ୍ତ ରହିଛି । **(5)** ଅବେଦନ ଫର୍ମ Mail ମାଧ୍ୟମରେ ପ୍ରାପ୍ତ କରିବା ନିମନ୍ତେ ନିମ୍ନରେ ଠିକଣା ପ୍ରଦାନ କରାଗଲା ।

waqfenau@qadian.in

**WAQF-E-NAU DEPARTMENT (NAZARAT TALEEM) Darul Balagh, CIVIL LINE , QADIAN, DISTRICT: GURDASPUR, PUNJAB (INDIA) PIN: 143516, CONTACT: 01872-500975, 9988891775**

(ସଦର୍ ନ୍ୟାସନଲ୍ କ୍ୟାରିୟର୍ ପ୍ଲାନିଂ କମିଟି ୱକ୍‌ଫେ ନଅ ଭାରତ)☆--☆--☆

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan